

# ସ'ଗୋପା ଲୁହ

17 JUL 1959

ଟୁଣ୍ଣୀ ମାତୃ ପୁସ୍ତକ ଭଣ୍ଡାର

୫, ଜ୍ରକଦୁଲଲ ଷ୍ଟ୍ରୀଟ, କଲକତା-୭

ସ୍ୱତ୍ୱ—
ଶ୍ରୀ ଅମୃତ ଦାସ

ପ୍ରକାଶକ—
ଶ୍ରୀ ନରେନ୍ଦ୍ର ସ୍ୱାଇଁ

ପରିବେଷକ—
ଶ୍ରୀ ଗୋପୀନାଥ ସ୍ୱାଇଁ

ମୁଦ୍ରଣ—
ନବ ଶ୍ରୀମାତା ପ୍ରେସ,
୮, ଭୂକୈଲାସ ଷ୍ଟ୍ରୀଟ,
କଲିକତା-୬

ପ୍ରଚ୍ଛଦ ଶିଳ୍ପୀ—
ଶ୍ରୀ ଲକ୍ଷ୍ମୀନାରାୟଣ ନାୟକ

ପ୍ରଥମ ସଂସ୍କରଣ—୧୯୫୯

ମୂଲ୍ୟ—
ଏକ ଟଙ୍କା ବାରଅଣା ବା ଟ ୧.୭୫ ନୂଆପଇସା ମାତ୍ର

ନଂ..275
ତା 7..III..1959
ରାଉରକେଲା

—ଏକ—

—"ଧେ' ତେଲ ହେଲ ଚୁଲି ଅଜଲା ସାଆନ୍ତେ ! ପିଲ୍ଲଟି ଓଷ୍ଲରେ ଅଜିଟି ହେଉଛି । ଘରେ ମୁଠିଏ ଖୁଦ ବି ନାହିଁ । ଏ ବେଳରେ ଆପଣ ଯଦି ଅନସା ନ କରିବେ, ମୁଁ ଆଉ କା' ଦୁଆରେ ଯୋଡ଼ ଭଙ୍ଗି ଠିଆ ହେବ ?"

ଏତକ କହି ମାଗୁଣି ଗାମୁଛ କାନରେ ଲୁହ ପୋଛିଲା ।

କରୁଣି ପଧାନ ହିପେ ନାଶ ବାହାର କରି ଦାନ୍ତରେ ଠିପି ଦେଇ ଚଢ଼ା ଗଳାରେ କହିଲେ—

—"ରୁଲି ଅଜଲା ତ ମୁଁ କଣ କରିବ ? ତୋ ଛୁଆ ଖାଇବାକୁ ନ ପାଇଲେ, ମୁଁ କଣ ସେଥିକି ନଗା ? ତୁ ଆଉ କେଉଁଠି ଯାଇ ଦେଖ୍—ମୋ ପାଖରେ ଇମିତ ବ୍ୟସ୍ତ ହେଲେ କ'ଣ ହେବ ?"

—"ଆଉ କେଉଁଠିକି ଯିବି ସାଆନ୍ତେ ? ନିଅଣ୍ଟି ନୋକ ! ଆପଣଙ୍କ ଭରସା କରି ଅଛି । ନଗଣ କଲେ, ତେଣେ ମୋ ପିଲାଟି ନ ଖାଇ ମରିଯିବ । ଆପଣଙ୍କ ଗୋଡ଼ ତଳେ ପଡ଼ୁଛି । ମଂଟେ କଛି ଧାନ ଦେଢ଼ୀ ଦଅନ୍ତୁ । ଫସଲ୍ ଉଠିବା ସାଙ୍ଗେ ସାଙ୍ଗେ ସୁଧ ଅସଲ୍ ଆଣି ଗୋଡ଼ ପାଖରେ ଥୋଇ ଯିବି ।"

—"ଅଦର ଡ ଭଦ୍ରଲ—ମୁଁ ଧାନ ଦେବି ୧
ନାହିଁ । ତୁ ଅଉ କେଉଁଠି ଯାଇ ଚେଷ୍ଟା କରିବୁ ।"

ଏତକ କହି କରୁଣି ପଧାନେ ପିଣ୍ଡାରୁ ଉଠି ଦାଣ୍ଡ ମଝିରେ ଥମ୍ବ ଠିଆ ହେଲେ । ନାଣ ଦାନ୍ଧାଟି ଅଣ୍ଟାରେ ଖୋସୁ ଖୋସୁ ଡାକିଲେ—

—"ଉପେନ୍ଦ୍ର ! ଉପେନ୍ଦ୍ର ! !"

ଉପେନ୍ଦ୍ର ଆସି ମୁଣ୍ଡ ତଳକୁ ପୋତି ଠିଆ ହେଲା । ଗୋଟିଏ ଡବ୍ବା ଭୋଜପୁଅ ଗୁଡ଼ ନେଇ ତା ହାତକୁ ବଢ଼ାଇ ଦେଇ କହିଲେ—

—"ଏ ବର୍ଷ ଧୋଇଆ ଅଞ୍ଚଳରେ ଧାନ ଫସଲ ଭଲ ହୋଇନି । ଗତବର୍ଷ ଅପେକ୍ଷା ଏ ବର୍ଷ ଧାନ ଦର ଅଧିକ ବଢ଼ିବ, ଆଗରୁ ଧାନତକ ଯଦି ହାତଛଡ଼ା ହୋଇଯାଏ ତେବେ ଟଙ୍କାରେ ଟଙ୍କାଏ ଲାଭ ଆସିବ ବୁଝିଲୁ ?"

ଏ ବିଷୟରେ କରୁଣି ପଧାନର ନଜର ଖୁବ୍ ବେଶୀ । ଅବସ୍ଥା ବୁଝି ସେ ସବୁ ବାଟରେ ହାତ ଦିଏ । ଗାଁର ଘରେ ଯାହାର ଧାନ ସାଇତି ରଖିଛି—ସେତକ ଯଦି ବିକ୍ରି ହୋଇଯାଏ, ତେବେ ଟଙ୍କା ସେ ସେ ହାତରେ ଧରି ରାତ୍ରରେ ରଖିବ—ଅଣି ମୂଳ ଏଇ କଥାକୁ ଚିନ୍ତା କରୁ କରୁ ପଧାନ ବୁଢ଼ା ଆନନ୍ଦରେ ପୁଲକି ଉଠିଲା । ଅଭାବ ସମୟରେ ସେଇ ଟଙ୍କାରେ କିଛି ଘଠା ପୋଖରୀ ଖୋଟାଏ ଧକ୍କା ବୋଠା ତୋଳିବା ପାଇଁ ମନ ଭିତରେ ଗୋଟିଏ ସୁନ୍ଦର କଳ୍ପନା ଆଙ୍କି ହୋଇଗଲା ।

ପଧାନଙ୍କର—ଚୌପାଢ଼ିର ଶେଷ ମୁଣ୍ଡରୁ ମାଗୁଣି କେନାଲ ଗଲା । ବାଧ ଗୋସ୍ୱାମୀଙ୍କ ଅଞ୍ଚଳରୁ କେଲ୍ ଭଳି ପାଣି ଅଛି । ଲଣା ମାଟି ଯୋଗୁଁ ଏଥିରେ ଫସଲ ଅମଦାନୀ ହେଇପାରେ ନା ।

ଖଜଣାର ଟଙ୍କା ସରକାରୀ ଘରେ ଦାଖଲ କରିବା ପାଇଁ ଥାଳି କଂସା ବନ୍ଧକ ପଡ଼େ । ମାଗୁଣିର ସ୍ତ୍ରୀ ଗଣ୍ଠି ସବୁ ହାଉଜାରେ ମରି ଯାଇଛି । ଘରେ ତେର ବରଷର ଝିଅ ଦୁଲେଇ । ମାଗୁଣି ପର ଘରେ ମୂଲ ଲାଗେ । ସକାଳୁ ସଞ୍ଜ ଯାଏ ବିଲରେ ଖଟେ । ଧନଙ୍କୁ ସେ ଯାହା ମଜୁରି ପାଏ ସେଥିରେ ତାର ଗୁଜରାଣ ଚଳେନି ।

ଆଜି ଘରେ କିଛି ନାହିଁ । ପିଲାଟି ତାର କାଲିଠୁଁ ଉପାସ । ବହୁତ ଆଶାରେ ସେ ପଧାନଙ୍କ ପାଖକୁ ଆସିଥିଲା—କିଛି ଧାନ ଦେଢ଼ି ନେବ ବୋଲି । କିନ୍ତୁ ପଧାନେ ମନା କରିଦେଲେ । ମାଗୁଣି ଆଖିର ଲୁହ ଗାମୁଛା କାନିରେ ପୋଛି ହତାଶରେ ସେଠୁ ଚାଲି ଆସିଲା ।

ପିତାଙ୍କର ଏପରି ବ୍ୟବହାର ଦେଖି ଉପେନ୍ଦ୍ର ମନେ ମନେ ଦୁଃଖିତ ହେଲା । ମାଗୁଣିର ମିନତି ଭରା ଛଳ ଛଳ ଆଖି ଦୋ'ଟି କଥା ଭାବି—ପ୍ରାଣ ଭିତର ତାର ହାହାକାର କରି ଉଠିଲା ।

କମ୍ୟୁନିଷ୍ଟ ଉପେନ୍ଦ୍ର କଟକ ସହରରେ ରହେ । ତାର ପ୍ରଧାନ କାମ ହେଉଛି ବଡ଼ ବଡ଼ ସଭା ସମିତିରେ ସହଯୋଗ କରିବା ଓ ନେତା ମାନଙ୍କ ସାଙ୍ଗରେ ମିଳାମିଶା କରି ସେମାନଙ୍କ ଠାରୁ ଦେଶ ବିଦେଶରେ ନାନା କଥା ଶିକ୍ଷା କରିବା । ପଲ୍ଲୀ ଗାଁରେ କିପରି ଗ୍ରାମ ସଂଗଠନ କରାଯିବ ସେ ବିଷୟରେ ଗାଁର କେତେକ ଯୁବକଙ୍କ ସହିତ ପରାମର୍ଶ କରି ନିଜ ଗାଁରେ ଗୋଟିଏ ସମିତି ମଧ୍ୟ ସ୍ଥାପନ କରି ପାରିଛି । ସମିତିର ପ୍ରଧାନ ଉଦ୍ଦେଶ୍ୟ ହେଉଛି—ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଓ ଦରିଦ୍ର ମାନଙ୍କୁ ସାହାଯ୍ୟ କରିବା ।

ସେ ଗତ କାଲ୍ କଟକରୁ ଗାଁକୁ ଫେରି ଆସିଛି । ପିତା-ଙ୍କର ଆଦେଶରେ ସେ ଖମାର ଘରେ ଭାଗ ବଣ୍ଟାଇ ମନ ଦୁଃଖରେ ଫେରି ଆସି, ଚଞ୍ଚଳ ହୋଇ ସେ ତାର ପିତାଙ୍କୁ କହିଲା—

—"ବାପା ! ଦେଶର ଲୋକେ ଯାଉ ମୁଠିଏ ଖାଇବାକୁ ନ ପାଇ ଯଦି ମରୁଥିବେ—ଖମାର ଘରେ ଧାନତକ ଅଟକାଇ ରଖି ପାରିବ କି ?"

ବିସ୍ମିତ ଦୃଷ୍ଟିରେ ପୁଅର ମୁହଁକୁ ଅନାଇଁ ପଧାନେ କହିଲେ—

—"ଜାଣୁନୁ କି ପାଇଁ ? ଏଇଲାଗି ଟଙ୍କାରେ ଛ'ସେର ଭାଉ ଅଛି । ଆଉ ଦୁ'ମାସ ଗଡ଼ିଗଲେ ତିନି ସେରରେ କି ଚାରିସେରରେ ଉଠିବ ହେବ, ସେହି ସମୟକୁ ସବୁତକ ଧାନ ଯଦି ବିକି ଦେବା ଗୁଡ଼ାଏ ଟଙ୍କା ହାତକୁ ଆସିବ । ଧାନତକ ଏବେ ଯଦି ହାତଛଡ଼ା ହୋଇଯାଏ—କେତେକୁ କ'ଣ ପଡ଼ିବ ?"

—"ଗାଁ ମାନେ ଯା' ପାଖରେ ଧାନ ଅଛି ସେ ଖାଇ ପିଇ ବଞ୍ଚିବ ଆଉ ଯା ପାଖରେ ଧାନ ନାହିଁ ସେ ଶୁଖି ଶୁଖି ମରିବ । ଏଇ କଥା ନା ?"

ଉପେନ୍ଦ୍ର ଯେ କ'ଣ କହୁଛି—ଚକ୍ରମଣି ପଧାନେ ଏ କଥାର ମର୍ମ କିଛି ବୁଝି ପାରିଲେନି । ଚକିତ ହୋଇ ଖାଲି ପୁଅର ମୁହଁକୁ ଅନାଇଁ ରହିଲେ ।

ଉପେନ୍ଦ୍ର ବିରକ୍ତ ହୋଇ କହିଲା—

—"ବ୍ରିଟିଶ୍ ଆମଳର ଏ ଅତ୍ୟାଚାର ଆଉ ବେଶି ଦିନ ନୁହେଁ—ଏ ହେଉଛି ଚାଷୀ ମୂଲିଆ ଦେଶ । ବର୍ତ୍ତମାନ ସେମାନେ ସେମାନଙ୍କର ହକ୍ ଦାବୀ ହାସଲ ପାଇଁ ଏକଯୁଟ ହେଲେଣି ।"

ଚକ୍ରମଣି ପଧାନେ ପୁଅର ମୁହଁକୁ ଆଶ୍ଚର୍ଯ୍ୟରେ ଅନାଇ କହିଲେ—

—"ଏ ଓଭାର ଇଂରାଜି କଥା ମୁଁ ବୁଝେନା। ତୁ କ'ଣ କହିବାକୁ ଚାହୁଁ—ଆମର ଘରେ ଯାହା ଧାନ ଖାଉଛନ୍ତି ସେ ସବୁ ଖଇରାତ କରିଦେବ ?"

ଏ କଥାର କୌଣସି ଉତ୍ତର ନ ଦେଇ ଉପେନ୍ଦ୍ର ଚାଲି ଯାଉଥିଲା। କରୁଣି ପଧାନେ ପୁଅକୁ ନିଜ ପାଖକୁ ଡାକି କହିଲେ-

—"ଚାଲି ଯାଅନା ଉପେନ୍ଦ୍ର ! ତୋ ସାଙ୍ଗରେ କଥା ଅଛି, ଶୁଣି ଯା'……।"

ଉପେନ୍ଦ୍ର ଆସି ଠିଆ ହେଲା। କରୁଣି ପଧାନେ କହିବାକୁ ଲାଗିଲେ—

—"ତୋ ବାପାର ପଇସା ଥିଲାନି, ସେ ଅତି କଷ୍ଟରେ ସଂସାର ଚଳାଉଥିଲା। ମାଟିରେ ଘର । ଛପର କରି ଦୁଆରେ ଖଜୁରି ପିଣ୍ଡା କବାଟ ଲଗେଇଥିଲା—ଖଣ୍ଡେ କୋଠାଘର ଆମକୁ କ'ଣ କିଏ ତୋଳେଇ ଦେଇଥିଲା ? ମୋ କଥାର ଉତ୍ତର ଦିଏ ?"

ଉପେନ୍ଦ୍ର ନୀରବ ରହିଲା। କ'ଣ ବା ସେ ଉତ୍ତର ଦେବ ?

ପୁଅର ନୀରବତା ଲକ୍ଷ କରି ପଧାନ ବୁଢ଼ା ପୁଣି କହି-ବାକୁ ଲାଗିଲେ—

—"ଆସି ବୁଢ଼ା ହେଲଣି, କେତେ ଦିନ ଅଛି ବା ବଞ୍ଚିବ ? ସେଥିରେ ପୁଣି ମୁଁ ଶ୍ୱାସ ରୋଗୀ। ମାଟି ଘର—ସନ୍ତ-ସନ୍ତିଆ—ସେଥିରେ ଶୋଇବାକୁ ବଡ଼ କଷ୍ଟ ହୁଏ। ଏଇ ଆଠ ପଞ୍ଚାଣୀ ହରି ବାବୁ ! ଜମିଦାର। ପକ୍କା କୋଠା—ଛପର ଓଟେଲରେ ଘର ତୋଳେଇ ହୋଇଛି। କାହିଁ ? ଦିନେ ତ ଆମକୁ ଖଣ୍ଡେ ପାଟ ଦେଅନ୍ତାଣ ?"

ବାପାଙ୍କୁ ତାର ପ୍ରକୃତରେ ଶ୍ୱାସ ରୋଗ । ସେ କିପରି କଷ୍ଟ ପାଅନ୍ତି, ଉପେନ୍ଦ୍ର ନିଜ ଆଖିରେ ଦେଖିଛି । ଏ କଥାରେ ସେ କ'ଣ ପ୍ରତିବାଦ କରିବ ଉତ୍ତର ଖୋଜି ପାଏନି ।

କରୁଣି ପଧାନେ ଟିକିଏ ହସି ଦେଇ କହିଲେ—

—"ଏଥର ଶୁଣ ଉପେନ୍ଦ୍ର ! ମଣିଷ ଜୀବନରେ ସୁବିଧା-ସୁଯୋଗ ଥରେ ମାତ୍ର ଆସେ । ଧାନ ଭାଉ ଯେତେବେଳେ ଟଙ୍କାରେ ପନ୍ଦର ତୋଳିଏ ଗୌଣି ଥିଲା, ସେତେବେଳେ ଯେ—କି କଷ୍ଟରେ ସଂସାର ଚଳାଇ ଆସୁଥିଲି—ସେ କଥା ଆଜି ବି ମୋର ମନେ ଅଛି । ଶୀତ ଦିନେ ଜମିଦାର ହରି ସାଆନ୍ତଙ୍କ ଦାମୀ ଶାଲ ଦେହରେ ଦେଇ ବୈଠକଖାନାରେ ଆନନ୍ଦରେ ବସି ଉପ୍ସମ ଛାଉଣି । ଆଉ ମୁଁ, ଏକ ଚିରା କାନ୍ଥା ଦେହରେ ଦେଇ ଥର-ଥର ଶୀତରେ ପାଳିଲି ଧାନ କିଆରୀରେ ପହରା ଦେଇ ବୁଲେ । ଆଜି ଟଙ୍କାରେ ସେରେ ଧାନ ବିକେ, ଜମିଦାର ହରି ବାବୁଙ୍କ ପରି ଯଦି ଆସନରେ ବସି ରହେଁ—ତାହା ଦେଖିଲେ ତୋ ମନରେ କ'ଣ ଖୁବ୍ କଷ୍ଟ ହେବ ଉପେନ୍ଦ୍ର ?"

ଉପେନ୍ଦ୍ର ଭାବୁଥିଲା—ସଭା ସମିତିରେ ବକ୍ତୃତା ଦେଇ ଗାଆଁ ଗାଆଁ ବୁଲି କେପିଟାଲିଜିମ୍‌ର ଶାଖା ପ୍ରଶାଖାର ମୂଳୋତ୍ପାଟନ କରିବା ବୃଥା ଚେଷ୍ଟା—କାରଣ କେପିଟାଲିଜିମ୍‌ର ଚେର ମାଟି ତଳକୁ ଗାଡ଼ି ଯାଇ ଖୁବ୍ ଶକ୍ତ ହୋଇ ଯାଇଛି । ଧନୀ ଦରିଦ୍ରର ଖାଦ୍ୟ ଖାଦକ ସମ୍ବନ୍ଧ ଚିରନ୍ତନ । ଗୋଟିଏ ଧ୍ୱଂସ କରି ଅନ୍ୟଟିକୁ ସମୃଦ୍ଧି ଘୋଷଣା କରିବା—ଦୁନିଆର ଏହି ଭଙ୍ଗା ଗଢ଼ା ଅବକାଶ ଅତି ପ୍ରାଚୀନ କାଳରୁ ଧାରାବାହିକ ଭାବେ ଚାଲି ଆସୁଛି । ସୃଷ୍ଟିର ବୈଷମ୍ୟ ମଧ୍ୟ ମୂଳ ନୀତିକୁ ସବଳର ଜୟ ଓ ଦୁର୍ବଳର ପରାଜୟ ନୀତିରେ ସମର୍ଥନ କରି ଆସୁଛି ।

ଉପେନ୍ଦ୍ରର ଚିନ୍ତାମଗ୍ନ ଶାଣ୍ତ ଭାବ ଲକ୍ଷ କରି କହୁଣି ପଧାନ ସସ୍ନେହରେ କହିଲେ—"ମୁଁ ଜାଣେ ତୁ କଟକ ସହରର ନେତା ମାନଙ୍କ ସାଙ୍ଗରେ ମିଳାମିଶା କରି ବଡ଼ ବଡ଼ ସଭାରେ ଖୁବ୍ ସୁନ୍ଦର ବକ୍ତୃତା ଦେଉଛୁ ବୋଲି । ଏହା ଅତି ଗୌରବର କଥା । "ପର ଦୁଃଖ କାତରତା" ସମ୍ବନ୍ଧରେ ତୁ ଯେଉଁଠି ବକ୍ତୃତା କରୁ ସେଠାକାର ଶ୍ରୋତା ମାନେ ଯଦି ହାତତାଳି ଦେବେ, ମୁଁ ବି ସେମାନଙ୍କ ସାଙ୍ଗରେ ହାତ ତାଳି ଦେବି । କିନ୍ତୁ ଗୋଟିଏ କଥା ଜାଣି ରଖ—ଏ ଯୁଗରେ ତୁ ଯଦି ଭୋକ ଉପାସରେ ଗଡ଼ି ମରୁ କେହି ପଚାରିବେ ନାହିଁ । ତୁ ନିହାତି ପିଲା ।"

ଏତିକି କହି କହୁଣି ପଧାନେ ହସି ହସି ସେଠାରୁ ଚାଲିଗଲେ ।

ପିତାଙ୍କ ମୁହଁରୁ ଏପରି କଥା ଶୁଣି ଉପେନ୍ଦ୍ର ମଧ୍ୟ ହସି ଦେଲା । "ପର ଦୁଃଖ କାତରତା" ଶବ୍ଦଟି ଶୁଣିବା ମାତ୍ରେ ସେ ଗମ୍ଭୀର ହୋଇଗଲା । ଉପେନ୍ଦ୍ର ଜାଣେ—କ୍ୟାପିଟାଲିଜମ୍‌ର ସମାଧାନ ପାଇଁ—ଖ୍ରୀଷ୍ଟୀୟ ନୀତି ହେଉଛି—ପୁଞ୍ଜିପତି ମାନଙ୍କ ପ୍ରାଣରେ "ପର ଦୁଃଖ କାତରତା" ଅନୁଭୂତିଟି ଜଗାଇ ଦେବା । କିନ୍ତୁ ସେ ଶିଖିଛି ନେଇ ସୋଭିଏଟର ନୂତନ ମତବାଦ ହେଉଛି—ପୁଞ୍ଜିପତି ମାନଙ୍କ ବିରୁଦ୍ଧରେ ଦରିଦ୍ର ମାନଙ୍କୁ ସଂଗଠିତ କରିବା ଏବଂ ଧନୀ ଦରିଦ୍ର ସଂଘର୍ଷରେ—ଦରିଦ୍ର ସଙ୍ଘ ଶକ୍ତିକୁ ଜୟମାଲ୍ୟରେ ଭୂଷିତ କରିବା—

କିନ୍ତୁ କେଉଁ ପନ୍ଥା ଶ୍ରେଷ୍ଠ ? ରୁଷିଆ ନା' ଭାରତବର୍ଷ ? ରୁଷିଆର ଏହି ସାମ୍ୟବାଦ ପୂର୍ଣ୍ଣ ନୂତନ ମତବାଦ ସତେ କଣ ଭାରତ ଭାରତବାସୀଙ୍କୁ ଶାନ୍ତିର ସନ୍ଧାନ ଦେଇ ପାରିବ ? ଧନ ସମତା [illegible] ପାଇଁ ଯେଉଁମାନେ ବାହୁ ବଳର ପ୍ରାଧାନ୍ୟ

ଘୋଷଣା କରୁଛନ୍ତି, ସେମାନେ କଣ [illegible] ହେଲେ ଅଭ୍ୟାଗୃଷ୍ଟ ଧନୀର ମୁଖା ପିନ୍ଧି ଦରିଦ୍ର ମାନଙ୍କୁ ଗ୍ରାସ କରିବା ପାଇଁ କୁଣ୍ଠାବୋଧ କରିବେନି ?

ଉପେନ୍ଦ୍ରଙ୍କ ଚିନ୍ତା ଧାରରେ ବାଧା ପଡ଼ିଲା। ପଛରୁ କିଏ ଡାକିଲା—

—"ସାନ ବାବୁ !"

ଉପେନ୍ଦ୍ର ମୁହଁ ବୁଲେଇ ଅନେଇଲା—

—"କିଏ ? ମାଗୁଣି ମଉସା ?"

ମାଗୁଣି କାନ୍ଦ କାନ୍ଦ ହୋଇ କହିଲା—

—"ଏଥର ଆଉ ଉପାୟ କିଛି ନାହିଁ ସାନ ବାବୁ ! କ'ଣ ଯେ କରିବି କିଛି ବୁଝି ହେଉ ନାହିଁ। ପିଲାଟି କାଲିଠୁ ଉପାସ। ମୁଠାଏ ଖୁଦ ବି ଘରେ ନାହିଁ।

ମାଗୁଣିର ଅନାହାରକ୍ଲିଷ୍ଟ ମୁହଁଟି ଆଡ଼େ ଉପେନ୍ଦ୍ର ଆଉ ବେଶୀ ସମୟ ଅନାଇ ପାରିଲାନି। ଦୁଃଖ ଆଉ ବେଦନାରେ ଅନ୍ତର ତାର ଫାଟି ପଡ଼ିବାକୁ ଲାଗିଲା। ଗଭୀର ସହାନୁଭୂତି ଦେଖାଇ ମାଗୁଣିର ହାତକୁ ଧରି ପକାଇ କହିଲା—

—"ଆସ ! ଚାଲ ଗୋଟାଏ ନିରୋଳା ଜାଗାକୁ ଯିବା"...

କମରେଡ୍ ଉପେନ୍ଦ୍ର ଭେଦାଭେଦ କଣ ଜାଣେନା—ଉଚ୍ଚ ନୀଚ ଏ ଦୁଇଟା ତା' ଆଖିରେ ସମାନ। ପରକୁ ନିଜର କରି ନେବାରେହିଁ ଥିଲା ତାର ଅପାର ଆନନ୍ଦ। ଯିଏ ଯେଉଁ ଜାତିର ହୋଇ ନା କାହିଁକି, ମନୁଷ୍ୟଙ୍କୁ ମନୁଷ୍ୟ ହିସାବରେ ଗ୍ରହଣ କରିବାହିଁ ହେଉ ପ୍ରକୃତ ଧର୍ମ। ସେଥିପାଇଁ ସେବା କରିବା—ଦରିଦ୍ର ମାନଙ୍କୁ ସାହାଯ୍ୟ କରିବା—ଏଇଥିରେ ତ ମନୁଷ୍ୟର ପରମ ତୃପ୍ତି ! !

ଉପେନ୍ଦ୍ର ଖଣ୍ଡେ ଦୂରକୁ ଆଗେଇ ଯିବା ପରେ ମାଗୁଣିର ହାତଟି ଧରି ପକାଇ କହିଲା—

—"ଗୋଟିଏ କଥା କରି ପାରିବ ମଞ୍ଜୁସା ?"......

ମାଗୁଣି କହିଲା—"କ'ଣ ?"

ମାଗୁଣିର କାନ ପାଖରେ ଉପେନ୍ଦ୍ର ଗୋପନରେ କହିଲା—

—"ବୁଝିଲ ମଞ୍ଜୁସା ! ତମେ କେତେ ଜଣ ଲୋକ ଠିକ୍ କର । ଆମ ଜମିଦାର ଘରେ ଯାହା ଧାନ ଅଛି, ଅଳ୍ପ ସମୟରେ ସେ ସବୁ ଲୁଟ୍ କରି ନେଇ ଯାଅ । ନ ଖାଇ ଶୁଖି ମରିବା ଅପେକ୍ଷା ଲୁଟ୍ କରି ନେଇ ଯିବା ଖୁବ୍ ଭଲ ହେବ । ଭୂମିସ୍ଥ ହେବା ପାଇଁ ପାଲେ ମାଟି—ମରିବା ସମୟରେ ପୋଡ଼ା ହେବା ଲାଗି କିଛି କାଠ ଓ ମାଟିର ମଧ୍ୟ ଆବଶ୍ୟକ ହୁଏ ଖାଲି ମଝିରେ ଏ କେଇଟା ଦିନ ବଞ୍ଚିବାକୁ ହେଲେ ଦୈନିକ ପେଟଭରି ଖାଇବାକୁ ଭାତ—ପ୍ରତ୍ୟେକ ମନୁଷ୍ୟର ଲୋଡ଼ା ହୋଇଥାଏ । ମୂଲିଆ ପରିଶ୍ରମ କରେ ଅଥଚ ପେଟଭରି ଖାଇବାକୁ ପାଏନି । ମୂଲିଆ ଶ୍ରମରେ ପୁଞ୍ଜିପତି ପକ୍କା କୋଠାରେ ବସି ଆରାମ କରେ । ଶ୍ରମିକର ଦାବୀ ଶୁଣି-ବାକୁ ସେମାନଙ୍କୁ ବେଳ ଅଣ୍ଟେନି । ଏହା କ'ଣ ପ୍ରକୃତରେ ମନୁଷ୍ୟ ଜାତିର ସଭ୍ୟତା ? ଏପରି ସଭ୍ୟତାକୁ ମାନିବା କ'ଣ ଠିକ୍ ହେବ । ଯିଏ ବିକୃତ ସଭ୍ୟତାରେ ବସି ଦାନାକୁ ଅଗ୍ରାହ୍ୟ କରେ—ତାକୁ ମାନିବା ଉଚିତ ନୁହେଁ—ଯିଏ ମାନେ ସିଏ ମଣିଷ ନୁହେଁ—କାପୁରୁଷ !"

ଉପେନ୍ଦ୍ରର ମୁହଁରୁ ଏପରି କଥା ଶୁଣି, ମାଗୁଣି ବୋକାଙ୍କ ପରି ଅନାଇ ରହିଲା ।

ମାଗୁଣି ନିଜ ମନରେ ଚିନ୍ତା କଲା--ଉପେନ୍ଦ୍ର ବାବୁଙ୍କର ପ୍ରକୃତରେ ସତ୍ୟ ପ୍ରାଣର ଖୋଲା କଥା ତେବେ ଏପରି ନିର୍ଜନ

ସ୍ଥାନକୁ ମୋତେ ଏକାକୀ ଡାକି ଆଣି ଗୋପନରେ ଏପରି ପରାମର୍ଶ ଦେବାର ଅର୍ଥ କ'ଣ ? ଦରିଦ୍ର ପ୍ରତିବେଶୀଙ୍କୁ ବଞ୍ଚାଇବା ପାଇଁ ତାଙ୍କର ଏହି ସହୃଦୟତା ଭିତରେ ପ୍ରକୃତ ଯଦି କୌଣସି ରକମର କୁଟିଳତା ନ ଥାଏ—ତେବେ ତ ନିଜ ହାତରେ ଖମାର ଘର ତାଲାଟା ଫିଟାଇ ଦେଇ ପାରନ୍ତେ ? ଅଳ୍ପ ସାମାନ୍ୟ ଧାନ ଗଣ୍ଡାଏ ଯଦି ଗରିବଙ୍କୁ ଦିଅନ୍ତି, ପ୍ରଧାନଙ୍କର ସରି ଯିବନି ? ମାଗୁଣିର ଅନ୍ତରରେ ଏପରି ଲୁଟ୍ କରି ନେବାରେ ଯେଉଁ ନିର୍ଲଜ୍ଜତା ପ୍ରକାଶ ପାଇବା ଅପେକ୍ଷା—ନ ଖାଇ ମରିବା ସତ୍ତ୍ୱଠାରୁ ଭଲ । କିଛି କ୍ଷଣ ସମସ୍ତ କଥାକୁ ଗମ୍ଭୀର ଭାବେ ଚିନ୍ତା କରି ମାଗୁଣି କହିଲା—

—"ଛି—ଉପେନ୍ଦ୍ର ବାବୁ ! ଏପରି ଚୋରି କରିବା ପରାମର୍ଶ ତାହାଙ୍କୁ ଦେବା ଠିକ୍ ହେଉନି ?"......

ଉପେନ୍ଦ୍ର ଏଥର ଗଳା ଖୋଲି ବକ୍ତୃତା ସ୍ୱରରେ କହିବାକୁ ଆରମ୍ଭ କଲା—"ଠକୁଛି କିଏ ? ଧନୀ ସଂପ୍ରଦାୟ ନା' ଅନାହାରି କ୍ଳିଷ୍ଟ ଦରିଦ୍ର ଜନତା ? ଦରିଦ୍ର ମାନଙ୍କ ମଧ୍ୟରେ ସୁକୌଶଳ ଜାଲ ବିସ୍ତାର କରି—ଧନ ବୈଷମ୍ୟ ରଚନା କରି—ଲକ୍ଷ ଲକ୍ଷ ଦରିଦ୍ର ଜନତାଙ୍କୁ ଅନାହାରୀ ବା ଅର୍ଦ୍ଧାହାରୀ ରଖି ଯେଉଁମାନେ ନିଜର ଭୋଗ ବିଳାସର ଉପକରଣ ସଂଗ୍ରହ କରନ୍ତି ସେମାନଙ୍କ ପ୍ରତି ଦୟା ଦେଖାଇବା ଆଉ ବେଶୀ ଦିନ ନୁହେଁ ଧଉପା ! ଦରିଦ୍ର ଜନତାର ଶକ୍ତି ସାମର୍ଥ୍ୟ ବର୍ତ୍ତମାନ ବି ଲୋପ ପାଇ ଯାଇନି, ତେବେ ନା ତେବେ ଏହାର ଉପଯୁକ୍ତ ଶାସ୍ତି ମିଳିବ ।"......

ଉପେନ୍ଦ୍ର ଯେ କ'ଣ କହିବାକୁ ଚାହେଁ—ମାଗୁଣି ଏ ସବୁର ଅର୍ଥ କିଛି ବୁଝି ପାରିଲାନି । ଖାଲି ଏତିକି ସେ କହିଲା—ଉପେନ୍ଦ୍ର ବାବୁ ! ଆମେ ହେଲୁ ମୂର୍ଖ କ'ଣ ବା ଏ କଥାର ଅର୍ଥ ବୁଝିବୁ ?

ଏ କଥା ଶୁଣି ମୋର ଯାହା ଧାରଣା ହେଉଛି—ତମେ ଆମକୁ ଭୁଲ ବାଟ ବତେଇ ଦେଉଛ ।”......

ବିସ୍ମିତ ହୋଇ ଉପେନ୍ଦ୍ର କହିଲା—“ଭୁଲ ?”......

ମାଗୁଣି ଫିକା ହସ ଟିକେ ଅଧର କୋଣରେ ଟାଣି କହିଲା—

—“ହଁ, ଭୁଲ ! କାରଣ—ଆମ ପରି ଅନାହାରୀ ମାନଙ୍କୁ ଏ ସବୁ ଉପଦେଶ ନ ଦେଇ, ତୁମର ବାପାଙ୍କୁ ବୁଝାଇ ଯଦି ଗାମାର ଘର ତାଲଟା ଫିଟାଇ ଦେଇ ପାରନ୍ତ—ତେବେ କେମିତି ହୁଅନ୍ତା ? ଆମେ ହେଲୁ ମୂଲିଆ ମୁଣ୍ଡ । ଆମକୁ ବଞ୍ଚାଇ ରଖିବା ପାଇଁ ପୁଞ୍ଜିପତି ମାନଙ୍କର ଦାୟିତ୍ୱ ବହନ କରିବା କ’ଣ ଉଚିତ୍ ନୁହେଁ ? ଯେଉଁ ଷଳାପିତାର ମୋହରେ ପୁଞ୍ଜିପତି ଅର୍ଥ ସଞ୍ଚୟ କରେ—ଏଇ ମୂଲିଆ ତ ପୁଣି ଉପକରଣ ଯୋଗାଇ ଦିଏ ? ଛିଣ୍ଡା ମଇଳା ଲୁଗା ଟିକେ ଯଦି ମଝି ଦାଣ୍ଡରେ ବାଟ ଚାଲି, ତମକୁ କେହି ଉପେନ୍ଦ୍ର ବାବୁ ବୋଲି କହିବେନି ?”......

ମାଗୁଣିର କଥା ଶୁଣି ଉପେନ୍ଦ୍ର ଖୁବ୍ ଗମ୍ଭୀର ହୋଇ କହିଲା-

—“ପୁଞ୍ଜିପତି ମାନଙ୍କ ମଗଜରେ ଏପରି ବୁଦ୍ଧି ଯଦି ନ ପଶେ ?”......

ମାଗୁଣି ହୋ-ହୋ-ହୋଇ ହସି ଉଠିଲା—ଅନାହାରୀ ମୂଲିଆ ପ୍ରାଣର ଏ ଯେଉଁ ହସ ପେଟ ଭିତରୁ ବାହାରି ଆସିଲା ସେ ହସ ଭିତରେ ଯେ ଶାନ୍ତ ପ୍ରବୃତ୍ତି ଥିଲା, ତାହା ଲକ୍ଷ କରି ଉପେନ୍ଦ୍ର ନିଜେ ବିସ୍ମିତ ହେଲା ।

ମାଗୁଣି ପୁଣି ଆରମ୍ଭ କଲା—“ଯେଉଁଠି ବୁଦ୍ଧିର ଅଭାବ ସେଠି ବୁଦ୍ଧି ଦିଅ ଆଉ ଯେଉଁଠି ଭାତ ମୁଠାକ ପାଇଁ ଲକ୍ଷ ଲକ୍ଷ ପରିବାର ଛୁଆନ୍ତା ସମାଧି ନେଉଛନ୍ତି, ସେଠାରେ ଭାତ ମୁଠିଏ

ଖୋରାକ ଦେବାର ବ୍ୟବସ୍ଥା କରଦଅ । ବାପାଙ୍କୁ ତମର ସମ୍ପତ୍ତି ଦେଇ, ଘରବନ୍ଧୁ ଖାଲି ବୁଦ୍ଧି ବଢେଇ ଦେଲେ—ତମକୁ କେହୁ ବୁଦ୍ଧିମାନ ବୋଲି କହୁବେନି ଉପେନ୍ଦ୍ର ବାବୁ ?”

ଉପେନ୍ଦ୍ର ବୁଝିଥିଲେ—କିନ୍ତୁ ଭାରତବର୍ଷ ଶିଖିନି ପାରନ୍ତି । ଭାରତୀୟ ଶିକ୍ଷା ମୂଳରେ ଯେଉଁ ସଂଯମ ଓ ସ୍ୱାତନ୍ତ୍ର୍ୟ ରକ୍ଷା କରିବାର ପ୍ରବୃତ୍ତି ରହୁଛି—ଯୁଗ ଯୁଗ ଧରି ଭାରତୀୟ ସଭ୍ୟତା ଯେଉଁ ଶାନ୍ତିର ବାଣୀ ଜନ ସାଧାରଣଙ୍କୁ ଶୁଣାଇ ଆସୁଛି—ତାହା ଭୁଲିଯିବା କ'ଣ ସହଜ ହେବ ? ଅନ୍ୟାୟର ପ୍ରତିକାର ପାଇଁ ଯେଉଁମାନେ ଶରଣ ପାଇଁ ଆକାଶର ଦେବତା ପାଖରେ ନାଲିଶ୍ କରି ଆସୁଛନ୍ତି—ତଥାପି ମାଟିର ମଣିଷ ପାଖରେ କମର ଭିଡ଼ି ବିବାଦ କରି ବାହାନ୍ତି । ପୁଞ୍ଜିପତିର ଶତ ଅତ୍ୟାଚାର ମୁଣ୍ଡ ପାତି ସହ୍ୟ କରୁଛନ୍ତି—ଗୋଟିଏ ଦୁଇଟି କମ୍ୟୁନିଜମ୍ ବୋଲି ତୁଣ୍ଡରେ ଗାଇ ଦେଲେ, ଗୋଟିଏ ରକ୍ତ ବୃଷ୍ଟିଳ୍ୟ ଘଟଣା ଘଟାଇ ଦେବା ସହଜ କଥା ନୁହେ ?

—“ଉପେନ୍ଦ୍ର ବାବୁ ! ତୁମେ ପିଲା—ଦୁନିଆର ଗତି ବଡ଼ ବକ୍ର । କେଉଁଠି କଲି ଆଉ କେଉଁଠି ଖେଳି ଆଗ ପରଖକରି ପଛେ କାମରେ ହାତ ଦିଅ ?”

—ଦୁଇ—

ନିଜର ସ୍ତ୍ରୀ ମରିଯିବା ଦିନଠୁ ମାଗୁଣିର ଏବେ ଆଗ କଥା ଆଉ ନାହିଁ । ମୃଗୁନି ପଥର ପରି ଚିକ୍କଣ—ନିଦା ଦେହଟି ତାର ଶୁଖି ଗଲାଣି । ପଞ୍ଜରା ହାଡ଼ କେତେ ଖଣ୍ଡି ଦେହରେ ଗଣି ହୋଇ ଯାଉଛି । ବୟସ କାହାରକୁ ଅନାଇ ବସେନି । କହୁଁ କହୁଁ ମାଗୁଣିର ବୟସ ଅସ୍ତି ଦ'କୋଡ଼ି ବାର ହେଲାଣି । ମୁଣ୍ଡରେ ଅଧା ପାଚିଲା ଅଧା କଳା କେଶ କେମ୍ବିକ ନୁଟୁସରେ ଫର ଫର ହୋଇ ଉଡୁଛି । ଅଜି କାଲି ବିଲରେ ସେ ଆଉ ବେଶୀ ସମୟ ଖଟି ପାରେନା । ନିଜର ଯେଉଁ ତିନିମାଣ ଜମି, ସେ ତ ଜମିଦାର ହରି ସାଆନ୍ତଙ୍କ ପାଖରେ ବନ୍ଧକ ପଡ଼ିଛି ।

ମାଗୁଣିର ଆଜି ବି ମନେ ଅଛି—ନିଜର ସ୍ତ୍ରୀ ଯେତେବେଳେ ହଇଜାରେ ପଡ଼ିଥିଲା, ତା' ହାତରେ ଗୋଟିଏ ପଇସା ଥିଲାନି । ସ୍ତ୍ରୀକୁ ତା'ର ବଞ୍ଚାଇ ନେବ ବୋଲି ଜମି ବନ୍ଧା ଦେଇ ସେ ଟଙ୍କା ଆଣିଥିଲା । ଡାକ୍ତର ବାବୁ ଆସିଲେ—ଔଷଧ ଆଣିଲେ । ପାଣି ପରି ଟଙ୍କା ଖରଚ ହେଲା କିନ୍ତୁ ସ୍ତ୍ରୀ ତାର ଆଉ ବଞ୍ଚିଲାନି । ତିନି ବର୍ଷର ଝିଅ ଭୁଲେଇକୁ ନିଜର ସ୍ୱାମୀ ପାଖରେ ଛାଡ଼ି ଦେଇ ମାଗୁଣିର ସ୍ତ୍ରୀ ଆଖି ବୁଜିଲା ଚିରଦିନ ପାଇଁ ।.........

ମାଗୁଣି ବେଳେ ବେଳେ ବସି ଭାବେ—ଏ ଦୁନିଆଁ ଛାଡ଼ି କେଉଁଆଡ଼େ ପଳାଇ ଯିବ । ଯେଉଁଠି ପେଟ ପାଇଁ ଚଣ୍ଡାଏ ଖାଇ ବଞ୍ଚି ରହିବାକୁ ଚିନ୍ତା ନ ଥିବ, ସେଇଠି ଯାଇ ସେ ଶାନ୍ତିରେ ଘର ଖୋଲି ରହିବ ମାତ୍ର ନିଜର ଝିଅ ଦୁଲେଇକୁ ଅନାଇଲେ ତାର ସବୁ ଭାବନା ଗୋଳମାଳ ହୋଇଯାଏ । ମାଆ ଛେଉଣ୍ଡ ଝିଅଟିକୁ ସେ ଛଅ ବରଷ ବେଳୁ କିପରି ପାଳି ପୋଷି ଚଉଦ ବରଷ କାଳ କରେଇ ଆଣିଛି ସେ କଥା ଆଜି ବି ତାର ମନେ ପଡିଲେ ଆଖିରୁ ଲୁହ ଝରେଇ ଆସେ । ପ୍ରାଣ ଭିତରଟା ଝକଲରେ ହାହାକାର କରି ଉଠେ । ହାତର କାମ ହାତରେ ରହିଯାଏ ! ଏକମୁହାଁ ହୋଇ ସେ ଘରକୁ ଛୁଟି ଆସେ ଦୁଲେଇକୁ ଡାକେ—ଝିଅ ଆସି ବାପ ପାଖରେ ବସି ପଡ଼େ । ମାଗୁଣି ଦୁଲେଇର ଅଲରା କେଶ କେରାକ ନିଜ ଖାଇବା ହାତରେ ସାଉଁଳେଇ ଦେଇ—ଦୀର୍ଘ ନିଶ୍ୱାସ ଛାଡ଼େ । ମାଗୁଣିର ଅନ୍ତର ଭେଦ କରି ଯେଉଁ ଉତ୍ତପ୍ତ ନିଃଶ୍ୱାସ ବାହାରି ଆସେ, ତାହା ଆଖିର ଲୁହ ଛଡ଼ା ଆଉ ବୁଝିବ କିଏ ?

କାଲଠୁଁ ଘରେ କିଛି ନାହିଁ । ଓଳିକରେ ପିଲାଟି ଖାଇ ଦୁର୍ବଳ-ହୋଇ ଯାଉଛି । ନିଜେ ବି କିଛି ଖାଇନି—ଖାଡ଼ା ଉପାସ । ଲୋକର ଧାର ନିଜେ ପିନ୍ଧା ସମ୍ଭାଳି ନେବ, ହେଲେ ଆଖି ଆଗରେ ଝିଅଟି ତାର ଭୋକ ଉପାସରେ ଅଝଟି ହେଉଛି—ଏହା ସେ ନିଜ ଆଖିରେ ଦେଖିବ କେମିତି ?

ବଡ଼ ଆଶା ନେଇ ପଧାନଙ୍କ ପାଖକୁ ଛୁଟି ଯାଇଥିଲା ସେ, କିନ୍ତୁ ପଧାନେ ଧାନ ଦେଇ ପାରିବେ ନାହିଁ ବୋଲି ପରିଷ୍କାର ମନା କରିଦେଲେ । ଉପେନ୍ଦ୍ର ବାବୁଙ୍କ ପରାମର୍ଶରେ ମନରେ ମଧ୍ୟ ଭରସା ଆସିଲା—ମୂଲିଆ ମୁଣ୍ଡ । ପର ଘରେ ମୂଲ ଲାଗି ପେଟ ପୋଷିବା କଥା । ବଡ଼ଲୋକଙ୍କ ପୁଅ ପାଳକ କଥାରେ ଲାଗିଗଲେ ଲୋକଙ୍କୁ

କୂଳରେ ଲାଗିବା ପାଇଁ କୌଣସି ଆଶା ଭରସା ନ ଥିବ । ନ ଖାଇ ଶୁଖି ଶୁଖି ମରିବା ସବୁଠୁଁ ଭଲ । କିନ୍ତୁ ସେମିତ ବାନ୍ଧ ଖମାର ଘର ଧାନ ଲୁଟ୍ କରିବା ପାପ—"ମହାପାପ ।"……

ମାଗୁଣି ଭାବିଲା—ଜମିଦାରଙ୍କ ପାଖକୁ ଯାଇ ଆଜ ଥରେ ଗୁହାରି ତାଙ୍କୁ ଜଣାଇବ । କିନ୍ତୁ ସାହସ ହେଉ ନ [illegible] । ଜମି କେବଳ ଦେଖି ଯେଉଁ ଟଙ୍କା ଆଣିଥିଲା ତାକୁ ତ ଏଯାଏ [illegible] ପାରିନି, ଖାଲି ହାତଟାରେ ସେ ଜମିଦାରଙ୍କ ପାଖକୁ ଯାଇ ଟଙ୍କା କିମିତ ମାଗିବ ? ଆଉ, ନୋଟା ଦି' ଖଣ୍ଡି ଯଦି ବଳିକି ପଡୁଛି, ତେବେ ଚେଲିଆ ଅବର ଖାଇବା କଥା । ଏଇପରି କେତେ କ'ଣ ଭାବି ଭାବି ତାର ନଜର ପଡ଼ିଲା ଭିଡ଼ିରେ ଥୁଆ ଯାଇଥିବା ପେଡ଼ିଟି ଉପରେ । ଆଗ୍ରହରେ ପେଡ଼ିଟି ଆଣି ଫିଟାଇଲା—ନାଲି ରଙ୍ଗର କୁମ୍ଭକସା ପାଢ଼ ଦକ୍ଷିଣି ବସ୍ତ୍ରା, ସାତମିଆଁ ଖଣ୍ଡେ ହାପ୍ କମିଜ ଆଉ ଖଣ୍ଡେ କଳା ପାଢ଼ି ଧୋତି । ଆଉ ଟିକିଏ ଭଲ କରି ପେଡ଼ିଟି ଖୋଳାଇ ଦେଖିବା ମାତ୍ରେ ଗୋଟିଏ ପୁଟୁଳି ପାଇଲା । ପୁଟୁଳିଟି ଫିଟାଇ ଦେଖେ ତ ଗୋଟିଏ ଟଙ୍କାମାଳ ଯତ୍ନରେ ଥୁଆ ହୋଇଛି । ମାଗୁଣିର ଆନନ୍ଦର ସୀମା ରହିଲାନି । ସେ ମାଳଟି ହାତରେ ଧରି ଧାଇଁଲା ଜମିଦାର ଘର ସାଆନ୍ତସଙ୍କ ପାଖକୁ ।……

ଜମିଦାର ଚଉପାଢୀରେ ପହଞ୍ଚି ଦେଖେ ତ—ଜମିଦାରଙ୍କ ଗୁମାସ୍ତା ବିଧୁ ପାତ୍ରେ ହିସାବ ପତ୍ର ଲେଖାରେ ବ୍ୟସ୍ତ ଅଛନ୍ତି । ମାଗୁଣି ଥରିଲା ଗଳାରେ ଡାକିଲା—

—"ଗୁମାସ୍ତାବାବୁ !"……

ଖାତା ଉପରୁ ମୁହଁଟି ଉଠାଇ ଚଷମା ଫାଙ୍କ ବାଟେ ଥରେ ମାଗୁଣି ଆଡ଼େ ଅନାଇଦେଇ, ପୁଣି ଖାତାରେ ଆଖି ବୁଲାଇ ବୁଲାଇ ଗୁମାସ୍ତା ବିଧୁପାତ୍ରେ ଗମ୍ଭୀର ହୋଇ କହିଲେ—

—"କିଏ ? ମାଗୁଣି କିରେ ? କେତେବେଳୁ ଆସିଲୁଣି କି ?"

—"କୁହାର ଅଜ୍ଞା ! ଏଇନେ ତ ଆସିଲି"......

—"ଏତେ ରାତିରେ କ'ଣ ହୋଇଛି କି ? ଏମିତି ମୁହଁ ଶୁଖେଇଛୁ କାହିଁକି ?"

—"ନାଇଁ ଅଜ୍ଞା ! ଘରେ କିଛି ନାହିଁ । କାଲିଠୁ ପିଲାଟି ଉପାସରେ ଅଛନ୍ତି ପାଉଁ ହେଉଛି—ଏ ବେଳରେ ଯଦି କିଛି ଖୁଦକୁଣ ନ ହେବ, ତେବେ ଗଣ୍ଡ ମରିଯିବ ସା'ଆନ୍ତେ ?"......

—"ହଁ, ସେ କଥା ବୁଝିଲି ଯେ—ମୁଁ ଏବେ କ'ଣ କରିବି କହ ? ଯଉ ଟଙ୍କା ତ ଦେଇ ପାରିବିନି,—ପୁଣି ତୋର ମୁହଁରେ ଯାଇ ତୋ ପାଇଁ ଜମିଦାରଙ୍କ ପାଖରେ ସୁପାରିଶ କରିବି କହ ?"

—"ଅଜ୍ଞା ! ମୁଁ ଖାଲି ହାତରେ ଆସିନି । ଘରେ ଗୋଟିଏ ଟଙ୍କା ମାଳ ଥିଲା, ସେଇଥିରୁ ବନ୍ଧକ ରଖି ମୋତେ କିଛି ଟଙ୍କା ଦିଅନ୍ତୁ । ମୂଳଟଙ୍କା ସହ ରଖି ଏକ ବରଷ ଟଙ୍କାଟିକ ଶୁଝିଦେବି ।"

ରୂପାସ୍ତ୍ରୀଙ୍କ ହାତକୁ ମାଳଟି ବଢ଼େଇ ଦେଇ ମାଗୁଣି ବାଟ-ଭରେ ଚାହିଁ ରହିଲା । ରୂପାସ୍ତ୍ରୀ ବାବୁ ପାଞ୍ଚ ମାଳଟି ହାତରେ ଧରି ପରୀକ୍ଷା କରିବାକୁ ଲାଗିଲେ । କିଛିକ୍ଷଣ ପରେ କହିଲେ—"ଆରେ ଏ ରୁପା ମାଳଟା ଆଣିଚୁ ? ଅସଲ ରୁପା ବି ନୁହେଁ । ଆଜି କାଲି ଗିଣିଏ ସୁନାର କଳାନ୍ତୁଆ ଦେଇ ଲୋକଙ୍କୁ ଚକ୍ରାନ୍ତ । ରୁପାକୁ କା ପଚାରେ କିଏ ? ଏ ମାଳଟାର ଦାମ ବା କେତେ ହେବ ? ସୁନା ହେଲା ଏ ଯୁଗର ଚଳଣି । ଅଚ୍ଛା, ଆସିଲୁଣି ଯେତେବେଳେ ତୋ ପାଇଁ ଜମିଦାରଙ୍କୁ କହି ଅଟର ଚେଷ୍ଟା କରିବି । ତୁ ଏଇଠି ଟିକିଏ ବସି ଥା, ମୁଁ ଗାଡ଼ି ଭିତରକୁ ଯାଉଛି । ଜମିଦାର ଏଇନେ ଗାଡ଼ି ଭିତରେ ଅଛନ୍ତି......"

ଏତିକି କହି, ମାଗୁଣି ଆଡ଼କୁ ଟିକିଏ ... ଅନାଇ ...

ରା ତ ... ରୌ



ସେ ସେ ମନା କରି ଦେଲା । ଏଇନେ ଅମ ପାଖକୁ ଆସି କହେ ଯେ ଏ ଟଙ୍କା ମାଳଟି ବନ୍ଧକ ରଖି ମୋତେ କିଛି ଟଙ୍କା କରଜ ଦିଅ……"

—"ହୁଁ, ତମେ ସେଇଠୁ କ'ଣ କହିଲ ?"

ଗମ୍ଭୀର ହୋଇ ଜମିଦାର ପଚାରିଲେ ।

—"ମୁଁ ଆଉ କ'ଣ କହନ୍ତି ?……କହିଲି—ଜମିଦାର ବାବୁଙ୍କୁ ଥରେ ପଚାରି ଦେଖେଁ"—ଗୁମାସ୍ତା ବହୁ ଯାଜେ ଏଣିକି ତେଣିକି ଅନାଇଁ ଦେଇ ଜମିଦାରଙ୍କ କାନ ପାଖରେ ଥିବ ଥିବ କରି କହିଲେ—"ଆଜ୍ଞା ! ଏ ବେଳଟା ଘୁଞ୍ଚ ଦେବାର ନୁହେଁ । ମାଗୁଣିଆଟା ତ ମୋହ ବୁଝିଅ । ଏତେ ଦେଇ ପାଞ୍ଚ ଘାଲୁ ମାଲୁମ୍ ନାହିଁ । କୌଣସି ପ୍ରକାର ସାଦା କାଗଜ ଉପରେ ତା' ହାତ ଟିପଟି ବସେଇ ଦେଲେ କାମ ଫତେ । ଟଙ୍କା ଶୁଝି ନ ପାରିଲେ—ବାବୁଅ ଝିଅ ତ ଘରେ ଅଛି । ତେଣୁ କ'ଣ ଅ…"

—"ଆଚ୍ଛା, ତମେ ଏ ଟଙ୍କା ମାଳଟି ତାକୁ ଫେରେଇ… ଓଲଟେ ଟଙ୍କା ଦରକାର ତାକୁ ଦିଅ । ହଁ, ସାଦା କାଗଜରେ ତା'ର ଟିପଟି ନେବା କଥା ଯେପରି ଭୁଲି ନ ଯାଅ…… ।"

—"ନାଇଁ ଆଜ୍ଞା ସେ କଥା ମୁଁ ଭୁଲି ଯିବି ? ବାପ ଅଜା ତେଇଦ ପୁରୁଷ ଏଇ କାମ କରି ଆସିଲେଣି । ବହୁ ଯାଜେ ଗୁମାସ୍ତା-ଗିରି କରି କରି ଆସି ମୁଣ୍ଡ ବାଳ ପାଚିଲା । ଆପଣ ନିଶ୍ଚିନ୍ତରେ ଥାଆନ୍ତୁ । ସବୁ କାମ କିପରି ସୁରୁଖୁରୁରେ ତୁଲେଇ ଦେଉଛି, ଆପଣ ଦେଖିବେ ?"……

ଜମିଦାର ନିଜ କାମରେ ବ୍ୟସ୍ତ ହେଲେ । ଗୁମାସ୍ତା ମାଳଟି ହାତରେ ଧରି ହସି ହସିବା ଗଣ୍ଡା ଭିତରୁ ପଦାକୁ ବାହାରି ଆସିଲେ । ଅନାଇଁ ଦେଖେ ତ—ମାଗୁଣି ମୁହଁଟି ଶୁଖେଇ ଦେଇ ମନ

—ତିନି—

ଗାଆଁର ଶେଷ ମୁଣ୍ଡକୁ ରାଧା-କୃଷ୍ଣ ମନ୍ଦିର । ମନ୍ଦିର ଭିତରେ ସ୍ଥାପିତ ରାଧା-କୃଷ୍ଣଙ୍କ ପଥର-ମୂର୍ତ୍ତି—ଦେଖିଲେ ମନେ ହେବ ସେ ଯେପରିକି ବାସ୍ତା ସାଙ୍ଗରେ କଥାବାର୍ତ୍ତା କରୁଛନ୍ତି ।

ଜଣେ ବୃଦ୍ଧ ସନ୍ନ୍ୟାସୀ ଯୁଗଳ-ମୂର୍ତ୍ତିଙ୍କୁ ପୂଜା କରେ । ଘଣ୍ଟା ଆରତି ବେଳେ ଗ୍ରାମର ସ୍ତ୍ରୀ, ପୁରୁଷ, ବାଳକ, ବୃଦ୍ଧ ସମସ୍ତେ ଆସି ହୁଣ୍ଡି ହୁଅନ୍ତି । ପାଟ ପାଟାମ୍ବରୀ ପିନ୍ଧାଇ ନାନା ପ୍ରକାର ଫୁଲରେ ଯୁଗଳ-ମୂର୍ତ୍ତିଙ୍କୁ ସଜାଇ ଦିଆଯାଏ । ସମସ୍ତେ ଆସି ଯୁଗଳ-ମୂର୍ତ୍ତିଙ୍କ ନିକଟରେ ଭକ୍ତିରେ ମୁଣ୍ଡ ନୁଆଁନ୍ତି, ନିଜ ନିଜର ମନ କାମନା ଜଣାନ୍ତି । ଲୋକ ମାନଙ୍କର ବିଶ୍ୱାସ, ପ୍ରତିମା ନିର୍ଜୀବ ହେଲେ ମଧ୍ୟ ସବୁଙ୍କର ଦୁଃଖ ଶୁଣନ୍ତି । ସଜୀବ ମଣିଷ ଜାତି ନିର୍ଜୀବ ପ୍ରତିମାକୁ ପୂଜା କରି ପାଏ ଶାନ୍ତି ଓ ଅପାର ଆନନ୍ଦ ।

ମନ୍ଦିର ଦୁଆରେ ଭୁଲେଇ ଆସି ଠିଆ ହେଲା । ହାତରେ ଧରିଛି ଫୁଲ ଗୁଚ୍ଛାଏ, ସନ୍ନ୍ୟାସୀ ହାତ ବଢ଼ାଇ ଗୁଚ୍ଛାଟି ତା ହାତରୁ ନେଲେ । ଭୁଲେଇ ମୁଣ୍ଡ ନୁଆଇଁ ଯୁଗଳ-ମୂର୍ତ୍ତିଙ୍କୁ ପ୍ରଣାମ କଲା ।

—"ଆଜ ଅପୁ ଅସ୍ତୁ ତେବେ ହେଉ ଯାଉଛି ତ ଗୋସେଇଁ ?"

ହସି ହସି ସନ୍ନ୍ୟାସୀ କହିଲେ—"ଅରେ ନା'ରେ ନା', ମୋ ମା'ର ହାତରୁ ଠାକୁର ଫୁଲ ନ ମିଳିବା ଯାଏ ସେଇ ପରି ବସି ରହିଥିବେ। ତୁ ତ ନାତି ଆସି ଫୁଲ ତୋଳି ଦେଇ ଯାଉ। ତୋ ଫୁଲ ତୋଳାରେ ପୂଜା ଭଲ ହୁଏ। ଠାକୁର ମୋର ହସି ଉଠନ୍ତି। ସେ ଦିନ ତୁ ଆସିଲୁନି, ଫୁଲ ବି ତୋଳି ଦେଇଗଲୁନି। ଠାକୁର ସେ ଦିନ ମଳିନ ଦିଶିଲେ। ତାଙ୍କ ଦେହରୁ ତେଜ ବାହାରିଲାନି। ପୂଜା ପାଠ ବି ମୋର ବନ୍ଦ ହେଲା—ମୁଁ ଆଉ କ'ଣ କରନ୍ତି କହ ମା'?"......

—"ନାହିଁ ଗୋସେଇଁ ଏଥର ଆଉ କେବେ ଭୁଲ ହେବନି। ଏଣିକି ଆଉ ଠାକୁରଙ୍କ ଫୁଲ ତୋଳି ସାରି ପଛେ ଘର କଥା ବୁଝିବି।"

—"ହଉ ମା'! ଏଣିକି ଦେଖ କରିବୁ"......

ସନ୍ନ୍ୟାସୀ ପୂଜାରେ ମନ ଦେଲେ। ଦୁଲେଇ ମନ୍ଦିରଦୁଆରେ ବସି କହ୍ନୁ ଯୁଗଳ-ମୂର୍ତ୍ତି ଆଡ଼କୁ ଅନାଇଁ ଭାବିଲା—"ସେ ଦିନ ସେ କାହିଁକି ଆସି ପାରିନି? ଘରେ ମୁଠାଏ ଖୁଦ ବି ନ ଥିଲା। ବାପା ତାର ଦୁଇ ଦିନ ହେଲା କିଛି ଖାଇନି। ସେ ବି ତ ଉପାସ ଥିଲା। ପଡ଼ୋଶୀ ଘରୁ ସେତେ କି କୁଣ୍ଡାଏ ଚାଉଳ ବି ଉଧାର ମିଳିଲାନି ତାକୁ। ଶେଷକୁ ବାପା ତାର ମହାଜନଙ୍କ ଘରୁ ଧାନ ଆଣିଲା ସାଦା କାଗଜରେ ଟିପ ଦେଇ। ସେଇ ଧାନତକ ଉସେଇଁ ଶୁଖେଇ କୁଟି ସଜ ବାପାକୁ ତାର ଖୁଆଇବା ପାଇଁ ତର ପାଇଲାନି, ଠାକୁରଙ୍କ ପାଇଁ ଫୁଲ ତୋଳିବାକୁ ବେଳ କାହିଁ ତାକୁ? ନା, ଏପରି ଭୁଲ ସେ ଆଉ କରିବନି ବୋଲି ମନେ ମନେ ସ୍ଥିର କଲା। ଏଣେ ଠାକୁରଙ୍କ ପୂଜା ଫୁଲ ତୋଳି ସାରି ପଛେ ଘର କଥା—ବାପା

କଥା ଭୁଲିଗଲେ । ହେ ଠାକୁରେ ମୋର ଦୋଷ ହେଉଛି—କ୍ଷମା କରନ୍ତୁ ମୋତେ"......

ବନ୍ଧୁ ଭକ୍ତ ଭୂଇଁରେ ମୁଣ୍ଡ ନୁଆଁଇ ଆଉ ଥରେ ଠାକୁରଙ୍କୁ ପ୍ରଣାମ କଲା । ମୁଣ୍ଡ ଉଠାଇ ଦେଖେ ତ—ତା' ଆଗରେ ଜଟାଧାରୀ ଠିଆ ହୋଇ ରହିଛି । ମୁହଁଟି ତାର ଲଜ୍ଜାରେ ନାଲି ପଡ଼ିଗଲା । ତାଙ୍କୁ ଦେଖି ମୋର ସେ ଯେଉଁଠି ଥମି ରହିଲା । କଅଣ ଯେ କହିବ ଛାତିରେ ତାର କଥା ପଶିଲାନି ।

—"ମୋତେ କଣ ଆଉ ଗଲୁ ଭୁଲି ?"......

"......................"

ହୁଳେଇ ନୀରବ ରହିଲା ।

ସନ୍ନ୍ୟାସୀ ହସି ହସି କହିଲେ—

—"କିଏ ଭୂପ ? କେତେଦିନୁ ତୋଠାରୁ ଅଛିଲୁ ବାପ ?"

—"ଗତ କାଲିଠୁ ଯେଉଁ ଆସିଛି ଅଜ୍ଞା ! ଗୁଡ଼ାଏ କାମରେ ଲାଗିଥିବାରୁ ଗତ କାଲିରେ ଆପଣଙ୍କୁ ପ୍ରଣିପାତ କରି ପାରିନି । ତେଣୁ ପାଇଁ ଭୁଲି ଆସିଲି ।" ବନ୍ଧୁ ଭକ୍ତ ଉଠିପଡ଼ି ତାଇ ସନ୍ନ୍ୟାସୀଙ୍କ ପାଦ ଧୂଳି ଆଣି ମୁଣ୍ଡରେ ମାରିଲା ।

ସନ୍ନ୍ୟାସୀ ସ୍ନେହରେ ଭକ୍ତର ମୁଣ୍ଡରେ ହାତ ବୁଲାଇ ବୁଲାଇ କହିଲେ—

—"ତମ ଦୁ'ଜଣଙ୍କୁ ଏଇ ମନ୍ଦିରରେ ଏକାଠି ଦେଖିବାକୁ ପାଇଲେ ମୋ ମନରେ ଭାରି ଆନନ୍ଦ ଆସେ । ମୋ'ର ଆଖି ଆଗରେ ତମେ ଦୁହେଁ ଭା'ଇ ଧୂଳିଖେଳ ଖେଳୁଥିଲ କିନ୍ତୁ ଆଜି ଦୁ'ଜଣଯାକ ବଡ଼ ହୋଇଗଲ ମତ ଲାଗିଲି ମୋ'ର ଆଖି ଆଗରେ ତମ ଦୁ'ଜଣଙ୍କର ସେହି ପିଲା ଦିନର ଚଇଁଳ ଝଲ ଝଲ ମୁହଁ ନାଚି ଯାଉଛି"......

—"ସେଇ ପିଲା ଦିନର ସ୍ମୃତି ନେଇ ତ ଅଜି ଅପଣଙ୍କ ପାଖକୁ ଧାଇଁ ଆସିଛି । ହେଲେ ଦୁଲେଇର କ'ଣ ସେ ସବୁ ମନେ ଅଛି ଗୋସେଇଁ ? ସେ ତ ତାର ଉପ ଭାଇକୁ ଭୁଲି ସାରିଲାଣି ।"

—"ଅସିଲ କି ନାଇଁ ମୋ ନାଁରେ ପିସାଦ ଯୋଡିଦେଲ ?"

ଦୁଲେଇ ଅଭିମାନ କରି କହିଲା ।

—"ଅଚ୍ଛା, ସତ କହିଲୁ ଦୁଲି ! ତୁ ମୋତେ ଭୁଲି ଯାଇନୁ ? ମୁଁ କାଲିଠୁଁ କଟକରୁ ଆସିଲିଣି । କାହିଁ ? ତୁ ତ ଦେଖା କରିବାକୁ ଅସିଲୁନି ?"

—"ଜାଣିଥିଲେ କି ନା ଯାଇଥା'ନ୍ତି ?"

—"ମୋ ଅସିବା କଥା ଜାଣିନୁ ?"

—"ନା !"......

—"କାହିଁକି ? ନଉଷା କହି ନାହାନ୍ତି ?"

ଉପେନ୍ଦ୍ର ଅଶ୍ଚର୍ଯ୍ୟ ହୋଇ ଗଲା । ଦୁଲେଇ କିଛି ନ କହି ସେହିପରି ଠିଆ ହୋଇ ରହିଲା । ପିଲା ଦିନର ଧୂଳି ଖେଳ—ଏଇ ରାଧା-କୃଷ୍ଣ ମନ୍ଦିର ବେଢ଼ା ଭିତରେ ଦୁଇ ଜଣଙ୍କର କଟିଛି । ଦୁଲେଇ ଆଖି ଆଗରେ ନାଚି ଉଠିଲା ସେଇ ପିଲା ଦିନର କଥା । ସେ ଭାବିଲା—ଗାଁ ସ୍କୁଲରୁ ଫେରିବା ବାଟରେ ଏଇ ମନ୍ଦିର ବଗିଚାକୁ ସେ ଅସେ ତାର ଏଇ ଉପ ଭାଇ ସାଙ୍ଗରେ । ପାଚିଲା ପିଜୁଳି ଖାଏ । ଉପ ଭାଇ ତାର ଜାମୁ ଗଛରେ ଚଢି ସୁନ୍ଦର ସୁନ୍ଦର ଜାମୁକୋଳି ତା' ଅଣ୍ଟିରେ ଅଣି ଦିଏ । ଦୁହେଁ ବସି ଏକାଠି ଖାଆନ୍ତି । ପୁଣି ଧୂଳିଖେଳ ଅରମ୍ଭ ହୁଏ । ଦୁଇ ଜଣଙ୍କ ଭିତରେ ହୁଏ କଳି । ଦୁଲେଇକୁ ଉପ ଚିଡ଼ାଏ । ଦୁଲେଇ ଅଭି-ମାନରେ କାନ୍ଦେ । ଶେଷରେ ମନ୍ଦିରର ଏଇ ବୃଦ୍ଧ ସନ୍ନ୍ୟାସୀ ଅସି ସେମାନଙ୍କର କଳି ମେଣ୍ଟେଇ ଦିଅନ୍ତି । ପୁଣି ଦୁଇ ଜଣଙ୍କ ଭିତରେ

ପିଲାମିଶି ଖେଳୁଥାଏ । ଗୋଟିଏ ଗଛ ମୂଳେ ଉପେନ୍ଦ୍ର ଯାଇଁ ବସେ । ଭୂଟେଲକୁ ପାଖକୁ ଡାକି ଆଦର କରି ତା ପାଖରେ ବସାଏ । ଉପେନ୍ଦ୍ର କଥା କହେ—ରାଜା ପୁଅ, ରାଜା ଝିଅକୁ ପକ୍ଷୀ-ରାଜ ଘୋଡାରେ ବସେଇ କିପରି ନଦୀ ଜଙ୍ଗଲରେ ଯାଇ ବାଟ ଭଣା ହେଲା—ତା ଅପ୍ସରୀ କିପରି ରାଜା ଝିଅକୁ ଖାଇବାକୁ ଆସିଲା—ଏ କଥା ସବୁ ଏବେ ବି ଭୁଟେଲର ମନେ ଅଛି । ତା'ରି ପରି କଥା ଗୁଡାକ ଆଖି ଆଗରେ ଚିତ୍ର ପରି ନାଚି ଯାଉଛି । ଆଜି ସେଇ ଉପେନ୍ଦ୍ର ତାର ଭଙ୍ଗାଘରେ ଯାଇ ପଡିଛି । କିଏ ଦିନେ ଦୁ'ଭଣା ଯାଇ ସେନା ଏମା ପାଙ୍ଗରେ ଖେଳୁଥିଲେ ? କିନ୍ତୁ ଆଜି ଦ'ଭଣ ମାଜ ଭଟ୍ଟ ଚାଲିଛି । ଉପେନ୍ଦ୍ର ଧନୀ ଘରର ପୁଅ । ଭୁଟେଲ ଗରିବ ଘରର ପୁଅ । ଉପେନ୍ଦ୍ରର ବାପା ଅଗାଧ ସମ୍ପତ୍ତିର ମାଲିକ । ଆଉ ଭୁଟେଲର ବାପା ମୂଲିଆ । ଆକାଶ ପାତାଳ ଫରକ । ଭୁଟେଲ ଆଉ ସହି ପାରିଲାନି । ଦୋହେଇଁକୁ ପ୍ରଣାମ କରି ବାହାରି ଆସିଲା ଘରକୁ ।

ଭୁଟେଲ କଥା ନ କହି ଚାଲି ଯାଉଛି । ଉପେନ୍ଦ୍ର କିଛି ବୁଝି ପାରିଲାନି । ତଥାପି ଡାକିଲା—

—"ଭୁଲି !"......

ଭୁଟେଲ ଶୀଘ୍ର ଦୂରକୁ ଚାଲି ଯାଉଛି । ଉପେନ୍ଦ୍ର ତାକୁ ଛୁଇଁ ଠିଆ ହୋଇ କହିଲା ସେ ।

ଉପେନ୍ଦ୍ର ଧୀରେ ଧୀରେ ତାକୁ ଚାହିଁ କହିଲା—

—"କ'ଣ ହୋଇଛି ତୋ'ର ? କଥା କହୁନୁ ଯେ ?"

—"ଭାଇନା, ଆସି ଆଉ ଘରକୁ ଯାଇନା ଭାଇଙ୍କ ?"

—"ଓ—ଏଥିପାଇଁ ରାଗ କରି ଚାଲି ଯାଉଛୁ ? ମଣିଷ ଭାବି ଆମ ଘରକୁ ଆସିଥିଲେ—ତାଙ୍କ ସାଙ୍ଗରେ ମୋର

ଦେଖା ହେଉଥିଲା । ଭାବିଲି ସେ ତୋତେ ନିଶ୍ଚୟ କହୁଥିବେ । କିନ୍ତୁ……"

—"ବାପା ମୋତେ କହୁ ନାହାନ୍ତି । ଘରକୁ ଆସି ଦେହ କ'ଣ ହେଉଛି ବୋଲି କହୁ ଶୋଇ ପଡ଼ିଲେ । ସକାଳୁ ଉଠି ବିଲକୁ ଯାଇଛନ୍ତି । ମୁଁ ଘର ପାଇଁ ସାରି ମନ୍ଦିରକୁ ଫୁଲ ଦେବାକୁ ଆସି…

—"ମୋତେ ଭେଟିଲ ନୁହେଁ ?"

ଏତକ କହୁ ଦେଇ ଉପେନ୍ଦ୍ର ହସି ଉଠିଲା । ଦୁଲେଇ ମଧ୍ୟ ହସି ଦେଇ ଲାଜରେ ତଳକୁ ମୁହଁ ପୋତିଲା ।

ସନ୍ନ୍ୟାସୀ ରାଧା-କୃଷ୍ଣଙ୍କ ପୂଜା ଶେଷ କରି, ମନ୍ଦିର ଭିତରୁ ବାହାରି ଆସିଲେ । ଦୁଲେଇ ଆଉ ଉପେନ୍ଦ୍ରକୁ ଦେଖି ହସି ହସି କହିଲେ—

—"ତମ ଦ'ଜଣଙ୍କର ସେଇ ପିଲା ଦିନର ସ୍ୱଭାବ ଆଉ ଯିବନି ? ଆଗ କଳିକଜିଆ କରି ପଛେ ଯାଇ କଥାବାର୍ତ୍ତା ହେବ ।"

—"ନାଇଁ ଗୋସାଇଁ ! କାଲିଠୁଁ ଆସି ଆଗ ଦୁଲେଇ ସାଙ୍ଗରେ ଦେଖା କରିନି ବୋଲି ସେ ମୋ ଉପରେ ରାଗିଛି… ।"

—"ଛି', ଅଭି ରାଗ କ'ର ନା ମା' ! ତମେମାନେ ଯାଅ । ମୁଁ ଯାଏଁ ତେଣେ ମୋର କେତେ କାମ ପଡ଼ି ରହିଛି ।"

ସନ୍ନ୍ୟାସୀ ଚାଲିଗଲେ ।

ଉପେନ୍ଦ୍ର ଦୁଲେଇକୁ କହିଲା—

—"ଆ, ଦୁଲି ! ଏଇଠି ବସି କଥାବାର୍ତ୍ତା ହେବା ?"

ମନ୍ଦିର ବେଢ଼ା । ଲତାପତ୍ର ଘେରା କୁଞ୍ଜବନ—ନାନାଜାତିଆ ଫୁଲ ଫଳରେ ଭର୍ତ୍ତି ହୋଇଛି । ପୋଖରୀ ଗୁଡ଼ିଏ ଘାଟରେ ଗୁଆ ନଡ଼ିଆ ଗଛ । ପଥର ପାହାଚରେ ଛୁଟ ଉଆର । ସେଇଠି ଯାଇ ବସିଲା ଉପେନ୍ଦ୍ର । ଅଭି ତା ପାଖକୁ ଲାଗି ଦୁଲେଇ ମଧ୍ୟ ବସି ପଡ଼ିଲା ।

ଉପେନ୍ଦ୍ର କହିଲା—

—"ପିଲା ଦିନର କଥା ମନେ ଅଛି ଦୁଲି ? ସେ ମନ୍ଦିର ପଛ କୁଞ୍ଜବନରେ ବସି କେତେ ହସ ଖେଳ ହେଉଥିଲା ?"......

—"ସବୁ ମନେ ଅଛି ଉପ ଭାଇ ! ପିଲାଦିନ କଥା ଏଯାଏଁ ବି ଭୁଲି ପାରିନି । ଆଜି ବି ମୋର ଇଚ୍ଛା ତୁମେ ଭାଇର ସାଙ୍ଗରେ ହସି ଖେଳି ମୋର ସାରା ଜୀବନ ଏମିତି କଟେଇ ଦେବାକୁ ।"

ଦୁଲେଇ ଏତକ କହି ଉପେନ୍ଦ୍ରର ମୁହଁକୁ ଅନାଇ ରହିଲା । ପିଲା ଦିନର ସମସ୍ତ କଥା ଗୋଟି ଗୋଟି କରି ତା ଆଖି ଆଗରେ ଚଳଚିତ୍ର ପରି ନାଚିବାକୁ ଲାଗିଲା ।

ଉପେନ୍ଦ୍ର ମଧ୍ୟ ଭାବୁଥିଲା ଦୁଲେଇ କଥା-କାଲି ପରି ଲାଗୁଛି । ଦୁଲେଇ ସାଙ୍ଗରେ ପିଲା ଦିନର ଧୂଳିଘର ଖେଳିବା କଥା ଆଜି ସେ ଭୁଲି ପାରିନି । ଦୁହେଁ ଦୁହିଁଙ୍କୁ ଦିନେ ନ ଦେଖିଲେ ପାଗଳ ପରି ହେଇ ଯାଉଥିଲେ । ତାର ପିଲା ଦିନର ଖେଳ ସାଥୀ.........

ଉପେନ୍ଦ୍ର ଚିନ୍ତାସ୍ରୋତରେ ହଠାତ୍ ବାଧା ପଡିଲା । ପଛରୁ କିଏ ଡାକିଲା—

—"ସାନ ଭାଇ !"

ଉପେନ୍ଦ୍ର ଅନାଇଁ ଦେଖେ ତ ରମା ତା ପାଖରେ ହାତ ଯୋଡି ଠିଆ ହୋଇଛି ।

—"କି'ରେ ରମା କଥା କ'ଣ ?"

—"ସାନ ଭାଇ ! ଏଇ କାଗଜ ଖଣ୍ଡିକ ଟିକିଏ ପଢି ମତେ ବୁଝେଇ ଦିଅନ୍ତୁ—ମୁଁ ଜମିଦାରଙ୍କ ଠାରୁ ଦୁଇକୋଡ଼ି ଟଙ୍କା କରଜ ଆଣିଥିଲି । ଋଣ ବୋଝ ମୁଣ୍ଡ ଉପରେ । କ'ଣ କରିବି ? ଉପାୟ କିଛି ନ ପାଇ ସେଇ ଟଙ୍କାରେ ସେ ଜାମିନ୍ଦା ବନ୍ଧେଇ

ଦେଲି । ଜମିରୁ ଯାହା ଧାନ ଅମଳ ହେଲା, କୁଟୁମ୍ବଙ୍କ ପାଇଁ ସାଇତି ରଖି ଆଉ ଯାହା ବଳକା ଧାନ ବିକି ଦେଲି । ଯାହା ଟଙ୍କା ପାଇଲି; ସେତକ ହାତରେ ଧରି ଜମିଦାରଙ୍କ ଟଙ୍କା ସୁଝିବା ପାଇଁ ଚାଲି ଗଲିକୁ—ଜମିଦାରଙ୍କ ଗୁମାସ୍ତା ହିସାବ କରି ମୋଠୁଁ ଅସଲ ସୁଧ ଶହେ ପଚିଶ ଟଙ୍କା ନେବେ ବୋଲି କହୁଛନ୍ତି ।"

ଉପେନ୍ଦ୍ର ରାମ ହାତରୁ କାଗଜ ଖଣ୍ଡିକ ନେଇ ହିସାବ କରି ଦେଖିଲା—

ରାମ ଜମିଦାରଙ୍କ ଠାରୁ ଯାହା ଟଙ୍କା ଆଣିଥିଲା ସେ ଟଙ୍କାର ସୁଧ ଅସଲ ମିଶି ତିନିଗୁଣା ତା'ଠୁଁ ନିଆ ଯାଉଛି । ଅସଲ ପଚିଶ ଆଉ ସୁଧ ଶହେ ଟଙ୍କା ।

—"ଟଙ୍କା ଆଣିବା ସମୟରେ ତୁ କ'ଣ କାଗଜ ଲେଖି ଦେଇଥିଲୁ ?"

—"ହଁ, ସାନବାବୁ ! ଖଣ୍ଡେ ସାଦା କାଗଜରେ ମୋ ବୁଢ଼ା ଅଙ୍ଗୁଳି ଟିପ ବସେଇ ଦେଇଥିଲି"......

—"ବେଶ୍ କରିଚୁ ? ଉପେନ୍ଦ୍ର ବିରକ୍ତ ହୋଇ କହିଲା— ଏଥର ଟଙ୍କା ସବୁ ସୁଝିଦେଇ ସ୍ଥିର ହୋଇ ଘରେ ବସ । ସାଦା କାଗଜରେ ଟିପ ତ ଆଗରୁ ବସେଇ ଦେଇଚୁ ? ସେ ତା'ର ନିଜ ଇଚ୍ଛାରେ ପଚିଶ ଜାଗାରେ ଦୁଇଶହ ବି ଲେଖି ଦେଇପାରେ"...

ରାମ କାନ୍ଦ କାନ୍ଦ ହୋଇ କହିଲା—

—"ସାନ ବାବୁ ! ଏ ବେଳରେ ମତେ ଭରସା ନ ଦେଲେ ମୁଁ ମରିବି ।"

—"ଆଚ୍ଛା ତୁ ଏଇନେ ଘରକୁ ଯା, ମୁଁ ପରେ ଏ ବିଷୟରେ ତୋତେ କହିବି ।"

ରାମ ଚାଲିଗଲା । ଉପେନ୍ଦ୍ର ଆଉ ଭୁଲିଲେ—ତାର ଚିନ୍ତା

ଭାଇଙ୍କୁ ଆଣି ରଖିଥିଲେ । ଦୀର୍ଘ ନିଃଶ୍ୱାସ ପକାଇ ଦୁଲେଇ ଭାଷିଲି—

—"[illegible] ଗରିବଙ୍କ ରକ୍ତକୁ ଶୋଷି ନିଅନ୍ତି, ତଥାପି ସେମାନଙ୍କର ପେଟ ପୂରେନି—[illegible] କଥା କହୁ, [illegible] ଖାଇ [illegible] ନାହାନ୍ତି । ଦେଶ ଯାଗାରେ ଗୋଟିଏ [illegible] ସେମାନଙ୍କର ଭାତି ଥାଏ ନଛେନି ?"…

ଏଇ ତ ପେଷଣ [illegible] ଅମୋଘ ଅସ୍ତ୍ର । ଏଥି ଅସ୍ତ୍ର [illegible] ନିରୀହ କୃଷକ [illegible] ମୁକ୍ତି ପାଇଁ ଘର ଦୁଆରେ [illegible] । [illegible] ଉପାସରେ [illegible] ଭଉଣୀ [illegible] । ଜମିଦାରର ଯୁଲମ ଶାସ୍ତ୍ର [illegible] ଆସୁଛି । ମୂଲିଆ ଅଶ୍ରୁ ପାଣି [illegible] ଧାଏନି । କପାଳରେ ହାତ [illegible] !……

[illegible] ଏ ଦୁନିଆଁ !

[illegible] ? ……[illegible] କେବଳ ମାତ୍ର ସାକ୍ଷୀ । ଏଇ ଈଶ୍ୱରଙ୍କୁ [illegible] ନିରୀହ ଲୋକ ମାନଙ୍କ [illegible] । [illegible] କହନ୍ତି ଈଶ୍ୱର ନ୍ୟାୟବାନ୍……….

[illegible] ଈଶ୍ୱର କ'ଣ ନ୍ୟାୟବାନ୍ ?

[illegible] ? ନିରୀହ ଲୋକ ମାନଙ୍କ ପ୍ରତି ତାଙ୍କର ନ୍ୟାୟ କେଉଁଠି ଥାଏ ?

ଜଣେ [illegible] ନ ପାଇ ହା-ହାକାର [illegible] ଯାଉଛି । ଆଉ ଜଣେ [illegible] ଗଦି ଉପରେ ବସି [illegible] କରୁଛି—ଏଇଥିକୁ କ'ଣ କହନ୍ତି ଈଶ୍ୱରଙ୍କର ନ୍ୟାୟ ?

ହେବ । ଏହା ଦ୍ୱାରା ଗ୍ରାମର ଓ ଜନସାଧାରଣଙ୍କର ମଙ୍ଗଳ ହେବ । ଧୀରେ ଧୀରେ ପ୍ରାଥମିକ କାର୍ଯ୍ୟ ଆରମ୍ଭ ହେଲଣି । ଆଜି ସନ୍ଧ୍ୟାରେ ଠାକୁରାଣୀ ପଡ଼ିଆରେ ଗୋଟିଏ ବଡ଼ ଧରଣର ସଭା ହେବ । ସେଇଠି ଆଜି ସବୁ କଥା ବିଚାର କରାଯିବ ।"

—"ବାପାଙ୍କୁ ଯିବାକୁ କହିବ ?"

—"ମୁଁ ତାଙ୍କୁ କହିଛି । ସନ୍ଧ୍ୟା ପୂର୍ବରୁ ସେ ଆସିବେ ।"

—"ଡେରି ହେଲାଣି—ମୁଁ ଯାଉଛି ରୂପ ଭାଇ । ସମସ୍ତ ଦେଖି ଆମ ଘରକୁ ନିଶ୍ଚୟ ଆସିବ......?"

ରୂପେନ୍ଦ୍ର ଯିବ ବୋଲି କହିଲା । ଦୁଇ ଜଣ ଉଠି ଠିଆ ହେଲେ । ଝବୁ ପାଖେ ବେଞ୍ଚେ ଥିଲେ କେଜାଣି ହଠାତ୍ ଆସି ସେମାନଙ୍କ ଆଗରେ ଠିଆ ହୋଇ କହିଲେ—

—"କିଏ ରୂପ ବାବୁ ? କଟକରୁ କେବେ ଆସିଲକି ?"

ରୂପେନ୍ଦ୍ର ସାମାନ୍ୟ ଟିକିଏ ହସି ଦେଇ କହିଲା—

—"ଏଇ କାଲି ଆସିଲି ଅଜା !"

—"କ'ଣ ପଢା ଶେଷ ହୋଇଗଲା ?"

—"ନାହିଁ ଅଜା ! ଛୁଟିରେ ଆସିଛି ।"

—"ହଉ, ହଉ, ଭଲ କଥା ବାପା । କ'ଣ ମନ୍ଦିର ଆଡ଼କୁ ବୁଲି ଆସିଥିଲ ?"

—"ହଁ !"

—"ସେ କିଏ ? ଦୁଲେଇ କିଲେ ?"

ଦୁଲେଇ ଲାଜରେ ତଳକୁ ମୁଣ୍ଡ ପୋତି ଠିଆ ହେଲା ?"

—"ଅଚ୍ଛା, ମୁଁ ଏଥର ଯାଏଁ ରୂପ ବାବୁ ! ଜମିଦାରଙ୍କର ଗୋଟିଏ ଜରୁରୀ କାମରେ ମୋତେ ନୂଆଗାଁ ଯିବାକୁ ହେବ ।"

● ୯—ଦମ୍ବର ଦାସ

ଦୁଲେଇ ଆଡ଼କୁ କଣେଇଁ କଣେଇଁ ଚାହିଁ, ମୁହଁରେ କୁଟିଳ ହସ ଫୁଟାଇ ଗୁମାସ୍ତା ବାବୁ ପାଣେ ସେଠାରୁ ଚାଲିଗଲେ ।

—"ଲୋକଟାକୁ ଦେଖିଲେ ମୋ ହାଡ଼ ଜଳେ ଉପ ଭାଇ ! ଅସି ବୁଢ଼ା ହେଲଣି ପର କୁଟିଳ ଛାଡ଼ିଲାନି ।"

—"ଏଇ ମାନେ ତ ହେଲେ ଜମିଦାରଙ୍କର ଡାହାଣ ହାତ । ସବୁ କାମରେ ଏଇମାନଙ୍କର ଟାଣୁଆ ହାତ ଗରିବଙ୍କର ସର୍ବନାଶ କରେ । ଅଚ୍ଛା ଦୁଲି ! ଏଥର ତୁ ଯା—ପୁଣି ତୋ ସାଙ୍ଗରେ କାଲିରେ ମୁଁ ଦେଖା କରିବ ।"

ଏତିକି କହି ଉପେନ୍ଦ୍ର ଚାଲିଗଲା । ଉପେନ୍ଦ୍ରର ଯିବା ବାଟକୁ ଦୁଲେଇ ଏକ ଧ୍ୟାନରେ ଅନାଇଁ ରହିଲା । ମନେ ମନେ କେତେ କଣ ଚିନ୍ତା କରି, ଶେଷକୁ ଠାକୁରଙ୍କ ଉଦ୍ଦେଶ୍ୟରେ ନମସ୍କାରଟିଏ ଜଣାଇ ନିଜ ଘରକୁ ଚାଲିଗଲା ।

—ଚାରି—

ଗରିବର କୁଡ଼ିଆ ଆଗରେ ଗର୍ବରେ ମୁଣ୍ଡ ଟେକି ଠିଆ ହୋଇଛି ପୁଞ୍ଜିପତିର ଚୂନମଖା ଇଟାଘର । ତା ଭିତରେ ଦାନବ ପ୍ରକୃତିର ଲୋକେ ମାନବର ମୁଖା ପିନ୍ଧି ନିଃସହାୟ ଗରିବଙ୍କ ପିଠିରେ ହାତ ବୁଲେଇ, ମୁହଁରେ ମିଠାକଥା କହି ରକ୍ତ ଶୋଷି ପିଅନ୍ତି । ଗରିବ ନ ଖାଇ ଶୁଖି ଶୁଖି ଦରମରା ହୁଏ । ଏମାନେ ଘିଅ ପିଇ ଦୁଧରେ କୁଲି କରନ୍ତି । ଏକଥାକୁ କ'ଣ କହନ୍ତି ଈଶ୍ୱର-ଙ୍କର ସୃଷ୍ଟି ? ଏହାହିଁ କଣ ନିୟତିର ଖେଳ ଘର ?

ବୈଠକ ଘରେ ବସି ଜମିଦାର ହରି ସାଆଁନ୍ତସ ଗମ୍ଭୀର ଭାବେ କ'ଣ ଚିନ୍ତା କରୁଥିଲେ । ଗୁମାସ୍ତା ବାବୁ ପାଟେ ଖଣ୍ଡେ ଦୂରରେ ଠିଆ ହୋଇ ହାତ ମଳି ମଳି କହୁଥିଲେ—

—"ଆଜ୍ଞା ! ନିଜ ଆଖିରେ ଦେଖି ଆସିଛି ? ମନ୍ଦିର ବେଢ଼ା ଭିତରେ ମାଗୁଣି ଜେନା ଝିଅ ଦୁଲେଇ ଆଉ ଉପେନ୍ଦ୍ର ଦ'ଜଣ ଯାକ ଏକାଠି ବସିଥିଲେ"......

—"ହୁଁ ! ଆଉ ସବୁ କଣ ଦେଖିଲ ଗୁମାସ୍ତା ବାବୁ ?"

—"ଆଜ୍ଞା ! ବାହୁଁକ ସେ ସବୁ କଥା ପଚାରୁଛନ୍ତି ? ଏତେ ଝିଅଟା ହେଲାଣି—ନଅସଲାକେ ଟୋକାଟା ସାଙ୍ଗରେ ବସି ଏପରି

ହସ ଖୁସି ହେବା କ'ଣ ଭଲ କଥା ହେଉଛି ? ଉପଛା ଗାଁରେ ଥିବା ଯାଏ କିଛି ଭଲ ହେବନି । ଏ ଗାଁ ଲୋକଙ୍କୁ ମତେଇ କଣେ ଗୋଟାଏ ଫନ୍ଦ ଗଢ଼ିଛି । ଗୋଟାଏ ନାଇଟ ସ୍କୁଲ ଗଢ଼ି ଚାଷୀ ଭଣ୍ଡସବୁଙ୍କୁ ସଞ୍ଜରେ ବସି ପାଠ ପଢ଼ାଉଛି । ଏତିକି ବେଳୁ ଯଦି କିଛି ଗୋଟାଏ ପ୍ରତିକାର ନ କରିବେ, ଶେଷକୁ ଫଳ ବଡ଼ ଖରାପ ହେବ । ଆପଣଙ୍କୁ ଆଉ ଏ ଗାଁ ଲୋକେ ମାନିବେନି !"

—"ଅଚ୍ଛା, ତମେ ଗୋଟାଏ କାମ କରି ପାରିବ ! ଆଜିରେ ଉପେନ୍ଦ୍ରର ବାପାକୁ ଯାଇ ଦେଖା କର । ସେ ଯଦି ତାଙ୍କ ପୁଅକୁ ଏ ବିଷୟରେ ସାବଧାନ ନ କରନ୍ତି, ତେବେ ଆମକୁ ସ୍ଥିର କିଛି ନା କିଛି ଗୋଟାଏ ବାଟ କରିବାକୁ ହେବ । ହଁ ମାଗୁଣି ତେଳୀକୁ ଫୁସୁଲା ଫୁସୁଲି କରି କଥାଟା ପକ୍କା କରି ନିଅ । ସେ ଯଦି ରାଜି ହୋଇଯାଏ ତେବେ ତ ସବୁ କଥା ସଫା ହୋଇଯିବ । ଉପେନ୍ଦ୍ର କଥା ପଛରେ ଦେଖିବା । ଟୋକାଟା କଣ ଆମକୁ ବଳେଇ ଯିବ ?"

—"ସେ ବିଷୟରେ ଆପଣ ନିଶ୍ଚିନ୍ତ ଥାଆନ୍ତୁ—ଏପରି ଘରକୁ ଝିଅ ଦେବାକୁ ସେ ଯଦି ନଡ଼େ, ତାର ଅମଙ୍ଗଳ ଛଡ଼ା ମଙ୍ଗଳ ମୋଟେ ନାହିଁ ଅଜ୍ଞା ! ମୁଁ ତାର ଉଣ୍ଡି ବୁଲୁଛି । ସୁଯୋଗ ଦେଖି କଥାଟାକୁ ପକ୍କା କରି ନେବି । ଉପଛା ଯେପରି ଦୁର୍ଲେଭ ପିଲା ଧରିଛି, ତାଲେ କେଉଁ କଥା ହେବ । ସେଥିପାଇଁ କଥା-ଟାକୁ ଶୀଘ୍ର ଶୀଘ୍ର ନିଷ୍ପତ୍ତି କରିନେଲେ ସବୁ ଦିଗରୁ ସୁବିଧା ଅଛି ।"

ଜମିଦାର ସ୍ବରରେ ଗର୍ଜି ଉଠି କହିଲେ—

—"ଉପେନ୍ଦ୍ର, ଉପେନ୍ଦ୍ର ସବୁ ସମୟରେ ଖାଲି ତାଆରି ନାଁ । କ'ଣଟା ବା ସେ କରି ପକାଇବ ? ମୋଠିଁ ଖୋଳା

ବଳଟେ—ଭଣ୍ଡି ଚିପି ଦେଲେ ଦୁଧ ବାହାର ପଡ଼ିବ । ସେ ଜମି-
ଦାର ହର ସାଆଁନ୍ତଙ୍କୁ ଚିହ୍ନି ନାହିଁ ? ସବୁ ଫେରଭାମୀ ତାର
ଛଡ଼େଇ ଦେବ !”......

—“ଅଜ୍ଞା ! ଏ ଗାଆଁର ଅଧେ ଲୋକଙ୍କୁ ନିଜ ହାତ ମୁଠାରେ ରଖି ସାରିଲଣି । ଗୁଡ଼ାଏ ଭଗାକୁ ଏକାଠି କରି ଶେଷକୁ ଯଦି ଗୋଟାଏ କାଣ୍ଡ କରି ବସେ ଆମର ସବୁ ପାଣି ପାଣି ଫାଟି ଯିବ । ତା' ଛଡ଼ା ମୁଁ ଗୋଟାଏ କଥା ଭାବୁଛି—କୌଣସି ରକମ ଉପେନ୍ଦ୍ର ଅଉ ଦୁଲେଇ ନାଆଁରେ ଯଦି ଗୋଟାଏ ବଦନାମ ଗାଆଁରେ ରଟେଇ ଦିଆ ଯାଇ ପାରନ୍ତା, ତେବେ ସବୁ ଦିଗରୁ ଆମର କାମ ହାସଲ ହୋଇ ଯାଆନ୍ତା ।”

ଏତକ କହି ଗୁମାସ୍ତା ଛବୁ ପାତ୍ରେ ଜମିଦାରଙ୍କ ମୁହଁକୁ ଅନାଇଁ ରହିଲେ । କିଛି ସମୟ ଗମ୍ଭୀର ଭାବେ କଣ ଚିନ୍ତାକରି ଜମିଦାର କହିଲେ—

—“ତମେ ଭଲ କଥା ଭାବିଛ । ସେ ଦୁ'ଜଣଙ୍କ ନାଆଁରେ ଯେଉଁ ବଦନାମ ପ୍ରଚାର କରାଯିବ, ସେ କଥା ତମେ କହୁଚ ବୋଲି—ଶେଷକୁ ଯେପରି ଠିକ ନ ପଡ଼େ । ଖୁବ୍ ସାବଧାନ ! ହଁ, ସମାଠା ଯେପରି ହାତ ମୁଠାକୁ ଆସେ ଚେଷ୍ଟା କର । ତାର ହ୍ୟାଣ୍ଡନୋଟ୍‌ରେ କିଛି ଟଙ୍କା ଅସୁଲ ପକାଇ କାଗଜଟିକୁ କଚେଇ ରଖ । ହୁଦସ୍ତେ କିଛି ଗୋଟାଏ କରି ବସିଲେ, ଏମାନେ ସୁଯୋଗ ଉଣ୍ଡି କିଛି ଗୋଟାଏ ଗୋଳମାଳ କରି ପାରନ୍ତି । ଯାହା କରିବାକୁ ଯାଉଚ ଭାବି ଚିନ୍ତି କର ।”

—ଅଜ୍ଞା ! ସମାଠା ପର ସବୁ କଥା ଉପ ଅଗରେ କହୁ ଦେଲଣି ? ନିଜେ ମୁଁ ଉହାଡ଼ରେ ଥାଇ ଶୁଣିଛି । ସାଦା କାଗ-

କରେ ଟିପ ଦେବା କଥା ମଧ୍ୟ କହୁଛି । ସେ ପାକଟାକୁ ହାତ ମୁଠାକୁ ଆଣିବାକୁ ହେବ ।"

—"ଅରେ, ଜପ ଅଗରେ କହିଦେଲେ ସେ ମୋତେ ଏଠୁ ଉଠେଇ ଦେବ, ନୁହେଁ ? ମୋ ଟଙ୍କା ଗୁଡ଼ାକ ମାଟି ଗୋଡ଼ ହେଇନି ଯେ ମୁଁ ସେମିତି ଛାଡ଼ିଦେବି ? ହକ୍ ଟଙ୍କା ଦେଇଛି— କାଗଜ ଟିପ ତାର ପ୍ରମାଣ । ସାକ୍ଷୀ ତ ଅଛି, ମିଛ କହିବେନି ? ତେବେ ସେ କଥାକୁ ମୋଟେ ଚିନ୍ତା କରନି ପାଣ୍ଡେ । ତମକୁ ଯେପରି କହିଲି ସେଇ ପରି କର । ଘମାଟାକୁ କଚେରୀକୁ ଆଣ । ହିଁ, ଉପେନ୍ଦ୍ର ଗାଁରେ କ'ଣ କ'ଣ ସବୁ କହି ଲୋକ ମାନଙ୍କୁ ମାତଉଛି ତାର ଖବର ସଂଗ୍ରହ କରି ମୋତେ ଦିଅ ।"......

କଚେରୀ ଘର ଦୁଆର ସାମନାରେ ଠିଆ ହୋଇ ଘମା ଡାକିଲା—

—"ଗୁମାସ୍ତା ଜୀ !"......

ଜମିଦାର ଅନାଇ ଦେଖନ୍ତି ତ ଘମା ଠିଆ ହୋଇଛି । ଗୁମାସ୍ତାକୁ ଆଖି ଟିପି ଦେଇ, ମୁହଁରେ ପ୍ରସନ୍ନତା ଫୁଟାଇ ହଠାତ୍ କହିଲେ—

—"କିଏ, ଘମ କିରେ ? ଆରେ ପାଖକୁ ନ ଆସି ଦୁଆରଟାରେ ଛିଡ଼ା ହେଇଚୁ କାହିଁକି ? ଆ—ଆ—ଭିତରକୁ ଆ"—

ପାଣ୍ଡେ ଉଠି ଯାଇ ଘମର ହାତ ଧରି ଟାଣି ଆଣିଲେ କଚେରୀ ଘର ମଝି କୋଠାରେ ଘମ ଯାଇ ବସି ପଡି କହିଲା—

—"ଜମିଦାର ସାଆନ୍ତେ ! ମୋର କେତେ ଟଙ୍କା ହେଲା— ସୁଧ ଅସଲ ସବୁ ହିସାବ କରି ଦିଅନ୍ତୁ । ମୁଁ ଟଙ୍କା ଆଣିଛି ।"

ରାମ ମୁହଁରୁ ଏପରି କଥା ଶୁଣି ଜମିଦାରେ ପାଣ୍ଡେଙ୍କ ମୁହଁକୁ ଆଶ୍ଚର୍ଯ୍ୟରେ ଅନାଇଁ ରହିଲେ । ପାଣ୍ଡେ ମଧ୍ୟ ଜମିଦାରଙ୍କ ମୁହଁକୁ ବୋକାଙ୍କ ପରି ଅନାଇଁ ଠିଆ ହେଲେ ।

ମନର ଭାବକୁ ଗୋପନ କରି ମୁହଁରେ ହସ ଫୁଟାଇ ଜମିଦାର କହିଲେ—

—"ଅଚ୍ଛା, ଟଙ୍କା ତ ଆଣିଚୁ ଦେବୁ—ଏପରି ବ୍ୟସ୍ତ କାହିଁକି ହେଉଚୁ ? କାଗଜ ଖଣ୍ଡିକ ତମାଦି ହୋଇ ଯାଉଥିଲା ବୋଲି ମୁଁ ପିଅଦା ପଠେଇଥିଲି । ଏଇଥି ପାଇଁ ତୁ ରାଗି ଯାଇ ଟଙ୍କା ଶୁଝି ଦେବୁ ବୋଲି କହୁଚୁ ?"

—"ଆପଣ ବଡ଼ ଲୋକ ସାଆନ୍ତେ ! ମୋ ପରି ମଲାମୁଣ୍ଡିଆ ଆପଣଙ୍କ ଉପରେ କାହିଁକି ବା ରାଗ କରିବ ? ଆପଣଙ୍କର ହକ ଧାରଟା—ନ ଦେଇ ଯିବି କୁଆଡ଼େ ?"

—"ହଁ, ତା' ତ ଦେବୁ ? ଅଚ୍ଛା, ରାମ ! ଏତେ ଗୁଡ଼ାଏ ଟଙ୍କା ଯୋଗାଡ଼ କଲୁ କେଉଁଠୁ ?"

"......................"

ରାମର ନୀରବତା ଦେଖି ଗୁମାସ୍ତା ବିନୁ ପାଣ୍ଡେ ଅଟ୍ଟ ହସି କହିଲେ—

—"ଯୋଗାଡ଼ ଆଉ କରିବ କେଉଁଠି ? ମୋ ଫଟରେ ଦେବ ବା ଆଉ କିଏ ? ଘର ଭଲା ଖଣ୍ଡିକ ତା' ପାଖରେ ବନ୍ଧକ ରଖି ଟଙ୍କା ଆଣିଥିବ । ପଚାରିଲେ ପାଟିରୁ କଥା ବାହାରୁନି— ଚହାରା ଦେଖି ବୁଝି ପାରୁ ନାହାନ୍ତି ଆଜ୍ଞା ?"

—"ସେଇ ଭଙ୍ଗ ଖଣ୍ଡିକ ଆମକୁ ଯଦି ଲେଖି ଦେଇପାରୁ, ଆମେ କଣ ତୋ ଦରକା ଟଙ୍କା ଗୁଡ଼ ଦେଇ ନ ପାରୁ ?"

ଜମିଦାରଙ୍କ ମୁହଁରୁ ଏପରି କଥା ଶୁଣି ରାମ ଛାତି ଦମ୍ଭ କରି କହିଲା—

—"ଆଜ୍ଞା ! ସେଇ ଦରଖଲି ଖଣ୍ଡିକ ମୋର ଶେଷ ଭରସା । ତାକୁ ଯଦି ବିକିବି କାଅ ଦୁଆରେ ଯାଇ ମୁଣ୍ଡ ଗୁଞ୍ଜିବି । ଘର ଭିଡ଼ି ରହିନ କି ରହିବ ମୁଁ ପଢେଇଲି—ଅପଣଙ୍କ ଟଙ୍କା ଅଣିକୁ କରଜ ଶୁଝିବ ।"

ଜମିଦାରେ ଅଉ କିଛି ନ କହି ରାଗରେ ଫୁଲି ଫୁଲି ଟହଲିବାକୁ ଲାଗିଲେ ।

ଗୁମାସ୍ତା ବଢ଼ୁ ପାତ୍ରେ କିଛି ସମୟ ଖାତା ଭଲ ଭାବେ ଓଲଟ ପାଲଟ କରି କହିଲେ—

—"ଅରେ, ତୋ ଜମିରେ ତ ସୁଧ ଅସଲ ମିଶି ଦେଢ଼ଶହ ଟଙ୍କା ହେଉଛି । ତୁ ସବୁ ଦେଇ ପାରିବୁ ତ ?"

—"ହଁ ଗୁମାସ୍ତା ବାବୁ ! ମୁଁ ସବୁ ଟଙ୍କା ଦେଇ ଦେବି । ମୋ କାଗଜ ଖଣ୍ଡିକ ବାହାର କରନ୍ତୁ !"

ଗୁମାସ୍ତା ବଢ଼ୁ ପାତ୍ରେ ରାମକୁ ଅଉ କିଛି ନ କହି ଜମିଦାରଙ୍କ ମୁହଁକୁ ଅନାଇ ରହିଲେ । ଜମିଦାରେ ତାଙ୍କର ହିଂସ୍ର ଆଖିକୁ ଟିକିଏ ଟିପି ଦେଇ—କାଗଜ ଖଣ୍ଡିକ ରାମକୁ ଦେବା ପାଇଁ ଇଙ୍ଗିତ କରି ଚଟି ହଳକ ଟକ୍ ଟକ୍ କରି ସଦର୍ପରେ ଅନ୍ଦର ମହଲକୁ ଚାଲିଗଲେ । ପାତ୍ରେ ରାମର କାଗଜ ଖଣ୍ଡିକ ଖୋଜିବାରେ ବ୍ୟସ୍ତ ରହିଲେ ।

—"ହଁ ଏଇ ନେ ବାପା ତୋର କାଗଜ ଖଣ୍ଡିକ ।"

ପାତ୍ରେ କହିବା ସଙ୍ଗେ ସଙ୍ଗେ କାଗଜ ଖଣ୍ଡିକ ବାହାର କରି ରାମର ହାତକୁ ବଢ଼ାଇ ଦେଲେ । ରାମ ଏକ ଦୁଇ କରି ଗଣି ଦେଢ଼ଶହ ଟଙ୍କା ଗୁମାସ୍ତାଙ୍କ ହାତରେ ଥୋଇ ଦେଲା । କାଗଜ

ଖଣ୍ଡିକ ହାତରେ ଧରି ଗୁମାସ୍ତାଙ୍କୁ ଦଣ୍ଡବତଟିଏ ପକାଇ ରାମ ସେଠାରୁ ଚାଲି ଯାଇଥିଲା । ଗୁମାସ୍ତ ବହୁ ପାଟେ ମନକୁ ମନ କଣ ଭାବି ଡାକିଲେ—

—"ଅରେ ରାମ ! ଶୁଣି ଯା, ତୋ ସାଙ୍ଗରେ କଥା ଅଛି ।"……

ରାମ ଫେରି ଆସି ଗୁମାସ୍ତାଙ୍କ ପାଖରେ ଠିଆ ହୋଇ କହିଲା—

—"କ'ଣ, କୁହନ୍ତୁ ଗୁମାସ୍ତା ବା ?"

ଗୁମାସ୍ତା ମୁହଁରେ ପ୍ରଫୁଲ୍ଲତା ଆଣି ପଚାରିଲେ—

—"ମୁଁ ଜାଣେ ରାମ ! ତୋ ପାଖରେ ଟଙ୍କା ନାହିଁ । ଖୋଜିଲେ ବି ତୋତେ କେହି ଧାର ଦେବେନି । ତଥାପି ତୁ ଯେ ଏତେ ଟଙ୍କା ଯୋଗାଡ଼ କରି ତୋ କରଜ ଟଙ୍କା ଆଣି ଶୁଝି ଦେଇ ଗଲୁ ତୋତେ ପ୍ରଶଂସା ନ କରି ରହି ପାରୁନି । ଆଚ୍ଛା ବାପା ! ଏତେ ଟଙ୍କା କିପରି ଯୋଗାଡ଼ କଲୁ ? କିଏ ତୋତେ ଦେଲା ?"

—"ଆଜ୍ଞା ! କିଏ ଆଉ ଦବ । ଜୟ ବାବୁଙ୍କୁ ଦୁଃଖ ଜଣେଇଲି । ଗାଆଁରେ ସେ ଯେଉଁ ସମିତି ଗଢ଼ିଛନ୍ତି, ସେଇ ସମିତିରେ ଗୋଟାଏ କପରଟାଇପ ଫଣ୍ଡ ଅଛି । ସେଇ ଫଣ୍ଡରୁ ଟଙ୍କା କରଜ ଆଣିଲି । ମାସକୁ ପାଞ୍ଚଟଙ୍କା କରି ଶୁଝି ଦେବି । ସୁଧ ପଡ଼ିବନି । ଖାଲି ମେହମ୍ବର ଫିଇସି ଅଧିକା ପାଞ୍ଚଟଙ୍କା ନିଅଯାଏ । ଗାଆଁର ଗରିବଙ୍କ ପାଇଁ ଏ ଫଣ୍ଡ ଖୋଲା ଯାଇଛି ।"…

—"ଅରେ, ଗରିବଙ୍କ ପାଇଁ ଗାଆଁରେ ଆଉ କି କି କାମ ସମିତି କରିବାକୁ ଯାଉଛି ?"

—"ଏଇ ପରି କେତେ କାମ ଅଛି ! ମୋର କଣ ମନେ ଅଛି ? ଜୟ ବାବୁଙ୍କ ଠାରୁ ଶୁଣିଲି—ଗାଆଁର ଲୋକ ସବୁ ଏକାଠି

ବସିବେ । କେତେ ଭଲ ଉକିଲ ଲଢ଼ିବେନି । ପାଞ୍ଚ ଜଣଙ୍କୁ ନେଇ ଗୋଟିଏ ଦଳ ବନ୍ଧାଯିବ । ଗାଁର ମୁଖିଆ ମୁଖିଆମାନେ ସେ ଦଳରେ ବସି ବିଚାର କରିବେ । ପୁଣି ଗାଁରେ ଗୋଟିଏ ଡାକ୍ତରଖାନା ଖୋଲା ହେବ । ବିନା ପଇସାରେ ସମସ୍ତଙ୍କୁ ଔଷଧ ଦିଆ ଯିବ ।”

—“ଖୁବ୍ ଭଲ ଭାବ ହେବ ନୁହଁରେ ସ୍ୱପ ? ଗାଁ-ବାଲାଙ୍କ ଦୁଃଖ ଏଥର ଟଳିବ । ଏ’ର ମୂଳିଆ ହେଇ ଅଛି କେତେ ବହୁତେକ । ସମସ୍ତେ ଧନୀ ପାଲଟି ଯିବେ— ।”

ଝାଡ଼ୁ ପାତ୍ରଙ୍କ ମୁହଁରେ ଫୁଟି ଉଠିଲା କୁଟିଳ ମିଶା ବିଦ୍ରୂପର ହସ । ସ୍ୱପର କଳ୍ପନାରେ ତାର ଗୁଳିଗଲା ପରି ମନେ ହେଲା । ସେଠାରେ ବେଶୀ ସମୟ ଅପେକ୍ଷା ନ କରି ଚୌପାଢ଼ୀରୁ ଉଠି ଶୀଘ୍ର ଚାଲି ଆସିଲେ ସେ ।

ପାତ୍ରେ ଖାତା ପତ୍ର ବାନ୍ଧୁ ବାନ୍ଧୁ ମନକୁ ମନ କହିଲେ—

—“ଅରେ···ତୋ ସାଙ୍ଗରେ ଚାଲିବ ? ଗୁମାସ୍ତାଗିରି କରି କରି ମୁଣ୍ଡରେ ଅଧି ବାଳ ପାଚିଲାଣି—ଆମକୁ ପୁଣି କଥାରେ ଫାଙ୍କି ଦେଇ ଚାଲିଯିବୁ ? ଅଛା ! କପଟ ଫନ୍ଦ ସମିତ କରି ଗାଁର ଲୋକଙ୍କୁ ଉଦ୍ଧାର କରିବ ଦେଖିବା ?”

ଖାତା ପତ୍ର ଭାଗ ତଳେ ଜାକି, ବାଡ଼ି ଖଣ୍ଡିକ ହାତରେ ଧରି ଚାଲିଲେ ଅଧର ମଙ୍ଗଳକୁ—ଜମିଦାର ସାଆନ୍ତଙ୍କ ସାଙ୍ଗରେ ପରାମର୍ଶ କରିବା ପାଇଁ । ପାତ୍ରଙ୍କ ମୁହଁରେ ଫୁଟି ଉଠୁଥିଲା କୁଟିଳା ହସ ଆଉ ଆଖିରେ ଥିଲା କୁଟିଳ ମିଶା ଲୁହାଣି ! ! !

—ପାଞ୍ଚ—

—"ବୁଝିଲ ପଧାନେ ! ଝୋଟକାଠାକୁ ଟିକିଏ ଅଡ଼ଟ କର ! ଗାଆଁରେ ଏ ଯେଉଁ ବଦନାମ ଶୁଣା ଗଲାଣି—ଶେଷକୁ ତମ ମୁଣ୍ଡ ଚଳକୁ ଯିବା କଥା ।"......

ଗୁମାସ୍ତା ଷଡ଼ୁ ପାତ୍ରେ ଏତକ କହି ପଧାନଙ୍କ ଅଡ଼କୁ ଅନାଇଁ ରହିଲେ ।

ପଧାନେ ଅଶ୍ଚର୍ଯ୍ୟ ହେଇ ପଚାରିଲେ—

—"ତମର କହିବାର ମର୍ମ ତ କିଛି ବୁଝି ପାରିଲି ନାହିଁ ପାତ୍ରେ ? କଥାଟା କଣ ସିଧା ସଳଖ ନ କହି ଏପରି ବଙ୍କେଇ କହିବାର ଅର୍ଥ କଣ ?"

—ନାହିଁ ମ, ସେହିପରି କଥାଟା ଶୁଣିଲି ବୋଲି କହୁଛି । ପଡ଼ା ପଡ଼ୋଶୀ ହେଇ ଏକାଠି ଘର କରି, ସମସ୍ତେ ଝିଅ ବୋହୂ ସେନା ରହୁଥାଇଁ ଯେତେବେଳେ, ଆମ ଆଖିକି ଅସୁନ୍ଦର ଦିଶିଲା ବୋଲି କହିଲି ।"

—"କଥାଟା କଣ ଫିଟେଇ କହିଲେ ସିନା ଜାଣିବି ?

—"କଣ ଆଉ କହିବି ପଧାନେ ! ଏଇ ତମ ପୁଅଙ୍କ କଥା । ଗାଆଁରେ କେତେଟା ବାବୁସି କଣ୍ଡସବୁ ମତେଇ କଣ ଗୋଟାଏ

ଫଳ ଗଡ଼ି, ଜମିଦାରଙ୍କ ବିରୁଦ୍ଧରେ ଏଣୁ ତେଣୁ ଗୁଜ୍ବାଏ ବାଟେଇ କଥା କହୁ ଲୋକ ମାନଙ୍କୁ ମତାଉଛି । ଏଟା କଣ ଭଲ କଥା ହେଉଛି ? ତେବେ ଟୋକାଟାକୁ ଟିକିଏ ଅଟକ କରି ଦେବଟି ପଧାନେ ! ଜମିଦାର ବାବୁ ନିଜେ ମୋତେ ପଠାଇଲେ—ତମକୁ ଏ ସବୁ କଥା ଜଣାଇ ଦେବାକୁ ।”

ପୁଅର କଥା ଶୁଣି ପଧାନେ ଗମ୍ଭୀର ହୋଇଗଲେ । ସୁଯୋଗ ଜାଣି ପାଏକ ପୁଣି କଥାଟା ଆରମ୍ଭ କଲେ --

—“ଗାଁଅ ସାରା ହୁରି ପଡ଼ିଲାଣି—ମାଗୁଣି ଜେନା ସାଇରେ ଉପେନ୍ଦ୍ର ବାବୁ ଆଜି କାଲି ଆଡ଼ା ଜମେଇଛନ୍ତି । ସେ ଦିନ ସଂଧ୍ୟା-କୃଷ୍ଣ ମନ୍ଦିର ବେଢ଼ା ଭିତରେ ତମ ପୁଅ ଆଉ ଦୁଲେଇ ଏକାଠି ବସି କଥାବାର୍ତ୍ତା ହେଉଥିବାର, ନିଜ ଆଖିରେ ଦେଖିଛି । ମୋ ଉପରେ ଯେମିତି ସେମାନଙ୍କର ନଜର ପଡ଼ିଲା, ଗୋଟାଏ ଜହ୍ନାଡ଼ିଆ ଥାନରେ ଦିହେଁ ଛପିଗଲେ । ଶିକ୍ଷିତ ମିଲୁ—ଏ ପୁଣି ଗୋଟାଏ ବଦ ଆଚରଣ କଣ ? ସେଇଥି ପାଇଁ କହୁଛି ପୁଅକୁ ତମର ସାବଧାନ କରିଦିଅ—

ପାଏଙ୍କ ମୁହଁରୁ ସବୁ କଥା ଶୁଣି ସାରି ପଧାନେ ଖାଲି ଏତିକି କହିଲେ—

—“ବନ୍ଧୁ ! ତୁମେ ଜମିଦାର ବାବୁଙ୍କୁ କହିଦେବ—ମୁଁ ଉପକୁ ବାରଣ କରିଦେବି । ସେ ଆଉ ଗାଁଅ ଲୋକଙ୍କ ସାଙ୍ଗରେ ମିଳାମିଶା କରିବନି କି ମାଗୁଣିର ଘରକୁ ଯିବନି ।”

—“ହଁ, ସେଇକଥା ତମେ ଉପ ବାବୁଙ୍କୁ ବୁଝେଇ ଦିଅ । ଶେଷରେ ଖାନଦାନରେ ଯେପରି କାଳି ଲଗେଇ ନ ଦିଏ । ଅଜ କାଲିକା ଟୋକାଙ୍କୁ କଳ ପାଉନି—ଦ’ଅକ୍ଷର ପଢ଼ି ଗୁରୁଜନଙ୍କୁ କି ମାନୁ ନାହାନ୍ତି ।”

—"ଆଜି କାହିଁକି ସେ ସବୁ କଥା ବଢୁ ? ମୁଁ ତାର ର ବ୍ୟବସ୍ଥା କରିବି । ଆଜିରେ ତାକୁ ବୁଝେଇ ଦେବି । ତମେ ଯାଅ ଜମିଦାରଙ୍କୁ କହି ଦେବ । ମୁଁ ଯାଏଁ, ମୋର ଆଉ ଗାଆଁରେ ଦରକାର ଅଛି ।"

ମନ ଦୁଃଖରେ କହୁଣି ପଧାନେ ସେଠୁ ଚାଲିଗଲେ । ପାଣ୍ଡେ ଚଶମା ଫାଙ୍କ ଦେଇ ପଧାନଙ୍କୁ ଅନେଇଁ ଅନେଇଁ ଅନ୍ୟ ବାଟେ ଦେଇ କଚେରୀ ଅଡ଼କୁ ବାଟ କାଟିଲେ ।

ପଧାନେ ସ୍ୱଗ ଆଜି ଅଭିମାନରେ ଫୁଲି ଉଠୁଥିଲେ । ମା' ଛେଉଣ୍ଡ ପିଲାଟିକୁ ସ୍ନେହରେ ପାଳି ପୋଷି ଆଣି, ଲେଖା ପଢ଼ା ଶିଖେଇ ଭାବୁଥିଲେ ପୁଅ ତାଙ୍କର ଜଣେ ହାକିମ ହେବ, ବାପର ନାଆଁ ରହିବ, କିନ୍ତୁ ଆଜି ଏ କଣ ଶୁଣିବାକୁ ପାଉଛନ୍ତି ? ଖବୁ ପାଣ୍ଡେ ଯାହା କହିଗଲେ ପ୍ରକୃତରେ କଣ ସତ ? ଯଦି ଏପରି ହୋଇଥାଏ ତାର ଉପାୟ ? ଏହିପରି ନାନା କଥା ଚିନ୍ତା କରି କହୁଣି ପଧାନଙ୍କ ମୁହଁଟି ଗମ୍ଭୀର ହୋଇଗଲା । ସେ ପୁଅର ଆସିବା ବାଟକୁ ଅପେକ୍ଷା କରି ବସି ରହିଲେ ।

କିଛି ସମୟ ପରେ ଉପେନ୍ଦ୍ର ଧୀରେ ଧୀରେ ଘର ଭିତରକୁ ପଶି ଯାଉଥିଲା । ପଧାନଙ୍କ ନଜର ପଡ଼ିବାରୁ ସେ ଡାକିଲେ—

—"ଉପେନ୍ଦ୍ର ! ଏଣେ ଆ—ତୋ ସାଙ୍ଗରେ କଥା ଅଛି ।"

ଉପେନ୍ଦ୍ର ଆସି ନୀରବରେ ଠିଆ ହେଲା ।

ପୁଅର ମୁହଁକୁ ଅନାଇଁ ପଧାନେ କହିଲେ—

—"ଗାଆଁର କାଉସି କଣ୍ଡସଙ୍କୁ ଏକାଠି କରି କ'ଣ ଗୋଟାଏ ଦଳ ଗଢୁଛୁ, ଏ କଥା କଣ ସତ ?"

ନିର୍ଭୀକ ସ୍ୱରେ ଉପେନ୍ଦ୍ର ଉତ୍ତର ଦେଲା—

—"ହିଁ ।"

—"ଜମିଦାରଙ୍କ ବିରୁଦ୍ଧରେ ଗୁଡ଼ାଏ ମିଛ ସତ କହି, ତାଙ୍କ ପ୍ରଜାର କରି ଲୋକଙ୍କୁ ମତେଇବାର ଉଦ୍ଦେଶ୍ୟ କଣ ?"

—"ଉଦ୍ଦେଶ୍ୟ ? ଉଦ୍ଦେଶ୍ୟ ଖୁବ୍ ମହତ୍ ।"

ଉପେନ୍ଦ୍ର ଉତ୍ସାହିତ ହୋଇ କହିଲା ।

ପୁଅର କାର୍ଯ୍ୟକଳାପ ଲକ୍ଷକରି ପଧାନେ ଦବିଗଲେ । ସେ ଭଲ କରି ଜାଣନ୍ତି—ଉପେନ୍ଦ୍ର ଯେଉଁ କଥାରେ ଜିଦ୍ ଧରିଥିବ, ତାହା ପୂରଣ ନ ହେବା ଯାଏ ସେଥିରୁ ସେ ଇଞ୍ଚେ ଟଳିବନି । ତଥାପି ପଧାନେ କହିଲେ—

—"ମୁଁ ଶୁଣିବାକୁ ପାଉଛି—ମାଗୁଣି ଜେନା ଘରକୁ ତୁ ସବୁ ସମୟରେ ଯାଉଛୁ ? ତୁଳେଇ ସାଙ୍ଗରେ ମିଳାମିଶା ମୁଁ ମୋଟେ ପସନ୍ଦ କରେନା । ସେମାନେ ହେଲେ ଅନ୍ତ୍ୟଜ ଶ୍ରେଣୀ—ମୂଲିଆ ମୁଣ୍ଡ । ସେମାନଙ୍କ ସାଙ୍ଗରେ କଥାବାର୍ତ୍ତା କରିବା କାହାକୁ ଅସୁନ୍ଦର ହେଉଛି । ପୁଣି ତମ ଦୁ'ଜଣଙ୍କ ନାଁରେ ଅଦ୍ଭୁତ କେତେ କଥା ଶୁଣିବାକୁ ପାଉଛି । ଏଥିରେ ବଂଶ ମର୍ଯ୍ୟାଦା ଉପରେ କଳଙ୍କ ହେବ । ଲୋକେ ନିନ୍ଦା କରିବେ ।"

ଉପେନ୍ଦ୍ର ତଳକୁ ମୁହଁ ପୋତି ସବୁ କଥା ଶୁଣୁଥିଲା । ବଂଶ ମର୍ଯ୍ୟାଦାରେ କଳଙ୍କ ହେବ—ଏଇ କଥାଟି ଶୁଣିବା ମାତ୍ରେ ସେ ଥରେ ତାର ପିତାଙ୍କ ଆଡ଼କୁ ଅନାଇଁ ମନେ ମନେ ଭାବିଲା—

—"କଳଙ୍କ !"

ଏ କଥାଟିର ଅର୍ଥ ଯେ କଣ ହେବ କପଟରେ ଉପେନ୍ଦ୍ର କିଛି ବୁଝି ପାରିଲାନି । ତାର ଅନ୍ତର ଭେଦ କରି କ୍ରୋଧରେ ଭାବ ଫୁଟି ଉଠିଲା । କରୁଣା ସ୍ୱରରେ ସେ କହିଲା—

—"ବାପା ! ଜାତିଭେଦ କଣ ମୁଁ ଜାଣେନା । ଦୁନିଆଁରେ ଗୋଟିଏ ମାତ୍ର ଜାତି ଅଛି—ଯାହାକୁ ମନୁଷ୍ୟ ଜାତି

କୁହାଯାଏ । ଧନ, ବୈଷମ୍ୟ ଫଳରେ, ଧନୀ ଦରିଦ୍ର—ଶ୍ରେଷ୍ଠ—ବଡ଼ ଆଉ ସବଳ—ଦୁର୍ବଳ, ସବୁ କିଛି ହୋଇପାରେ । ଏପରି କୃତ୍ରିମ ଭେଦ ଭାବକୁ, ମୁଁ ପ୍ରଶ୍ରୟ ଦେବାକୁ ରାଜି ନୁହେଁ ।"

ପୁଅର ମୁହଁରୁ ଏପରି କଥା ଶୁଣି ପଧାନେ ଅନୁରାଗରେ କହିଲେ—

—"ତୋତେ ଆଉ ବୁଝେଇ ପାରିବିନି ? ସବୁ ସମୟରେ ତୋର ଯୁକ୍ତିତର୍କ ମୋତେ ଆଉ ଭଲ ଲାଗୁନି । ଅସି ବୁଢ଼ା ହେଲଣି—କେତେ କାଳ ଆଉ ବଞ୍ଚିବି । ଏଥର ବୟସ୍କ ସମ୍ବନ୍ଧ ଦେଖା ଶୁଣା କର । ଶ୍ରେଷ୍ଠ ଲୋକ ଗୁଡ଼ାକୁ ମତେଇ ଗାଁରେ ମେଳ-ବାନ୍ଧି ଫଉ ସମିତି ଗଢ଼ିଲେ କିଛି ଲାଭ ନାହିଁ । ନିଜର ସମ୍ମାନ ଯିବା କଥା ।"

—"ବାପା ! ଆଜି ଯେଉଁ ମାନଙ୍କୁ ଶ୍ରେଷ୍ଠ ଲୋକ କହି ଘୃଣାରେ ନାକ ଟେକୁଛ, ସମୟ ଆସିଲେ ସେଇମାନେ ଦିନେ ଆମର ଏଇ ସଭ୍ୟ ମଣ୍ଡିତ ସମାଜରେ ଉଚ୍ଚସ୍ଥାନ ଅଧିକାର କରି ବସିବେ ।"

—"ମତେ ଆଉ ନୀତି ଶାସ୍ତ୍ର ଶିଖେଇବାକୁ ହେବନି । ଶ୍ରେଷ୍ଠ ଲୋକର ମନ ସବୁବେଳେ ତଳକୁ ତଳକୁ ଗତି କରେ । ସେମାନେ ମୂଲିଆ—ଚିର୍ ମୂଲିଆ ପରି ରହିବେ ।"

—"ଶ୍ରେଷ୍ଠ ଲୋକ ! ସେଇଥି ପାଇଁ ସେମାନଙ୍କ ଜୀବନରେ କିଛି ମୂଲ୍ୟ ନାହିଁ ? ସେମାନେ ମରିଯିବା ମଙ୍ଗଳ । କାରଣ ଏ ଦୁନିଆଁରେ ସେମାନେ ହେଲେ ଅବର୍ଜନା—ପୁଞ୍ଜିପତିର କୋଠା ଘର ପାଖରେ ସେମାନଙ୍କର କୁଳଘର ଅତି ଅସୁନ୍ଦର ଦେଖାଯାଏ । ସେଇଥି ପାଇଁ ସେମାନେ ଧ୍ୱଂସ ପାଇବା ଉଚିତ—ନୁହେଁ ? କିନ୍ତୁ ସେମାନଙ୍କ ବିଷୟରେ ଆଉ କେବେ ଚିନ୍ତା କରିଛ କି ? ତମେ

ଯେଉଁଠୁ ଆସିଛ ସେମାନେ ମଧ୍ୟ ସେହିଠାରୁ ଆସିଛନ୍ତି । ସ୍ୱର୍ଗର ପାଇଁ ଯଦି ତୁମେ ଯାହାଙ୍କ ପାଖରେ ଗୋଡ଼ ଧରି ଠିଆ ହେବ ସେମାନେ ମଧ୍ୟ ତାଙ୍କର ପାଖରେ ସ୍ୱର୍ଗର ପାଇଁ ପ୍ରାର୍ଥୀ ହୋଇ ଠିଆ ହେବେ ।

ଶ୍ରେଷ୍ଠ କିଏ ?

ପୁଞ୍ଜିପତି ନା ସର୍ବହରା ମୂଲିଆ ଶ୍ରେଣୀ ?

ସଭ୍ୟ ଶିକ୍ଷିତ ସମାଜ ଆଜି ଯେଉଁମାନଙ୍କୁ ଶ୍ରେଷ୍ଠ ଲୋକ କହି—ଘୃଣାରେ ନାକ ଟେକୁଛି, ସ୍ୱର୍ଗରକ ବଡ଼ ବୋଲି କହୁ ସେଇମାନଙ୍କୁ ଯଦି ସମ୍ମାନ ଦେବ । ଆମର ସଭ୍ୟ ସମାଜ ଯେଉଁ ଶ୍ରେଷ୍ଠ ଲୋକଙ୍କ ପଛରେ ପଡ଼ି ରହିବ—ଖୁବ୍ ପଛରେ । ସୃଷ୍ଟିର ବିଧାନ ଅନୁସାରେ ଏମାନେହିଁ ସୃଷ୍ଟିକର୍ତ୍ତାଙ୍କ ନିକଟରେ ପ୍ରଧାନ ସେବକ ରୂପେ ଗଣ୍ୟ ହେବେ । ଅପଦାର୍ଥ ଧନୀ ସଂପ୍ରଦାୟ ଜୋର ଜବରଦସ୍ତି କରି ଏମାନଙ୍କୁ ସେଥିରୁ ବଞ୍ଚିତ କରି ପାରିବେନି । ସୃଷ୍ଟି କର୍ତ୍ତାଙ୍କର ଦେଇଥିବା ଧନ ଦୌଲତକୁ ପୁଞ୍ଜିପତି ମାନେ ଏକ-ଚାଟିଆ ଅଧିକାର କରିଛନ୍ତି । କିନ୍ତୁ ଏ ନୀତି ଆଉ ବେଶୀ ଦିନ ନୁହେଁ । ଭଗବାନଙ୍କ ନିକଟରେ ପ୍ରାର୍ଥନା କର—ଶୀଘ୍ର ଧନୀକ ସମ୍ପ୍ରଦାୟର ଅବସାନ ହେଉ ଓ ଭାରତରେ ସମସ୍ତଙ୍କର ସମାନ ଅଧିକାର ପ୍ରତିଷ୍ଠିତ ହେଉ ।"

ଉପେନ୍ଦ୍ର ଆଉ କିଛି କହି ପାରିଲାନି । ସଭା ଆଉ ଅଭି-ମାନରେ ସେଠାରୁ ସେ ଚାଲିଗଲେ । ପଧାନେ ପୁଅର ଏପରି ଭାବ ଲକ୍ଷ କରି ଗମ୍ଭୀର ଭାବେ ମନେ ମନେ କଣ ଚିନ୍ତା କରିବାକୁ ଲାଗିଲେ । ମୁହଁରେ ଫିକା ହସଟିଏ ଫୁଟାଇ ମନକୁ ମନ କହିଲେ—

—"ମୁଁ ଆଉ ତତେ ବାଧା ଦେବିନି ! ତୋ ମନ ଯାହା ହେଉଛି ତୁ ସେଇଆ କରିବୁ ।"

ପୁଅର ଅମାନିଆ ନୀତି ଆଉ ଉଦ୍ଧତ ସ୍ବଭାବ କଥା ଭାବି ଆଖି ତାଙ୍କର ଛଳ ଛଳ ହୋଇ ଆସିଲା ।

—ଛଅ—

ମାଗୁଣି ଦିନ ସାରା ବିଲରେ ଗଧ ଖଟଣି ଖଟେ । ଦେହର ରକ୍ତକୁ ପାଣି କରିଦିଏ । ତଥାପି ପେଟ ପୁରା ଦି'ଟା ଖାଇପାରେନି କି ଟିକିଟିକୁ ତାର ଖୁଆଇ ପାରେନି । ସବୁ ଗୃହସ୍ଥର ପରି ଖାଇବା ତ ଯାଉ ସପନ-ଆଖିରେ ଦେଖିବାକୁ ସୁଦ୍ଧା ପାଏନି ସେ । ନିତିଦିନିଆଁ ଅଲଣା ପାଣିଆ ଜାଉ ତାର ଆହାର । ଛିଣ୍ଡା ଗୋଲ କାହାରକୁ ଜଣା କରେଇନି— ନିଜ ଦୁଃଖରେ ସେ ଥାଏ ।

ଏଇ ତ ହେଲା ଗରିବର ଦୁନିଆଁ ।......

ଭଙ୍ଗା କୁଡ଼ିଆକୁ ଦୃଢ଼ କରିବାକୁ କ୍ଷମତା କାହିଁ ତାର ? ସାଆଁନ୍ତଙ୍କ ଟଙ୍କା ତ ଏଯାଏଁ ଦେଇ ପାରିନି । ଦେଖୁ ଦେଖୁ ଛଅଟି ମାସ ବିତିଗଲାଣି—ସୁଧ ଅସଲ୍ ଖାତାରେ ବଢ଼ି ଚାଲିଛି । ସେଦିନ

ଗୁମାସ୍ତା ବାବୁ ପାଖେ କହୁଥିଲେ—"ଦୁଲେଇକୁ ଯଦି ଜମିଦାର ହବ ସାଆନ୍ତଙ୍କ ସାଙ୍ଗରେ………"। ମାଗୁଣି ଆଗକୁ ଆଉ ଶୁଣି ପାରିଲାନି। ଅଜଣା ଆଶଙ୍କାରେ ଛାତି ଭିତର ଥର ଥର ହଉଠିଲା।

ଆକାଶରେ କଳା ମେଘ ଖଣ୍ଡେ ଭାସି ଯାଉଛି। ପବନ ସାଇଁ ସାଇଁ ଛୁଟିଛି। ମାଗୁଣି ତଳା ଭୂଇଁଟି ସଜାଡ଼ି ଥୋଇଲା—ଦେଢ଼ମାଣ ଜମି ବୁଣିବା ପାଇଁ ଅଙ୍କୁର ବାକି ଅଛି। ଏତକ ଶେଷ ନ ହେଲେ ପଧାନେ ମୂଲ ପଇସା କାଟି ଦେବେ। ଅଣ୍ଟାରୁ ଚୂନପତ୍ର ଟିପେ ବାହାର କରି ଜଳରେ ଜାକିଲା। ସବୁ କଥାକୁ ଭୁଲି ମନ ଲଗେଇ କାମରେ ହାତ ଦେଲା ସେ।……

ବେଳ ବୁଡ଼ ବୁଡ଼। ଅନ୍ଧାର ଗୁଡ଼ିଆଡ଼ୁ ଘୋଟି ଆସୁଛି। ବିଜୁଳି ଘଡ଼ଘଡ଼ିରେ ଛାତି କମ୍ପି ଉଠୁଛି। ପବନ ସାଙ୍ଗରେ ବର୍ଷା ଖୁବ୍ ଜୋରରେ ହେଉଛି। ବିଲରେ କୁଆ ଓପଡ଼ା କାମ କରି ମୂଲିଆ ମାନେ ନିଜ ନିଜ ଘରକୁ ବାହାରିଲେଣି। ମାଗୁଣି ମଧ୍ୟ ସେମାନଙ୍କ ସାଙ୍ଗରେ ବାଟ ଚାଲିଲା। ପାଣି କାଦୁଅରେ ଗୋଡ଼ ଖସିକି ପଡ଼ୁଛି। ବର୍ଷା ପବନରେ ଦେହ ଶୀତେଇ ଉଠୁଛି। ପାଟି ଠାକୁ ଠାକୁ ହେଉଛି।

ମାଗୁଣି ଘର ଦୁଆରେ ଠିଆ ହେଇ ଡାକିଲା—

—"ଦୁଲି—ଲୋ ଦୁଲି!"

ଦୁଲେଇ ଘର ଭିତରେ ଥାଇ ଜବାବ ଦେଲା—

—"କଣ ବାପା!"

—"ମସିଣାଟା ବିଛେଇ କନ୍ଥା ଖଣ୍ଡେ ପାରିଦେ ତ ମା'!"

ଦୁଲେଇ ମସିଣାଟି ପାରି ଶୀଘ୍ର କନ୍ଥା ଖଣ୍ଡେ ବଢ଼େଇ ଦେଲା। ମାଗୁଣି ଥର ଥର ସେଇଠି ଶୋଇ ପଡ଼ିଲା। ଶୀତରେ

ଦେହ ହାତ ଥର ଯାଉଛି । ଦୁଲେଇ ମାଗୁଣି ଦେହରେ ହାତ ଦେଇ ଚମକି ପଡ଼ି କହିଲା—

—"ବାପା ! ତମ ଦେହଟର ତ ଜର ?"

—"ହଁ ଲୋ ମା'—ଦେହ ତ ଜଳି ଯାଉଛି ।"

ଦୁଲେଇକୁ ଚାରିଆଡ଼ ଅନ୍ଧାର ଦିଶିଲା । କଣ ସେ କରିବ । ବାପା ତାର କିପରି ଭଲ ହେବ । ସେ ମୁଣ୍ଡରୁ ଗାଁ କବିରାଜଙ୍କୁ ଡାକି ଆଣନ୍ତା କିନ୍ତୁ ବର୍ଷା ଏ ପର୍ଯ୍ୟନ୍ତ କମିନି । ବାପା ତାର ଜରରେ କମ୍ପୁଛି, ତାକୁ ଘରେ ଏକା ଛାଡ଼ି ସେ କିପରି ଯିବ ? ଏହିପରି କେତେ କଣ ଭାବୁଛି । ଦୁଆର ଆଗରେ ଠିଆ ହୋଇ କିଏ ଡାକିଲା—

—"ମଉସା !"

ଦୁଲେଇ ଅନାଇ କରି ଦେଖେ ତ ଉପେନ୍ଦ୍ର ଠିଆ ହୋଇଛନ୍ତି ।

ଉପେନ୍ଦ୍ର ପାଖକୁ ଆସି କହିଲେ—

—"ମଉସାଙ୍କର କ'ଣ ହୋଇଛି କି ଦୁଲି ?"

—"ଜର ।"

ଦୁଲେଇ କାନ୍ଦ କାନ୍ଦ ହୋଇ କହିଲା ।

—"ତୁ ଏପରି ବ୍ୟସ୍ତ ହ'ନା, ମଉସା ଶୀଘ୍ର ଭଲ ହୋଇଯିବେ... ।"

—"କିଏ ? ...ସାନବାବୁ ?" କହୁଛୁ ମୁର୍ଚ୍ଛିତ ଭାଳି ମାଗୁଣି ଡାକିଲା—ଆ' ବାପା ! ଏଠି ବସି ଯା' । ଜର ଟିକିଏ ହୋଇ ଯାଉଛି । ତୁଳସୀ ପତ୍ର ରସ ଆଉ ଅଦେଇଟା ମରିଚ ବାଟି ପିଇ ଦେଲେ ଆଉ ଘଣ୍ଟାକୁ ଦେହ ସୁନା ହୋଇଯିବ ।

ଉପେନ୍ଦ୍ର ମାଗୁଣି ପାଖକୁ ଘୁଞ୍ଚି ବସି ହାତ ନାଡ଼ି ପରୀକ୍ଷା କରିବାକୁ ଲାଗିଲା—ଦେହରେ ନିଆଁ ଭର୍ତ୍ତି ହୋଇଛି—ଜ୍ୱରରେ କମ୍ପି ଉଠୁଛି ।

ଉପେନ୍ଦ୍ର କହିଲା—

—"ମଉସା ! ତମକୁ ଭୟଙ୍କର ଜର ହୋଇଛି । ଦେହକୁ ବେଶୀ ଥଣ୍ଡା ଲଗେଇବନି । ଆଜି କିଛି ନ ଖାଇବା ଭଲ । ଖୁବ୍ ସାବଧାନରେ ରହିବ । ଯଦି ନିମୋନିଆ ଧରେ ବଡ଼ ହଇରାଣରେ ପଡ଼ିବ ।"

—"ନାଁରେ ବାପା ! ନିମୋନିଆ କି ଫିମୋନିଆ ଆମ ପାଖକୁ କେବେ ଆସିବେନି । ସେ ସବୁ ବଡ଼ଲୋକ ମାନଙ୍କ ପାଖକୁ ଯାଆନ୍ତି । ଗରିବଙ୍କୁ ତ ମରଣ ପାଶୋରି ଦେଲାଣି ।"......

—କଥାବାର୍ତ୍ତା ବେଶୀ କରନା ମଉସା ! ଥିର ହୋଇ ଶୋଇ ପଡ଼ । ଦୁଲିକୁ ସାଙ୍ଗରେ ଆମ ଘରକୁ ନେଇ ଯାଉଛି । ତା ହାତରେ କୁଇନାଇନ୍ ଗୁଳି ପଠେଇ ଦେବି ।"

—"ମୋ ପାଇଁ ଏତେ ହଇରାଣ କାହିଁକି ହେଉଚୁ ବାପା ! ଏ ଜୀବନ ଗଲେ ଛୁଟି ପାଇଯିବି ।"......

କହିବା ସମୟରେ ମାଗୁଣି ଆଖିରୁ ଲୁହ ଜକେଇ ଆସିଲା । ଅତି ଦୁଃଖରେ ସେ କଡ଼ ଲେଉଟାଇ ଶୋଇବାକୁ ଚେଷ୍ଟା କଲା ।

ଦୁଲେଇକୁ ସାଙ୍ଗରେ ଧରି ଉପେନ୍ଦ୍ର ଚାଲି ଆସିଲା ନିଜ ଘରକୁ ।

ଉପେନ୍ଦ୍ର ଘରେ ପହଞ୍ଚି ଦେଖେ ତ—ବାପା ତାର ଘରେ ନାହିଁ । ଦୁଲେଇକୁ ଘର ଭିତରକୁ ଡାକି, ଦୁଇଟି କୁଇନାଇନ ଗୁଳି ଗୋଟିଏ କାଗଜରେ ପୁରେଇ ତା ହାତକୁ ବଢ଼ାଇ ଦେଇ କହିଲା—

—"ବର୍ତ୍ତମାନ ଗୋଟିଏ ଗୁଳି ଖାଇବାକୁ ଦେବୁ । ଆଜି ରାତି ମୋଟେ ଦବୁନି । ଗରମ ଦୁଧ ଗିଲାସେ ପିଇବା ପାଇଁ ଦେଲେ ଭଲ ହେବ ।"

ଦୁଲେଇ କିଛି କହିଲାନି । ବୃନ୍ଦାବନ୍ ପୁଡ଼ିଆଟି ହାତରେ ଧରି ଶୀଘ୍ର ଘରକୁ ଫେରି ଆସିଲା । ବାପାକୁ ଭାରି ଜର । ଚିନ୍ତାରେ ସେ ଅସ୍ଥିର ହୋଇ ପଡ଼ୁଛି । କପରି ବାପାକୁ ଭାରି ଜର ଛାଡ଼ିବ, ସେ ପାଇଁ ରାଧା-କୃଷ୍ଣଙ୍କ ପାଖରେ ଡାଲି ବସାଇବ ବୋଲି ମାନସ କରି ସାରିଛି ।

ବୃନ୍ଦାବନ୍ ଗୁଳି ଦୁଲେଇକୁ ଦେଇ ଉପେନ୍ଦ୍ର ବାକ୍ସ ବନ୍ଦ କରି ବାହାରକୁ ଆସିବା ସମୟରେ କରୁଣି ପଧାନେ ଘର ଭିତରକୁ ପଶି ଆସି କହିଲେ—

—"ଗାଁ ଦାଣ୍ଡରେ ଦୁଲେଇକୁ ଦେଖିଲି—ସେ ଆମ ଘରକୁ ଆସିଥିଲା ବୋଲି କହିଲା ?"

—"ତା ବାପାକୁ ଜର । ବୃନ୍ଦାବନ୍ ଗୁଳି ଦେବ ବୋଲି ଆମ ଘରକୁ ଡାକି ଆଣିଥିଲି··· ।"

ଗାଆଁରେ କଣ ଔଷଧ ଦେବାକୁ ଆଉ କେହି ନ ଥିଲେ ? ତୋ ମୁଣ୍ଡ ତା' ପାଇଁ ବଥେଇ ଉଠିଲା କାହିଁକି ? ହଜାର ଥର ମନା କଲି ତଥାପି ମୋ କଥା କାନକୁ ନେଲୁନି—ଏଥର ନିଜ ଇଚ୍ଛାରେ କ'ଣ କରୁଚୁ କର ।"

ପଧାନେ ନୋଟଟି ହାତରେ ଧରି ଦାଣ୍ଡକୁ ବାହାରିଗଲେ । କ୍ରୋଧରେ ତାଙ୍କ ମୁହଁ ଫୁଲି ଉଠୁଥିଲା । ଉପେନ୍ଦ୍ର କିଛି ନ କହି ନିଜ ପଢ଼ାଘର ଭିତରକୁ ଚାଲିଗଲେ । ତାଙ୍କର ବହିର ପୃଷ୍ଠା ଓଲଟାଇ ଗମ୍ଭୀର ଭାବେ କଣ ଲେଖିବାକୁ ଲାଗିଲେ ।

× × × ×

ଗାଉଧିଲ ଅସି ଉପେନ୍ଦ୍ର ମୁଣ୍ଡ କୁଣ୍ଡାଉଥିଲା । ଦୁଲେଇ ଅସି କହିଲା—

—"କଣ ଗାଉଧିଲ ସାରିଲଣି ଉପ ଭାଇ ?"

—"ହୁଁ ।"

ଉପେନ୍ଦ୍ର କହିଲା ।

—"ଚାଲ ।"……

—"କେଉଁଠିକି ?"

—"ଆମ ଘରକୁ ।"……

—"ମଉସାଙ୍କ ଦେହ କିମିତ ଅଛି ?"

ଉପେନ୍ଦ୍ର ପଚାରିଲା ।

—"ଜର ତ ମୋଟେ କମୁନି । କାଲି ଯେଉଁ ଗଲ ଦେଖ-ଥିଲ ସବଇଲଣି ।"

ଦୁଲେଇ ମୁହଁଟି ଶୁଖେଇ ଦେଇ କହିଲା ।

କମିଜ ଖଣ୍ଡିଏ ଦେହରେ ଦେଇ, ବାକ୍ସରୁ କିଛି ଲୁଚନାଇବ୍ ଲୁଚ ବାହାରି ଉପେନ୍ଦ୍ର ଶୀଘ୍ର ଦୁଲେଇ ସାଙ୍ଗରେ ଚାଲିଲା । ଖାଲିଟା ଜର କମୁନି ଜାଣି, ମନ ତାର ଅଜଣା ଅଶଙ୍କାରେ ଥର ଉଠିଲା । ଦୁଲେଇକୁ ଅନାଇ ସେ ପଚାରିଲା—

—"ଭାତରେ ଖାଇବାକୁ କଣ ଦେଇଥିଲ ?"

—"ତ'ଣ ଆଉ କଥା ଭାଇ ! ବାପାଙ୍କୁ ଯେତେ କହୁଛି-ଲଇ ସେ ମୋ କଥା ମୋଟେ ମାନିଲେ ନାହିଁ । ଭାତ ଅଳ୍ପଟିକେ ଖାଇବାକୁ ଦେଇଛନ୍ତି ।"

—"କଣ ଭାତ ଖାଇବାକୁ ଦେଲ ?"

ଉପେନ୍ଦ୍ର ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

—"ମୋର ଅଉ ବଳ କଣ ଥେଲା। ବାପା ତ ଭାତ ଖାଇବେ ବୋଲି ଜିଦ୍ ଧରି ବସିଲେ—ନ ଦଅନ୍ତି ବା କିପରି ?"
କହୁଁ କହୁଁ ଦୁଲେଇ କାନ୍ଦ ପକାଇଲା। ମନକୁ ମନ ଭାବିଲା—ଉପ ଭାଇଙ୍କ କଥା ନ ମାନି ବଡ଼ ଭୁଲ କରିଛି ସେ।

—"ଏପରି ଭୁଲ୍ ଆଉ କେବେ କରିବି ନାହିଁ ଉପଭାଇ !

ଦୁଲେଇ କହିଁ କହିଁ ହେଇ କାନ୍ଦ ଉଠିଲା।

—"ଭୁଲ୍ କରି ସାରି ପୁଣି କାନ୍ଦୁଛୁ ? ଛି', ତୁନି ହ'—ଆଉ ଏପରି କେବେ କରିବୁନି ?"

ଘର ନିକଟ ହେଇ ଆସିଲା। ଦ'ଜଣଯାକ ଘର ଭିତରକୁ ପଶିଗଲେ।

କନ୍ଥା ଖଣ୍ଡେ ଘୋଡ଼େଇ ହେ । କେନା ଶୋଇଥିଲା।

ଉପେନ୍ଦ୍ର ଡାକିଲା—

—"ମଉସା !"

ଡାକ ଶୁଣି ମାଗୁଣି ମୁହଁରୁ କନ୍ଥା ଉଠାଇ ଅନାଇଲା—ଅଧ କଣ୍ଠରେ। ଫିକାଳିଆ ଆଖିରେ ମୃତ୍ୟୁର ଅସ୍ପଷ୍ଟ ଛାୟା ଅନୁଭବ କରି ଉପେନ୍ଦ୍ର ଭୟରେ ଥରି ଉଠିଲା।

—"ଦେହ କିପରି ଅଛି ମଉସା ?"

—"ଟିକିଏ ଭଲ ଜଣା ପଡ଼ୁଛି ବାପା !"

ମାଗୁଣି ଉପେନ୍ଦ୍ର ଆଡ଼କୁ ଅନାଇ ଅଧ କଣ୍ଠରେ କହିଲା—

—"ଦୁଲି ! କ'ଣ ଦ'ଟା ପୁଡ଼େଇ ଖାଇନିଏ ମା'। କାଲିଠୁଁ ଝିଅ ମୋର କିଛି ଖାଇନି। ମୋ'ରି ବିଛଣା ପାଖରେ ସାରରାତି ଅନିଦ୍ରାରେ ବସି ରହୁଛି।"

ଦୁଲେଇ ଘର ଭିତରକୁ ଗୁଞ୍ଜିଗଲା। ଉପେନ୍ଦ୍ର ମାଗୁଣିର ବିଛଣା ପାଖରେ ବସି ପଡ଼ିଲା।

କିଛି ସମୟ ନୀରବରେ କଟିଲା ।

ମାଗୁଣି ଅତି କଷ୍ଟରେ କଡ଼ ଲେଉଟାଇ, ଉପେନ୍ଦ୍ରର ହାତ-ଟିକୁ ଧରି ଭାଙ୍ଗି ଭାଙ୍ଗି ହୋଇ କହିଲା—

—"ମୁଁ ଆଉ ବଞ୍ଚି ପାରିବି ନାହିଁ ବାପା ! ଏଇ ମୋର ଶେଷ ସମୟ । ମରିଗଲେ ଦୁଲେଇଟିର ଅବସ୍ଥା କଣ ହେବ—ଝିଅ ମୋର ଅନାଥିନୀ ହୋଇ ଯିବ । ତୋତେ ସେ ଭାଇ ମାନିଥାଏ ବାପା ! ତା' ଅନ୍ନେ ନିଶ୍ଚୟ ଭାବି କିଛି ବ୍ୟବସ୍ଥା କରିବୁ ପୁଅ ।"

—"ଚିନ୍ତା କରନା ମଉସା ! ମୁଁ ତମ ପାଇଁ ଭଲ ଔଷଧ ଆଣିଛି । ତା' ଦେଲେ ଜର ଭଲ ହୋଇଯିବ ।"

ଉପେନ୍ଦ୍ର ପକେଟରୁ ଗୋଟିଏ ପୁଡ଼ିଆ ବାହାର କରି ମାଗୁଣିକୁ ଖୁଆଇ ଦେଲା ।

ଅଧଘଣ୍ଟା ମଧ୍ୟରେ ଦୁଇଟି ପୁଡ଼ିଆ ଔଷଧ ଖୁଆଇ ସାରିଲା ପରେ ମାଗୁଣି ଟିକିଏ ସୁସ୍ଥ ବୋଧ କଲା ପରି ଜଣା ପଡ଼ିଲା ।

ଉପେନ୍ଦ୍ର ଧୀର ଗଳାରେ ପଚାରିଲା—

—"ଦେହ କିପରି ଜଣା ପଡ଼ୁଛି ମଉସା !"

—"ଟିକିଏ ହାଲୁକା ଜଣା ଯାଉଛି ବାପା ! ଦୁଲିକି କହ ଟୋପିଏ ପାଣି ମୋ ପେଇଁ ଆଣିବ—ଭାରି ଶୋଷ କରୁଛି ।"

—ମୁଁ ନିଜେ ଆଣି ଦେଉଛି ମଉସା !"

ସଙ୍ଗେ ସଙ୍ଗେ ଭିତର ଘରକୁ ପଶିଯାଇ ଉପେନ୍ଦ୍ର କହିଲା —

—"ଗରମ ପାଣି ଟିକିଏ ଦିଅ ତ ଦୁଲି !"

—"ତମେ ବାପାଙ୍କ ପାଖରେ ଯାଇ ବସ ଭାଇ । ମୁଁ ସଙ୍ଗେ ସଙ୍ଗେ ଗରମ ପାଣି ନେଇ ଦେଇ ଆସିବି ।"......

ଉପେନ୍ଦ୍ର ରୋଗୀର ବଖଣା ପାଖକୁ ଫେରି ଆସିଲା ।

କିଛିକ୍ଷଣ ପରେ ଦୁଲେଇ ଗରମ ପାଣି ନେଇ ପହଞ୍ଚିଲା ।

ମାଗୁଣି ପାଣି ପିଇଲା ।

—"ଇଏ ତ ଗରମ ପାଣି...... ।"

—"ରୋଗୀକୁ ଶୋଷ କଲେ ଗରମ ପାଣି ଦିଆଯାଏ—କିଛି କ୍ଷତି ହେବନି । ତମ ଇଚ୍ଛା ଯଦି ହେଉଛି ଅଳ୍ପ ପିଅ ।"

ମାଗୁଣି ପାଣିତକ ପିଇ ଦେଇ ଶାନ୍ତିରେ ନିଃଶ୍ୱାସ ମାରିଲା ।

—"ଏଇ ଥର ଘରକୁ ଯା' ପୁଅ ! ସେଣେ ବାପା ତମର ଖୋଜୁଥିବେ । କେତେବେଳୁ ଆସି ଏଇଠି ବସି ରହିଚ ।"

—"ନା, ଉପେନ୍ଦ୍ର ଏବେନେ ଯାଇପାରିବେ ନାହିଁ । ରାତି ସରିଲାଣି ଏଇଠି ଖାଇବେ ।"

—"ଗରିବ ଘରେ କ'ଣ ଅଛି ଯେ, ଭାଇକୁ ତୋର ଖୁଆଇବୁ ?"

ମାଗୁଣି ଦୁଲେଇକୁ କହିଲା ।

ଦୁଲେଇ ପରିହାସ କରି କହିଲା—

—"ଆମେ ବଡ଼ଲୋକ ନ ହେଲେ କଣ ଦି'ଟା ଖାଇବାକୁ ଦେଇ ପାରିବୁ ନାହିଁ ? ସରୁ ଗୃହଳର ଭାତ ସିନା ଆମ ଘରେ ନାହିଁ—ଶୂଦ୍ର ଗୃହଳର ଜାଉ ତ ଅଛି ?"

ହସ ହସ ହୋଇ ଉପେନ୍ଦ୍ର କହିଲା—

—"ଜିଦ୍‌ଖୋର ପିଲା କଥା ମାନିବନି ମଉସା ! ମୁଁ ଏଇଠି ଦି'ଟା ଖାଇନେବି । ସନ୍ଧ୍ୟା ହେଲେ ଘରକୁ ଚାଲିଯିବି ।"

—"ବେଶୀ ସମୟ ମୋ ପାଖରେ ବସି ରହିଲେ ବାପା ତମର ଜାଣି ପାରିବେ । ପୁଣି ଗାଁର ଲୋକେ ଭଲ ନୁହନ୍ତି—ଗାଈଁଆକୁ ପେଣ୍ଡସିଆ ଦେଖି ପାରନ୍ତି ନାହିଁ......"

—"ସେ ପାଇଁ ଚିନ୍ତା କରନା ମଉସା ! ଗାଆଁ ଲୋକଙ୍କ କଥାରେ କାନ ଦେବା ଠିକ୍ ନୁହେଁ । ନିଜ ମତ ଉପରେ ବିଶ୍ୱାସ ରଖି କାର୍ଯ୍ୟ କରିବା ସବୁଠାରୁ ସହଜ ଓ ଉଚିତ ।"

—"ହଉ, ଏଥର ଖାଇବ ଚାଲ ଭାଇ !"

ଦୁଲେଇ ଉପେନ୍ଦ୍ରର ହାତକୁ ଧରି ଟାଣି ଟାଣିକା ଘର ଭିତରକୁ ନେଇଗଲା । ଆଗରୁ ଆସନା ବିଛା ସରିଥିଲା । ଉପେନ୍ଦ୍ର ସେଇଠି ଯାଇ ବସି ପଡ଼ିଲା । ଦୁଲେଇ ଭାତ ତରକାରୀ ଆଣି ଉପେନ୍ଦ୍ର ଆଗରେ ଥୋଇ ଦେଇ କହିଲା—

—"ଏଥର ଖାଅ ଭାଇ !"

—"ତୁ ଖାଉନୁ ?"

ଉପେନ୍ଦ୍ର ପଚାରିଲା ।

—"ଆଗ ତମେ ଖାଇସାରିଲେ ସିନା ପଛେ ମୁଁ ଖାଇବି ?"

ଦୁଲେଇ କହିଲା ।

—"ମୋ ପାଖକୁ ଆ' ଦୁଲି ! ଦହେଁ ଏକାଠି ଖାଇବା........"

ଉପେନ୍ଦ୍ର କହିଲା ।

—"ହୁଁ.....ତମେ ସ୍ୱାମୀ ଏ..। ଜଣେ ଉପ ସ୍ୱାଇ । ଏକାଠି ଖାଇବାକୁ କଣ ତମକୁ ଡର ମାଡ଼ୁନି ?"

ଦୁଲେଇ ଅଳପ ହସି ଦେଇ ମୁହଁ ପୁଲେଇ କହିଲା ।

—"ନା, ମୁଁ କିନ୍ତୁ ଏକା ଖାଇ ପାରେନି......"

—ମୁଁ ତାହାର ସାଙ୍ଗରେ ଖାଏ ନାହିଁ ।"

ଦୁଲେଇ ଗମ୍ଭୀର ହୋଇ କହିଲା ।

—"ତୁ କେମିତ ନ ଖାଉ ମୁଁ ଦେଖିବ ?"

ଉପେନ୍ଦ୍ର ଉଠି ଯାଇ ଦୁଲେଇର ହାତ ଧରି ଟାଣି ଆଣି ଭାତ ଥାଳି ପାଖରେ ବସାଇ ଦେଲା । ଡାଲି ତରକାରୀ ଗୋଟେଇ ଭାତ ମୁଣ୍ଡାଏ ଦୁଲେଇ ପାଟିରେ ଭର୍ତ୍ତି କରୁ କରୁ ଉପେନ୍ଦ୍ର ଶାସନ କରି କହିଲା—

—"ଏଇ ଥର ଭଲ ପିଲାଟି ପରି ଥିର ହେଇ ବସି ମୋ ସାଙ୍ଗରେ ଖା'...... ।"

—"ଆଗ ତମେ ଖାଇଲେ ସିନା ମୁଁ ଖାଇବି ?"

ଭାତ ଖାଉଁ ଖାଉଁ ଦୁଲେଇ କହିଲା ।

ଉପେନ୍ଦ୍ର ଖାଇବାରେ ଲାଗିଲା ଓ ମଝିରେ ମଝିରେ ଦୁଲେଇକୁ ନିଜ ହାତରେ ଖୁଆଇ ଦେଉଥିଲା ।

ଦିଲ୍ଲି ଦିନ କଥା ବାଦ୍ ଦେଲେ, ଦୁ' ଜଣଙ୍କର ଏକା ସାଙ୍ଗରେ ଖାଇବା ଆଜି ପ୍ରଥମ ।

ଦୁଲେଇ ଆଜି ତାର ଉପ ଭାଇ ସାଙ୍ଗରେ ବସି ଖାଉଛି—ଏଇ କଥାକୁ ଭାବି ଭାବି ନିଜକୁ ଭୁଲି ଯାଉଥିଲା—ଆନନ୍ଦରେ ।

—"ଥିର ହେଇ ଖାଉନୁ ନା'—ଖୁଁ ଖୁଁ କାଶିବୁ ?"

ଉପେନ୍ଦ୍ର ଶାସନ କରି କହିଲା ।

—"ଶୋଷ କରୁଛି...... ।"

—"ନେ, ପାଣି ଢୋପାଏ ପିଇ ଦେ ।"

ଉପେନ୍ଦ୍ର ବାଆଁ ହାତରେ ଲୋଟା ଉଠାଇ କହିଲା ।

—"ତମେ ଆଗ ପିଇ ସାର, ମୁଁ ପଛେ ପିଇବି ।"

—"ତୁ ପିଇ, ମତେ ଶୋଷ କରୁନି— ।"

ଉପେନ୍ଦ୍ର ଲୋଟା ଉଠାଇ ଦୁଲେଇର ମୁହଁ ପାଖରେ ଧରିଲା । ଦୁଲେଇ ତୃପ୍ତିସହ ପାଣି ପିଇବାକୁ ଲାଗିଲା ।

—"ଆଃ ।"

ଦୁଲେଇ ଢୋକ ଗିଳି ପଚାରିଲା ।

—"ଆଉ ପିଇବୁ କି ?"

—ଉପେନ୍ଦ୍ର ପଚାରିଲା ।

—"ନା !"

—"ତେବେ, ଏଥର ମୁଁ ପିଏଁ ?"

ସେଇ କୋଠରେ ଉପେନ୍ଦ୍ର ପାଣି ପିଇବାକୁ ଲାଗିଲା ।

ତା ଅଇଁଠା ପାଣି ଉପେନ୍ଦ୍ର ପିଉଥିବାର ଦେଖି, ଦୁଲେଇର ହୃଦୟ ମମତାରେ ପୂରି ଉଠିଲା ।

ଦୁଲେଇ ଭାବିଲା—"ଉପ ଭାଇଟି ତାର ଭାରି ସୁନ୍ଦର । ଲଗେନ ଭାରଣି କଣ ଜାଣେନା ସେ ।"

ଦୁଲେଇର ପିଲାଦିନ କଥା ମନେ ପଡ଼ିଲା । ଭାତ କଂସା ପାଖରେ ବସି ଭାବୁଥିଲା ସେ—ଯିଲା ଦିନେ ଉପ ଭାଇ ସାଙ୍ଗରେ ଏକେଠି ଖେଳ ଖେଳିବ । ସାଙ୍ଗ ହେଇ ଦେବୀ ପାଠଶାଳକୁ ଯାଇବ । ଏକେଠେ ଉସମର ଖେଳଣା ଏଇ ଉପ ଭାଇ ତାକୁ କିଣି ଦେଇବ । ଦୁଲେଇକୁ ଦଣ୍ଡେ ନ ଦେଖିଲେ ପାଗଳ ପ୍ରାୟ ହେଇ ଯାଉଥିଲା ଉପେନ୍ଦ୍ର । ତା'ର ସବୁ କଥା ଗୁଡ଼ାକ ମନେ ହେଉଛି । ଦୁଲେଇ ଆଖିରେ ଛାୟାଛବି ପରି ସବୁ ଘଟଣା ଗୁଡ଼ିକ ନାଚିବାକୁ ଲାଗିଲା ।

ଉପେନ୍ଦ୍ର ମଧ୍ୟ ମନେ ମନେ ସେଇ କଥା ବସି ଚିନ୍ତା କରୁଥିଲା ।

ପରସ୍ପର ମଧ୍ୟରେ ଚିନ୍ତା ସ୍ରୋତ ବୋହି ଚାଲିଛି । ଦୁ'ଜଣ ଯାକ ନିଜ ନିଜ ଭାବନାରେ ବ୍ୟସ୍ତ ।

ନୀରବରେ ଖାଇସାରି ଦୁ'ଜଣ ଯାକ ହାତ ମୁହଁ ଧୋଇଲେ ।

—"ଚାଲ, ଏଥର ଗଲେ ମଉସାଙ୍କୁ ଟିକିଏ ଦେଖି ଆସିବା...... ।"

ଉପେନ୍ଦ୍ର କହିଲା ।

ମାଗୁଣି ନିଘୋଡ଼ ନିଦରେ ଶୋଇଛନ୍ତି । ଚୁଗୁଣାଚାର ଅବକାଶ ପାଇ, ନିଦ୍ରାଦେବୀଙ୍କ ଶରଣ ନେଇଛନ୍ତି ସେ ।

ଉପେନ୍ଦ୍ର କହିଲା—

—"ଦୁଲି ! ଏଥର ମୁଁ ଘରକୁ ଯାଉଛି । କାଲି ଆସିବି । ତୁ କବାଟ ଦେଇ ଶୋଇ ପଡ଼ ।"

ଦୁଲେଇ ମୁହଁଟି ଶୁଖେଇ ଦେଇ କହିଲା—

—"ଏକା ରହିବାକୁ ମତେ କାହିଁକି ଡର ମାଡୁଛି । ତମେ ଆଜି କିଛି ସମୟ ଏଇଠି ବସ—ବାପା ଉଠିଲେ ଯିବ ।"

—"ଦୂର ପାଗଳୀ ! ଡର ଗୋଟାଏ କଣ ? ଏବେନେ ତ ବେଳ ରଭ ରଭ ହେଉଛି, ତେଣେ ଘରେ କେତେ କାମ ଅଛି । କାଲି ସକାଳୁ ନିଶ୍ଚୟ ଆସିବି ।"

ଉପେନ୍ଦ୍ର ଚାଲିଗଲା । ଦୁଲେଇ କବାଟ ପାଖରେ ଠିଆ ହୋଇ ଉପେନ୍ଦ୍ରର ଯିବା ବାଟକୁ ଅନାଇ ରହିଲା । ମନ ଭିତରେ ତାର କେତେ ଭାବନା ଆଉ ସୁନେଲୀ କଳ୍ପନା ଆଙ୍କି ହୋଇ ଯାଉଥିଲା ।

## —ସାତ—

ଘନ ଅନ୍ଧାରର କଳା ପର୍ଦ୍ଦା କ୍ରମଶଃ ଅପସରି ଗଲା । ପୂର୍ବ ଘଟରୁ ସୂର୍ଯ୍ୟ ଦେବତାଙ୍କର ନାଲିଆ କିରଣ ଚାରିଆଡ଼େ ଝଂଟ ହୋଇ ପଡ଼ିଲା । ଗଛପତ୍ର ହସି ଉଠିଲେ । କୁଆ କୋଇଲି ଆନନ୍ଦରେ ରାବିବାକୁ ଲାଗିଲେ ।

ଦୁଲେଇ ଆଖି ଖୋଲି ଦେଖେ ତ—ସକାଳ ହେଲାଣି । ବିଛଣାରୁ ଉଠି ଆଗ ତାର ବାପା ପାଖକୁ ଗଲା । ବାପା ଶୋଇଛି । ସେ ଡାକିଲା—

—“ବାପା ! ବାପା ଘ ! ସକାଳ ହେଲାଣି ପରା !”

କିନ୍ତୁ ବାପା ତାର ଶୁଣିଲାନି କି ବିଛଣାରୁ ଉଠିଲାନି । ଅଜଣା ଭୟରେ ଦୁଲେଇର ପ୍ରାଣ ଭିତର କମ୍ପି ଉଠିଲା । ସେ ଧୀରେ ଧୀରେ ତା ବାପାର ବିଛଣା ପାଖକୁ ଯାଇ ନାକରେ ହାତ ଦେଲା—ନିଃଶ୍ୱାସ ମୋଟେ ବୁହୁନି । ସାରା ଶରୀର କାଠ ପାଲଟି ଯାଇଛି । ହଲଚଲ ବି ହେଉନି ।

ଦୁଲେଇ ଚିତ୍କାର କରି ଉଠିଲା । ମୃତ୍ୟୁ ବାପର ଛାତି ଉପରେ ମୁଣ୍ଡ ରଖି ସେ କାନ୍ଦିଲା—ଖୁବ୍ କାନ୍ଦିଲା । ଦୁଲେଇର କରୁଣ କ୍ରନ୍ଦନ ଶୁଣି, ବାଟରେ ବାଟୋଇମାନେ ଦୁଆରେ ଆସି

ଟିଅ ହେଲେ । ସମସ୍ତେ ସାନ୍ତ୍ୱନା ଦେଲେ । ମାତ୍ର ଦୁଲେଇ କାହାର କଥା ଶୁଣି ପାରିଲାନି । ଆଖିରୁ ତାର ଧାର ଧାର ଲୁହ ଗଡ଼ିବାକୁ ଲାଗିଲା ।

ଉପେନ୍ଦ୍ର ହଠାତ୍ ଆସି ପହଞ୍ଚି ଗଲା । ଉପେନ୍ଦ୍ରକୁ ଦେଖିବା ମାତ୍ରେ ଦୁଲେଇ ତୋ' କରି ମୁଣ୍ଡ ବାଡ଼େଇ କାନ୍ଦିବାକୁ ଲାଗିଲା ଖୁବ୍ ଜୋରରେ । ଉପେନ୍ଦ୍ର ଯେତେ ବୁଝାଇଲେ ମଧ୍ୟ ଦୁଲେଇର ମନ ମୋଟେ ବୁଝିଲାନି । ସେ ଝଙ୍କାଳରେ ବାଡ଼ୁନିବାକୁ ଲାଗିଲେ ।

ଉପେନ୍ଦ୍ର ଦୁଲେଇକୁ ବହୁ କଷ୍ଟରେ ଚୁପ୍ କରାଇ କହିଲା—

—"ଏପରି ଅସ୍ଥିର ହୋଇ କାନ୍ଦିଲେ ବାପା ଜଣେ ଫେରି ଆସିବ ? ଯାହା ହେବାର ଥିଲା ହେଲା । ଏଥିରେ କାହାର ହାତ ନାହିଁ । ମନକୁ ବୁଝାଇ ଥିଇର ହେଇ ଏଇଠି ବସି ଥା', ମୁଁ ବାହାରୁ ଆସେ ।"

ଉପେନ୍ଦ୍ର ବାହାରକୁ ଆସି ଦେଖେ ତ—"ଦୁଲେଇ ଦୁଆରକୁ କେହି ଆସୁ ନାହାନ୍ତି । ଯେ କେତେ ଜଣ ବାଟୋଇ ଛିଡ଼ା ହୋଇଥିଲେ, ସେମାନେ ବି ନିଜ ନିଜ କାମରେ ଚାଲିଗଲେଣି । ଉପେନ୍ଦ୍ର ମନେ ମନେ ଭାବିଲା—ଏ ଟିକିଏ ସାଙ୍ଗରେ ପଡ଼ୋଶୀଙ୍କର ପୁଣି ବାଦ ?" ବଡ଼ ଚିନ୍ତାରେ ପଡ଼ିଲା ସେ । ଦୁଲେଇକୁ ସାଙ୍ଗରେ ଧରି ଲାସ୍ କିପରି ଉଠାଯିବ, ସେହି କଥା ଭାବୁ ଭାବୁ ନିଜେ ବଡ଼ ବ୍ୟସ୍ତ ହୋଇ ପଡ଼ିଲା ।

ପ୍ରତ୍ୟେକଙ୍କ ଘରକୁ ଉପେନ୍ଦ୍ର ନିଜେ ଯାଇ କହିଲା । ମାତ୍ର ତା କଥାରେ କେହି ରାଜି ହେଲେନି କି ଲାସ୍ ଉଠାଇବା ପାଇଁ ଆସିଲେନି । ଗାଁରେ ଯେଉଁ ସହଯୋଗ ସମିତି ଗଢ଼ା ଯାଇଥିଲା, ଯେ କେତେ ଜଣ ମେମ୍ବର ଥିଲେ, ସେମାନେ ମଧ୍ୟ ଲାସ୍

ଉଠାଇ ପାରିବେନି ବୋଲି ଶେଷକୁ ମନା କରିଦେଲେ । ହତା-ଶରେ ଉପେନ୍ଦ୍ର ଫେରି ଆସି ଦୁଲେଇକୁ କହିଲା—

—"ଦୁଲି ! କେହି ଆସିଲେନି । ଲାସ୍ ଉଠାଇବା ପାଇଁ ମନା କରିଦେଲେ । ସେ ପାଇଁ ତୁ ଚିନ୍ତା କ'ରନି । ମୁଁ ବଞ୍ଚିଥିବା-ଯାଏଁ ତୋର କିଛି କଷ୍ଟ ହେବନି ।"

କହିବା ସଙ୍ଗେ ସଙ୍ଗେ ହାତରେ ଖଣ୍ଡେ କତା ଧରି ସେ ଚାଲିଗଲା ।

କିଛି ସମୟ ପରେ ଦୁଇଖଣ୍ଡ ବାଉଁଶ କାଟିଆଣି ଥୋଇଲା ।

ଉପେନ୍ଦ୍ର ନିଜ ହାତରେ କୋକେଇ ସଜାଡ଼ି ବସିଲା । ମାଗୁ-ଣିର ମୃତ୍ୟୁ ଶରୀରକୁ ଦୁଇ ହାତରେ ଟେକି ଆଣି କୋକେଇରେ ଶୁଆଇ ଦେଲା । ଦୁଲେଇ ମଧ୍ୟ ଛଳ ଛଳ ଆଖିରେ ଉପେନ୍ଦ୍ରକୁ ସାହାଯ୍ୟ କରିବାକୁ ଲାଗିଲା ।

× × × ×

କ୍ଷଣକ ମଧ୍ୟରେ ହାଡ଼ ମାଉଁସରେ ତିଆରି ହୋଇଥିବା ମାନବ ମୂର୍ତ୍ତିଟି ଜଳି ପୋଡ଼ି ପାଉଁଶ ହୋଇଗଲା । ଉପେନ୍ଦ୍ର ଓ ଦୁଲେଇ ନଈରେ ସ୍ନାନ ସାରି ଘରକୁ ଫେରି ଆସିଲେ ।

—"ଦୁଲି ! ଘରେ ଥିରିଟି ହୋଇ ଶୋଇ ରହ, ସଞ୍ଜ ବେଳୁଁ ଠାରେ ନଈରେ ଗାଧୋଇଛୁ—ଦେହ ତୋର ଜୁଡୁମ ଲାଗୁଛି........."

—"ତମେ କଣ ଚାଲିଯିବ ଉପ ଭାଇ ?"

କାନ୍ଦ କାନ୍ଦ ହୋଇ ଦୁଲେଇ କହିଲା ।

—"ହଁ, ଯାଉଛି ଦୁଲି ! କାଲି ପୁଣି ଆସିବି । ନ ଗଲେ ବାପା ରାଗିବେ ।"

"ନା, ତମେ ଯାଅନା ଉପ ଭାଇ। ମତେ ଏକା ରହିବାକୁ ଡର ମାଡୁଚ୍ଛି........."

—"ଇମିତ ପାଗଲୀଙ୍କ ପରି ହେଲେ କଣ ଚଳିବ ? ଘଣ୍ଟାକ ପରେ ମୁଁ ଥରେ ତୋ ପାଖକୁ ଆସିବି—ଦୁଃଖରେ କାନ୍ଦିବା ଆଉ ସୁଖରେ ହସିବା—ଦୁନିଆର ନିୟମ—ତୁ ଏପରି ହେଲେ କଣ କହୁ ତୋତେ ବୁଝେଇବି ? ମୁଁ ଥିବାଯାଏଁ ତୋର କିଛି କଷ୍ଟ ହେବନି। ତୋ ପାଇଁ ମୁଁ ସବୁ କରିପାରେଁ......"

ଦୁଲେଇ ଭେଁ ଭେଁ ହେଇ କାନ୍ଦି ଉଠିଲା।

ଉପେନ୍ଦ୍ର ପୁଣି ସାନ୍ତ୍ୱନା ଦେଇ କହିଲା—

—"ତୁ' ଆଉ କାନ୍ଦେନି। ତୋ ଉପ ଭାଇ ଥିବାଯାଏ ତୋର କିଛି ଚିନ୍ତା ନାହିଁ। ପିଲାଟି ଦିନୁ ମୋ ସାଙ୍ଗରେ ମିଶି ଆସିଚୁ—ତୋର କଣ ବିଶ୍ୱାସ ହେଉନି ମୋ ଉପରେ ? ଆଉ କାନ୍ଦେନି—ଘରେ ଯାଇ ଶୋଇ ପଡ଼। ମୁଁ ଯାଉଚି।"

ଉପେନ୍ଦ୍ର ଦୁଲେଇକୁ ବିଛଣାରେ ଶୁଆଇ ଦେଲା। ତା' ଦେହରେ କନା ଖଣ୍ଡେ ଘୋଡ଼ାଇ ଦେଇ କବାଟଟି ଆଉଜାଇ ବାହାରି ଆସିଲା ସେ।

ଉପେନ୍ଦ୍ର ଚାଲିଯିବା ପରେ ଦୁଲେଇ କାନ୍ଦିଲା—ଖୁବ୍ କାନ୍ଦିଲା। ମନେ ମନେ ଭାବିଲା ସେ—"ପିଲାଟି ଦିନୁ ମା'କୁ ହରେଇଚି, ବାପା ମଧ୍ୟ ତାକୁ ଏକା ଛାଡ଼ି ଚାଲିଗଲେ। ପିଲାଦିନର ଖେଳ ସାଥୀ ଉପ ଭାଇଙ୍କୁ ବା ବିଶ୍ୱାସ କଣ ?"

ଆଗକୁ ଆଉ ସେ ଭାବି ପାରିଲାନି। ଦୁଇ ଆଖିରୁ ଲୁହ ଧାର ଧାର ଗଡ଼ିବାକୁ ଲାଗିଲା।

ଉପେନ୍ଦ୍ର ଖୁବ୍ ଜୋରରେ ଚାଲିଚି।

✻ ୫—ଦିଗମ୍ବର ଦାସ

ଆଜକୁ ଦୁଇ ଦିନ ହେବ ସେ ଘରକୁ ଆସିନି । ବାପା ନିଶ୍ଚୟ ବିରକ୍ତ ହେଇଥିବେ—ଏଇ ସବୁ କଥା ଭାବି ମନରେ ଭୟ ପାଉଥିଲା ଉପେନ୍ଦ୍ର ।

—"ବାପା ବୋଧ ହୁଏ ଘର ଭିତରକୁ ପଶିବାକୁ ଦେବେନି ।"

ଡରି ଡରି ଉପେନ୍ଦ୍ର ଯେତେବେଳେ ଘର ଦୁଆର ପାଖରେ ଯାଇ ଠିଆ ହେଲା, ଅନାଇ ଦେଖେ ତ—ବାପା ତାର ଖଣ୍ଡିଏ ଅସିଣା ଉପରେ ବସି ପୋଥି ପଢିବାରେ ବ୍ୟସ୍ତ ।

ଉପେନ୍ଦ୍ର ଘର ଭିତରକୁ ପଶି ଯାଉଥିଲା । ପଧାନେ ପୋଥିରୁ ମୁହଁଟି ଉଠାଇ ଉପେନ୍ଦ୍ରକୁ ଥରେ ଅନାଇ ଦେଇ ପୁଣି ପୋଥି ପଢିବାକୁ ଲାଗିଲେ ।

ଉପେନ୍ଦ୍ର ମନରେ ସାହସ ଆଣି ଡାକିଲା—

—"ବାପା !"

—"ଆସି ଗଲୁଣି ?"

—"......................"

ଉପେନ୍ଦ୍ର ନୀରବରେ ଠିଆ ହେଇ ରହିଲା ।

କରୁଣ ପଧାନେ ପଚାରିଲେ—

—"ମାଗୁଣିକୁ କଣ ନଈକୂଳେ ପୋଡିଲ ?"

ଉପେନ୍ଦ୍ରର ମନେ ହେଲା—ବାପା ତାର ଏପରି କଥା କହିବା ସମୟରେ ତାଙ୍କ ହୃଦୟ ଭିତରୁ ଯେପରି କରୁଣାର ଆର୍ତ୍ତ-ନାଦ ଫୁଟି ବାହାରି ଆସୁଛି ।

—"ହଁ, ବାପା ! ପଡ଼ା ପଡ଼ୋଶୀ କେହି ପାଖରେ ପଶି-ଲେନି । ଏକା ଏକା ସବୁ କାମ ସାରି ଅସିଲି ।"

ଉପେନ୍ଦ୍ର ଲକ୍ଷ୍ୟ କରି ଦେଖିଲା—ମାଗୁଣି ଜେନାର କଥା ଶୁଣି ହୃଦୟ ତାଙ୍କର ବ୍ୟଥାରେ ଦବି ଯାଉଛି । ନିଜ ବାପାର

ହଠାତ୍ ଏପରି ପରିବର୍ତ୍ତନ ଅନୁଭବ କରି ଉପେନ୍ଦ୍ର ନିଜକୁ ନିଜେ ଆଶ୍ଚର୍ଯ୍ୟ ହେଲା ।

ପୂଜାରୀ ଆସି ଖାଇବାକୁ ଡାକିଲା । ଉପେନ୍ଦ୍ର ରୋଷେଇ ଘର ଭିତରକୁ ପଶି ଯାଇ କହିଲା—"ଗୋଟିଏ କଂସାରେ ଭାତ ତରକାରୀ ବାଢ଼ିଦିଅ, ମୁଁ ଦୁଲେଇ ପାଇଁ ନେଇଯିବି । କାଲିଠୁଁ ସେ କିଛି ଖାଇନି ।"

ପୂଜାରୀ ଭାତ ତରକାରୀ ବାଢ଼ିଦେଲା । ଉପେନ୍ଦ୍ର ଗାମୁଛାରେ ଭାତ କଂସା ବାନ୍ଧି—ସିଧା ଚାଲିଲା ଦୁଲେଇ ପାଖକୁ ।

ପହଞ୍ଚି ଦେଖେ ତ—ଘର କବାଟ ସେହିପରି ବନ୍ଦ ଅଛି । କବାଟ ଠେଲି ଭିତରକୁ ପଶିଲା ସେ । ଦୁଲେଇ ବିଛଣାରେ ମୁହଁ ମାଡ଼ି ଶୋଇଥିଲା । ଉପେନ୍ଦ୍ର ଡାକିଲା—

—"ଦୁଲି !"

ଡାକ ଶୁଣି ଦୁଲେଇ ଉଠି ବସିଲା । ମୁହଁଟି ତାର ଶୁଖି ଯାଇଛି । କାନ୍ଦି କାନ୍ଦି ଆଖି ଦୋ'ଟି ତାର ଫୁଲି ଯାଇଛି ।

—"ଉଠି ମୁହଁ ଧୋଇ ପକା—ଭାତ ଆଣିଛି ଖାଇ ନିଏ ।"

—"ମୁଁ ଏକା ଖାଇବି ନାହିଁ—ତମେ ଅସ !"

—"ଘରୁ ଖାଇ ଆସିଛି । ତୁ ଖାଇ ନିଏ— ।"

—"ମିଛ କଥା ! ମୁହଁଟି ତ ଶୁଖି ଯାଇଛି—ଖାଇଲ କେତେବେଳେ ? ତମେ ନ ଖାଇଲେ ମୁଁ ଖାଇବି ନାହିଁ ।'

ଦୁ' ଜଣଯାକ ଏକାଠି ଖାଇ ବସିଲେ ।

ଅନାଥିନୀ ଦୁଲେଇର ଆପଣାର ବୋଇଲେ ଉପେନ୍ଦ୍ର ଛଡ଼ା ଆଉ କିଏ ଅଛି ?

ଖାଇବା ଶେଷ ହେଲା ।

ହାତ ମୁହଁ ଧୋଇ ସାରି ଉପେନ୍ଦ୍ର କହିଲା—

—"ଆ' ଦୁଲି ! ଏଇ ଅଗଣା ମଝିରେ ବସିବା ।"

ଉପେନ୍ଦ୍ର ବସିଲା । ତା କାନ୍ଧ ଉପରେ ମୁହଁ ରଖି ଦୁଲେଇ ମଧ୍ୟ ନୀଳ ଆକାଶ ଆଡ଼କୁ ଶୂନ୍ୟ ଦୃଷ୍ଟିରେ ଅନାଇ ରହିଲା ।

ଉପେନ୍ଦ୍ର ଦୁଲେଇର ଅଲରା କେଶ କେରାକ ନିଜ ହାତରେ ସାଉଁଳେଇ ଦେବାକୁ ଲାଗିଲା ।

—ଆଠ—

ସମୟ କାହାରକୁ ଅନାଇ ବସେନି । ନିଜର କାମ କରି ସେ ଚାଲିଯାଏ । ପଡ଼ି ରହିଥାଏ ଖାଲି ତାର ସ୍ମୃତି ।

ନିଜ ବାପାର ଅଭାବ ଦୁଲେଇ କ୍ରମଶଃ ଭୁଲି ଗଲାଣି । ତାର ପୂର୍ବର ସେହି ଚଞ୍ଚଳ ସ୍ୱଭାବ ଫେରି ଆସିଛି । ଦୁଲେଇର ସଜ-ଫୁଟା ଗୋଲାପ ଫୁଲ ପରି ସୁନ୍ଦର ହସ ହସ ମୁହଁଟି ଆଡ଼େ ଅନା-ଇଲେ ଉପେନ୍ଦ୍ରର ମନ ଆନନ୍ଦରେ ନାଚି ଉଠେ ।

ଉପେନ୍ଦ୍ରର ଇଚ୍ଛା ହୁଏ—ସେ ତାର ସମସ୍ତ ସମୟ ଦୁଲେଇ ପାଖରେ ବସି କଟାଇ ଦେବାକୁ । କିନ୍ତୁ ତାହା ହୋଇପାରେ ନା ! ସମାଜର କଠୋର ଶାସନ—ଲୋକ ଅପବାଦକୁ ସେ ଚିନା ଭୟ କରେନି, କିନ୍ତୁ ଦୁଲେଇ ପାଇଁ ସେ ସବୁ ସହ୍ୟ କରିବ । ସେ

ଯୁବକ—କୁସଂସ୍କାରକୁ ଦମନ କରି ନୂଆ ଛାଞ୍ଚରେ ଦେଶ ତଥା ଜାତିକୁ ଗଢ଼ିବା ପାଇଁ ପ୍ରାଣ ତାର କାନ୍ଦ ଉଠେ—ତଥାପି ଚେଷ୍ଟା କରି ସେ କିଛି କରି ପାରେନା । ବାହୁରେ ଶକ୍ତି ପ୍ରାଣରେ ଆଶା ରଖି ଦେଶ କାମରେ ଲାଗି ପଡ଼େ । ଗ୍ରାମର କିପରି ଉନ୍ନତି ହେବ ସେ ପାଇଁ ଗ୍ରାମ ଲୋକଙ୍କୁ ବୁଝାଏ, ହେଲେ ତା କଥାକୁ କେହି କାନ ଦେଇ ଶୁଣନ୍ତି ନାହିଁ । ସମୟେ ସମୟେ ହତାଶ ହୁଏ କିନ୍ତୁ ଚେଷ୍ଟା ଚାଲିଥାଏ । —

ଜଣଙ୍କ ଦ୍ୱାରା କଣ ବା ହେବ ?

ଉପେନ୍ଦ୍ର ଦୁଲେଇ କଥା ଭାବେ—ସେ ଗ୍ରାମବାସୀଙ୍କ କଥା ଶୁଣିବ, ନା' ନିଜର ବାପା କଥାରେ ବାଟ ଚାଲିବ ?

କାହା କଥା ଶୁଣିବ ସେ ?

ବେଳେ ବେଳେ ଉପେନ୍ଦ୍ର ଭାବେ—ସମସ୍ତ ବନ୍ଧନୀ ତୁଟାଇ ଦେଇ କେଉଁ ଆଡ଼େ ଚାଲିଯିବ, ମାତ୍ର ଦୁଲେଇ ଛାଡ଼େନା । ତାର ଲୁହ ଭରା ଛଳ ଛଳ ଆଖି ଯୋ'ଟି ଦେଖିଲେ ଉପେନ୍ଦ୍ରର ସବୁ ଭାବନା ଗୋଳମାଳ ହୋଇଯାଏ ।

ଦୁଲେଇ କହେ—

—"ମତେ ଏକାଟିଆ ରହିବାକୁ ଏଣିକି ଭୟ ହେଉଛି ଉପ ଭାଇ ! ······ତମେ ପାଖରେ ଥିବାଯାଏ ମୁଁ ହସି ହସି ମୋର ସମସ୍ତ ଦୁଃଖ କଟାଇ ଦିଏ······ମୋ କଥା ତମକୁ ତ ଅଛପା ନାହିଁ ?"

ଉପେନ୍ଦ୍ର ମମତା ଆଉ ସ୍ନେହ ଚିଙ୍କ ପାଇ ଆଗକୁ ବେଶୀ ଭାବି ପାରେନା । ଦୁଲେଇକୁ ନିଜ ଛାତି ଉପରକୁ ଉଡ଼ାଅଣି ଧରେ ।

× × × ×

ଜମିଦାରଙ୍କର ପୈଶାଚିକ କର୍ମ ସ୍ୱଭମତ ଗାଆଁରେ ଚାଲିଛି । ସେଦିନ ବସନ୍ତ ରୋଗରେ ବନା ମଲିକ ମରିଗଲା । ସେହି ରାତିରେ ତାର ବାଢୁଅ ଝିଅର କୌଣସି ଖବର ମିଳିଲାନି ।

ପର ଦିନ ସକାଳୁ ଶୁଣାଗଲା ଯେ—ବନା ମଲିକ ଝିଅ ଘର ଛାଡ଼ି କୁଆଡ଼େ ପଳାଇଛି । ଜମିଦାରଙ୍କ ଲୋକ ଏଇ କଥାକୁ ପ୍ରଚାର କରି ବୁଲୁଛନ୍ତି ।

ପ୍ରକୃତ ଘଟଣା କଣ କେହି ଜାଣି ପାରିଲେନି ।

ନିସ୍ସହା ଅବଳା ପ୍ରତି ହେଉଥିବା ଅତ୍ୟାଚାରକୁ ଦମନ କରିବା ପାଇଁ କେହି ସେଠାରେ ନ ଥିଲେ !

ଉପରୁ ଈଶ୍ୱର ନିଶ୍ଚୟ ଦେଖୁଥିବେ—

କିନ୍ତୁ ନିର୍ଜୀବ ଦେବତାଙ୍କୁ ସମୟ କାହିଁ ଯେ, ସେ ଘର ଘର ବୁଲି ଅତ୍ୟାଚାରର ପ୍ରତିରୋଧ କରିବେ ?

ଜଣେ ନାରୀ—ଦ୍ରୌପଦୀର ଲଜ୍ଜା ନିବାରଣ ପାଇଁ ଶ୍ରୀକୃଷ୍ଣ କଣ ଆଜି ଅଛନ୍ତି ?

କେଉଁ କାଳରୁ ମରି ସାରିଲେଣି……

ପ୍ରକୃତରେ ଯଦି ଶ୍ରୀକୃଷ୍ଣ ଥାଆନ୍ତେ, ଆଜି ଲକ୍ଷ ଲକ୍ଷ ନିସ୍ସହା ଅବଳାଙ୍କ ଉପରେ ଏ ଯେଉଁ ଅତ୍ୟାଚାରର ତାଣ୍ଡବଲୀଳା ଚାଲିଛି—ସେ କଣ ଉଠି ଆସନ୍ତେନି ?

ଚିତା-ଚୈତନ୍ୟଧାମୀ—ଯେଉଁମାନେ କି ଧର୍ମର ଶ୍ରେଷ୍ଠତ୍ୱ ବୋଲନ୍ତି—ଆମର କାପୁରୁଷତାକୁ ବଢ଼ାଇ ଦେବାପାଇଁ ନାନା ପ୍ରକାରର କାଳ୍ପନିକ କାହାଣୀ ରଚନା କରି ଯାଇଛନ୍ତି—ତାହା ପାଠ କଲେ ବେଶ୍ ଜଣା ପଡ଼ିଯାଏ ।

ରାମ-କୃଷ୍ଣ ଦେବତା ଥିଲେ—

ଠିକ୍ କଥା—ଯେତେବେଳେ ଥିଲେ, ସେତେବେଳେ ତାଙ୍କର ପୂଜା ହେଉଥିଲା । ଲୋକେ ଭକ୍ତିରେ ମୁଣ୍ଡ ନୁଆଁଉଥିଲେ । କିନ୍ତୁ ବର୍ତ୍ତମାନ ନୁହେଁ ।

ଆଜି କାଲିକା ଯୁଗରେ ରାମ ନାହାଁନ୍ତି କି ଶ୍ରୀକୃଷ୍ଣ ନାହାଁନ୍ତି—ରାବଣ ଆଉ କଂସ ପ୍ରକୃତିର ଲୋକେ ବେଶୀ ସଂଖ୍ୟାରେ ଦେଖିବାକୁ ମିଳନ୍ତି ।

ଗୁରୁବଦନ ପରେ ଗୁମାସ୍ତା ବିଦୁ ପାଣେ ଆଜି ଆସିଛନ୍ତି । ତାଙ୍କୁ ଜର ହେଉଥିଲା, ସେଥିପାଇଁ ସେ କଚେରୀକୁ ଆସି ପାରି ନ ଥିଲେ । ବଡି ସକାଳୁ ଆସି ଜମିଦାରୀର କାଗଜ ପତ୍ର ଓଲଟ ପାଲଟ କରିବାରେ ବ୍ୟସ୍ତ ଅଛନ୍ତି । ଜମିଦାର ମହାଶୟ ଧୀରେ ଧୀରେ ଆସି ଗୁମାସ୍ତାଙ୍କ ପାଖରେ ଠିଆ ହୋଇ କହିଲେ—

—"କଣ ଦେହ ଭଲ ହୋଇଗଲା ଗୁମାସ୍ତା ବାବୁ ?"

—"ହଁ ଆଜ୍ଞା ! ସବୁ ଆପଣଙ୍କର ଦୟା……ବର୍ତ୍ତମାନ ଦେହ ସଂପୂର୍ଣ୍ଣ ଭଲ ହୋଇ ଯାଇଛି ।"

ପାଣେ ଚଶମାକୁ ପିନ୍ଧା କାନରେ ପୋଛି ପୋଛି କହିଲେ ।

—"ଖୁବ୍ ଶୀଘ୍ର ତ ଭଲ ହୋଇଗଲ ?"

—"ଆଜ୍ଞା, କାହିଁକି ଆଉ ସେ କଥା ପଚାରୁଛନ୍ତି ? ପିଲାଙ୍କୁ ଭଣ୍ଡେଇଲା ପରି ଧଳା ଧଳା ଗୋଟେ ଗୋଲି ଗୁଡ଼ାଏ ଟି……ପାଟିକୁ ମିଠା ମିଠା ଲାଗିଲା……ଯେମିତି ପାନେ ଖାଇ ଦେଇଛି…… ଜର ତ କୁଆଡ଼େ ଗୁଲିଗଲା……"

—"ବାଃ……ସୁନ୍ଦର ଔଷଧ ତ ! କେଉଁ ଡାକ୍ତର ଆସିଥିଲା କି ?"

—"ଆଜ୍ଞା ନାହିଁ ମ ! ଡାକ୍ତର ନୁହେଁ କି କବିରାଜ ବି ନୁହେଁ । ଉପେନ୍ଦ୍ର ନାଏକେ ଆମ ଘରକୁ ଆସି ମତେ ଖୁଆଇ ଦେଇଗଲା ।"

ଗୁମାସ୍ତା ଖାତା ଓଲଟାଉ ଓଲଟାଉ କହିଲେ ।

—"ଉପେନ୍ଦ୍ର ?"

ଜମିଦାର ଅଷ୍ଟ୍ରଫୁଟରେ ପଚାରିଲେ ।

—"ହଁ ଆଜ୍ଞା ! ମୁଁ ଜରରେ କମ୍ପୁଥିଲି । ସକାଳୁ ତ ସେ ଆମ ଘରକୁ ଆସିଲା—ହାତରେ ଗୋଟାଏ ଚମଡ଼ା ବେଗ ଧରି··· ।"

—"ସେ ତମକୁ କଣ କହିଲା ?"

—"କହିଲା—ଏଇ ଔଷଦ ପାଟେ ଖାଇଦିଅ, ଘଣ୍ଟାକ ଭିତରେ ଜର ଛାଡ଼ିଯିବ ।"

ସେଇଠୁ ତମେ କଣ ଉତ୍ତର ଦେଲ ?"

—"ମୁଁ ଅଉ କଣ ଉତ୍ତର ଦିଅନ୍ତି ଆଜ୍ଞା ? ଭୟରେ ତ ମୋ ପେଟେଲେହି ପାଣି ହୋଇଗଲା ! ଭାବିଲି—ପ୍ରକୃତରେ ଇଏ ଔଷଦ ନା' ବିଷ ଦେଉଛି ? ଯେତେବେଳେ ଦେଖିଲି-ଶିଶି ଭିତରେ ସୋରିଷ ପରି ଛୋଟ ଛୋଟ ଧଳା ଗୁଳି, ସେତିକି ବେଳେ ଜାଣିଲି ଯେ—ଇଏ କିଛି ନୁହେଁ । ପିଲାଙ୍କୁ ଚୁଚୁମା ଦେଲା ପରି ଇଏ ମତେ ଭଣ୍ଡେଇବାକୁ ଆଇଛି—ଗୋଟିଏ ପୁଡ଼ିଆ ଆଣି ପାଟିକି ପକେଇ ଦେଲି । ମିଠା ମିଠା ଲାଗିଲା—ଘଣ୍ଟାକ ପରେ ଦେଖେଁ ତ ଜର ଫର କିଛି ନାହିଁ— ।"

ଉପେନ୍ଦ୍ର ଦେଇଥିବା ହୋମିଓପେଥିକ୍ ଔଷଧର ଗୁଣ ଗୁମାସ୍ତା ବନ୍ଧୁ ପାଟେ ଜମିଦାରଙ୍କ ସମ୍ମୁଖରେ ମୁକ୍ତ କଣ୍ଠରେ ସ୍ୱୀକାର କରିଗଲେ ।

ପ୍ରକୃତରେ ଘଟଣା ସେଇୟା ଥିଲା—ଘଣ୍ଟାକ ଭିତରେ ଉପେନ୍ଦ୍ର ଯଦି ଗୁମାସ୍ତାଙ୍କ ଘରେ ପହଞ୍ଚି ଔଷଧ ଦେଇ ନ ଥାନ୍ତା, ତେବେ ଗୁମାସ୍ତାଙ୍କର ସେହି ଦିନ ଶେଷ ସମାଧି ହୋଇଥାନ୍ତା ।

ଏ କଥାକୁ ଜମିଦାରଙ୍କ ପାଖରେ ପାଣ୍ଡେ ଯଦି ସ୍ୱୀକାର କରିବାକୁ ରାଜି ନ ଥିଲେ ତଥାପି ତାଙ୍କ ଅନ୍ତର ମାନି ଯାଉଥିଲା ।

—"ଦୁଲେଇ ଖବର କଣ ଆଜ୍ଞା ? ବାପା ତ ତାର ମଲା— ।"

ଜମିଦାରଙ୍କ କାନ ପାଖରେ ମୁହଁଟିକୁ ବଢ଼େଇ ଦେଇ ଫୁସ୍ ଫୁସ୍ କରି ଗୁମାସ୍ତା ବଦ୍ରି ପାଣ୍ଡେ କହିଲେ ।

—"ଆସ୍ତେ ଆସ୍ତେ ସବୁ ଠିକ୍ ହେଇଯିବ । ଏଇଯିଣା ଶୁଣି-ବାକୁ ମିଳୁଛି ଯେ—ଉପେନ୍ଦ୍ର ସବୁ ସମୟରେ ତା ପାଖରେ ରହୁଛି ।"

—"କିନ୍ତୁ ରାତରେ ସୁବିଧା ଦେଖି……"

—ଶେଷକୁ ସେଇୟା ହେବ ।—ବର୍ତ୍ତମାନ ନୁହେଁ—ଆହୁରି କିଛି ଦିନ ଅପେକ୍ଷା କରାଯାଉ…… ।"

—"କିନ୍ତୁ ଏଇନେ ସୁବିଧାଟା ଛାଡ଼ିନେଲେ……"

—"ଆମ ପାଇଁ ସବୁ ବେଳେ ସୁବିଧା ରହିଛି । ତଥାପି ଉପେନ୍ଦ୍ରଟା ଏ ଗାଆଁରୁ ନ ଯିବାଯାଏଁ ଟିକିଏ ଭୟ ମଧ୍ୟ ଅଛି ।"

—"ମୁଁ କିନ୍ତୁ ଗୋଟିଏ କଥା ଭାବୁଛି……"

—"ତମେ ପୁଣି କଣ ଭାବୁଛ ?"

—"ଏଇ ଦୁଲେଇ ଆଉ ଉପେନ୍ଦ୍ର ବିଷୟ ନେଇ…… କୌଣସି ପ୍ରକାର ଯଦି ସେ ଦି'ଜଣଙ୍କ ନାଆଁରେ ଗୋଟାଏ ବଦ୍‌ନାମ ରଟାଇ ଦିଆଯିବ…… ।"

—"ଥରେ ତ ବଦ୍‌ନାମ ରଟେଇବାକୁ ଯାଇ ଫେଲ୍ ମାରିଗଲ !"

—"କିନ୍ତୁ ଏ ବଦ୍‌ନାମର ରୂପରେଖ ଟିକିଏ ଅଲଗା ଧରଣର ହେବ……"

—"କି' ଉପାୟ ତମେ ସ୍ଥିର କରିଛ ?"

ଗୁମାସ୍ତା ବାବୁ ପାନେ ଏଣିକ ତେଣିକ ଟିକିଏ ଅନାଇ ଦେଇ କହିଲେ—

—"ଆଜ୍ଞା ! ଗାଆଁ ଲୋକଙ୍କୁ ଏକଯୁଟ କରି ଏଇ କଥାଟି ପ୍ରଚାର କରିବାକୁ ହେବ । ସମସ୍ତେ କହିବେ—ଦୁଲେଇର ବାପା ମାଗୁଣି ଜେନାକୁ ଉପେନ୍ଦ୍ର ବିଷ ଦେଇ ମାରି ପକାଇଲା......"

—"ଖୁବ୍ ସୁନ୍ଦର ଉପାୟଟି ଏକା ଚିନ୍ତା କରିଛ—ଏଥର ତମ ପ୍ରଚାର କାମ ଆରମ୍ଭ କରିଦିଅ । ଗାଆଁ ଲୋକଙ୍କ ସାଙ୍ଗରେ ମିଶି କଥାଟାକୁ ଏପରି ଭାବରେ କହିଦିଅ ଯେ—ଯେପରି ସେହି ଗାଆଁ ଲୋକଙ୍କ ମୁହଁରୁ କଥାଟା ଫୁଟି ପଦାକୁ ବାହାରି ପଡୁ— ତମେ ମୋଟେ ଚିହ୍ନା ପଡ଼ନା ।"

—"ଆଜ୍ଞା ! ବାପ ଅଜା ସାତ ପୁରୁଷ ଗଲେଣି ଏଇ କାମ କରି—ମୁଁ ଯଦି ହାରିଯିବି ମୋ ମୁନିଆଦିକୁ ନିନ୍ଦା ହବ ନାହିଁ ? ଆପଣ ଥିଇରି ହେଇ ଖାଲି ବସି ଦେଖନ୍ତୁ ନା—କି ଖେଳ ଖେଳେ ଲଗେଇ ଦଉଚି ?"

ବସ୍ତାନୀପଦି ବାନ୍ଧି ଗୁମାସ୍ତା ବାବୁ ପରେ ତଉପାଢ଼ୀରୁ ବାହାରି ଗଲେ । ଜମିଦାର ନିଜ କାମରେ ବ୍ୟସ୍ତ ରହିଲେ ।

—ନଅ—

ଉପେନ୍ଦ୍ର ମନ ଦୁଃଖରେ ବସିଛି । ଗ୍ରାମ ସାରା ତା ନାଆଁରେ ଅପବାଦ ରଟୁଛି । ଛୁଆ ଠାରୁ ବୁଢ଼ା ପର୍ଯ୍ୟନ୍ତ ତାକୁ ନିନ୍ଦା କରୁଛନ୍ତି । ବାଟ ଘାଟରେ କେହି ଯଦି ଉପେନ୍ଦ୍ରକୁ ଦେଖେ, ମୁହଁ ମୋଡି ଚାଲିଯାଏ । ସମସ୍ତଙ୍କର ସନ୍ଦେହର ତୀକ୍ଷ୍ଣ ଦୃଷ୍ଟି ତା' ଉପରେ ପଡୁଛି ।

ତାର ଅପରାଧ ?

ଅପରାଧ ?

ସେ ଯେ ଦୁଲେଇର ବାପାକୁ ବିଷ ଦେଇ ମାରିଛି । ଜମିଦାରଙ୍କ ଲୋକେ ଏ କଥା ଗାଇ ବୁଲୁଛନ୍ତି—ନିଆଁ ନ ଥିଲେ କଣ ଧୂଆଁ ହୁଏ ?

ବାର ଲୋକଙ୍କ ଠାରୁ ବାର କଥା ଶୁଣି ଶୁଣି କାନ ତାର ବଧିର ପାଲଟି ଗଲାଣି । କୌଣସି କାମରେ ଆଗର ସେ ଉତ୍ସାହ ଆଉ ନାହିଁ । ତଥାପି ଗ୍ରାମର କିପରି ଉନ୍ନତି ହେବ ଆଉ ଗ୍ରାମର ଲୋକ ମାନଙ୍କ ମଧ୍ୟରେ ସ୍ୱାଧୀନ ମନୋବୃତ୍ତି ଆସିବ—ସେହି ଚିନ୍ତାରେ ସେ ସଦାବେଳେ ବ୍ୟସ୍ତ ।

ପଛରୁ ଡାକ ପିଅନ ଡାକିଲା—

—"ଉପେନ୍ଦ୍ର ବାବୁ ! ଆପଣଙ୍କର ଚିଠି······"

ନୈଳୀ ରଙ୍ଗର ଖଣ୍ଡେ ଖାମ ଉପେନ୍ଦ୍ରର ହାତକୁ ବଢ଼ାଇ ଦେଇ ପିଅନ ଚାଲିଗଲା ।

ଚିଠିରେ ଲେଖା ଥିଲା—

ପ୍ରାଣର ଭାଇ ଉପେନ୍ !

ଦୀର୍ଘ ଦିନ ଧରି ଘରେ ଯାଇ ରହିଲୁ । ଏ ପର୍ଯ୍ୟନ୍ତ ଚିଠି ଖଣ୍ଡେ ପଠାଇଲୁନି—କାରଣ କଣ ? କଥାରେ ଅଛି—ପାଖରେ ଥିଲେ ପର ଆପଣାର ହୁଏ କିନ୍ତୁ ପାଖରୁ ଚାଲିଗଲେ ଅତି ଆପଣାର ଲୋକ ବି ସାତ ପର ହୁଅନ୍ତି ।

ପ୍ରକୃତରେ କଥାଟା କଣ ସତ ?

ତୋର ମନେ ଥିବ—ଦିନେ କାଠଯୋଡ଼ି କୂଳରେ ବୁଲି ବୁଲି ଆମ ଭିତରେ ଯେଉଁ ଶପଥ ନିଆ ଯାଇଥିଲା ? ପାଠ ପଢ଼ା ଶେଷ ହେବା ସଙ୍ଗେ ସଙ୍ଗେ ଆମର ସାରା ଜୀବନ ସଂଗଠନ କାର୍ଯ୍ୟରେ କଟାଇ ଦେବା—ଗୋଟିଏ ନୂଆ ଛାଞ୍ଚରେ ଆମର ଦେଶ-ବାସୀଙ୍କୁ ଗଢିବା······ । ଏ ସବୁ କଥା କଣ ଭୁଲିଗଲୁ ?

ମୋ ଚିଠି ପାଇବା ମାତ୍ରେ କଟକ ଆସିବୁ । ମୁଁ ଏଥର ତୋ ସାଙ୍ଗରେ ଯିବି । ତୁ ତ ଭଲ କରି ଜାଣୁ, ମୋର ଏ ଦୁନି-ଆରେ ନିଜର ହୋଇ କେହି ନାହିଁ । ମା' ପେଟର ଭାଇ ପରି ମୁଁ ତୋତେ ମାନିଥାଏଁ । ତୋର ବିନା ପରାମର୍ଶରେ ମୁଁ କିଛି କରି ପାରୁନି । ତୋ ଆସିବା ବାଟକୁ ଚାହିଁ ରହିଲି । ସାକ୍ଷାତରେ ସବୁ କଥା—

ତୋର—

ରମାନାଥ

ଉପେନ୍ଦ୍ର ଚିଠିଟିକୁ ବାରମ୍ବାର ପଢିଲା । ଏ ପର୍ଯ୍ୟନ୍ତ ରମା-ନାଥକୁ ଚିଠି ନ ପଠାଇଥିବା ହେତୁ ମନେ ମନେ ଖୁବ୍ ଦୁଃଖିତ ହେଲା ସେ । କଟକ ଯିବ ବୋଲି ସ୍ଥିର କଲା । ଏଇ ସୁଯୋଗରେ ବନ୍ଧୁ ରମାନାଥକୁ ଏଠାକୁ ଆଣିବାକୁ ହେବ । ଦୁଇବନ୍ଧୁ ମିଳିମିଶି ଗ୍ରାମର ନିରୀହ ଲୋକମାନଙ୍କୁ ବୁଝେଇ ସେମାନଙ୍କର ଉନ୍ନତି ପାଇଁ କାର୍ଯ୍ୟ ଆରମ୍ଭ କରିପାରିବ । ରମାନାଥର ସହଯୋଗରେ ନିଶ୍ଚୟ ସେ କୃତକାର୍ଯ୍ୟ ହୋଇ ପାରିବ ବୋଲି ସ୍ଥିର କଲା ।

କାଲିରେ ଉପେନ୍ଦ୍ର କଟକ ଯିବ ।

ହଁ, ଯିବା ଆଗରୁ ଦୁଲେଇକୁ ଦେଖା ନ କଲେ ସେ କାନ୍ଦିବ । ଚିଠି ଖଣ୍ଡିକ ହାତରେ ଧରି ଦୁଲେଇ ଘରକୁ ଗଲା ଉପେନ୍ଦ୍ର ।

ଦୁଲେଇ ବସି ଚୁଲୀ ଜାଳୁଥିଲା । ଉପେନ୍ଦ୍ରକୁ ଦେଖି ଅଭି-ମାନରେ କହିଲା—

—"ସକାଳ ଯାଇ ସଞ୍ଜ ହେଲାଣି, ଏଇନେ ବୋଧେ ମୋ କଥା କଣ ମନେ ପଡ଼ିଲା ?

ଉପେନ୍ଦ୍ର ହସି ହସି କହିଲା—

ସକାଳୁ ଉଠି ଯଦି ମୋ ମୁହଁ ଚାହିଁ ଥାଆନ୍ତୁ, ତେବେ ଆଜି ଖାଇବାକୁ ମିଳି ନ ଥାନ୍ତା......... । ମୋ ମୁହଁକୁ ଅନେଇ କ'ଣ ଦେଖୁଚୁଲେ ହୁଣ୍ଡି ? ଚୂଲୀରେ ଜାଳ ଦିଏ.........ବାହାରକୁ କାହିଁ ଚାଲି ଆସୁଛି—"

ଦୁଲେଇ ଅଧଜଳା କୁଠା କେତୋଟି ଚୁଲୀ ଭିତରକୁ ପୁରେଇ ଦେଇ କହିଲା ।

—"ଏଇଠି ଆସି ବସିଯାଅ । ଦୁଆର ମୁହଁରୁ ଠିଆ ଠିଆ ଚାଲେଇ ଯିବାକୁ ଚାହୁଁଚ ନା କଣ ?"

ଉପେନ୍ଦ୍ର ଦୁଲେଇ ପାଖରେ ବସି ପଡ଼ି କହିଲା—

—"ଦିନ ସାରା ଘରେ ଏକା ବସି କଣ କରୁଥିଲୁ କି ?"

—"କଣ ଆଉ କରନ୍ତି ? ତାଣ୍ଡି କବାଟ ପାଖରେ ଠିଆ ହୋଇ ତମର ଆସିବା ବାଟକୁ ଅନାଇ ବସିଥିଲି......"

—"ଗୋଟିଏ ଜରୁରୀ କଥା ତୋ ସାଙ୍ଗରେ ଅଛି, ଆଗ ଶୁଣିଲୁ......"

—"କଣ ଏପରି ଖବର ଆଣିଚ ଯେ, କହିବାକୁ ବ୍ୟସ୍ତ ହୋଇ ପଡ଼ୁଚ ?"

—"ଖଣ୍ଡେ ଚିଠି ଆସିଛି—ମତେ କାଲି କଟକ ଯିବାକୁ ହେବ ।"

—"ଯାଉନା, ମୁଁ କଣ ତମକୁ ଅଟକେଇ ରଖିଚି ?"

କହି ଦେଇ ଦୁଲେଇ ଅଭିମାନରେ ମୁହଁ ଫୁଲେଇ ବସିଲା ।

—"କଥାରେ କଥାରେ ତୁ ତ ମୁହଁ ଫୁଲେଇବୁ...ଉପେନ୍ଦ୍ର ଦୁଲେଇକୁ ନିଜ ପାଖକୁ ଭିଡ଼ି ଆଣି ତାର ମୁଣ୍ଡବାଳକୁ ସାଉଁଳେଇ ଦେଇ କହିଲା—ଛି'......ମୋ ସୁନାଟା ପରା, ଏପରି ଅଭିମାନ କଲେ ଚଳିବ ? ଦୁଇ ଦିନ ପରେ ତ ପୁଣି ଫେରି ଆସିବି ?"

—"ଦୁଇ ଦିନରୁ ଯଦି ବେଶୀ ହେବ ଏ ଜୀବନ ରଖିବି ନାହିଁ......"

—"କଟକରୁ ଫେରି ଆଗ ତୋ'ର ପାଖକୁ ସିଧା ଆସିବି । ଏଥର ଖୁସି ତ ? ଅଚ୍ଛା ଏଥର ମୁଁ ବାହାରିଲି—ତୁ କବାଟ ଦିଏ ।"

ଦୁଲେଇକୁ ସାବଧାନରେ ରହିବାକୁ କହି, ଉପେନ୍ଦ୍ର ଘରକୁ ଚାଲି ଆସିଲା ।

ପର ଦିନ ଉପେନ୍ଦ୍ର ଗଲା କଟକ । ଦୁଲେଇ ଉପ ଭାଇକୁ ତାର ନ ପାଇ ଥିଇବ ହେଇ ଘରେ ଶୋଇ ରହିଲା । ରାନ୍ଧିଲା ନାହିଁ କି ଖାଇଲା ନାହିଁ । ଉପେନ୍ଦ୍ର ପାଇଁ ମନ ତାର ବ୍ୟାକୁଳ ହୋଇ ଉଠିଲା । ଆଖିରେ ତାର ଲୁହ ଭରି ଆସିଲା । ବିଛଣାରେ ଶୋଇ ଶୋଇ ଉପେନ୍ଦ୍ରର ଛବି ମାନସପଟରେ ଅଙ୍କିବାକୁ ଲାଗିଲା ।

ହଠାତ୍ କାହାର ଡାକରେ ଦୁଲେଇର ତନ୍ଦ୍ରା ଭାଙ୍ଗିଗଲା ।

ଦୁଆର ଖୋଲି ଦେଖେ ତ—ଜମିଦାରଙ୍କ ଗୁମାସ୍ତା ବଦୁ ପାଖେ ଠିଆ ହେଇଛନ୍ତି । ମୁହଁରେ ତାଙ୍କର ଫୁଟି ଉଠୁଛି ପୈଶାଚିକ ହସ—ଆଖିରେ ଅଛି କୁଟିଳ ମିଶା ଚାହାଣି । ନିରୀହା ପଲ୍ଲୀ ବାଳିକା ଏ ସବୁର ଅର୍ଥ ବା କଣ ବୁଝିବ ?

ଆଶ୍ଚର୍ଯ୍ୟ ହେଇ ଦୁଲେଇ ପଚାରିଲା—"ବଦୁମଉସା କୁଆଡ଼େ ?"

—"ଟିକିଏ ଚାଲି ଆସିଲି ଲୋ ଝିଅ......ପିଣ୍ଡାରେ ବସୁ ବସୁ ପାଖେ କହିଲେ—ତୁ ବି ଏଇଠି ବସି ଯା'—ତୋ ସାଙ୍ଗରେ କଥା ଅଛି......"

ଦୁଲେଇ ମଧ୍ୟ ବସି ପଡ଼ି କହିଲା—

—"କଣ କହିବ କୁହ ମଉସା ?"

—"କଣ ଏକା ଘରେ ଅଛୁ ? ......ତତେ ଛାଡ଼ି ଦେଇ ଉପେନ୍ଦ୍ର କଟକ ପଳାଇଲା । ତୋର ଖବର ପୁଣି କିଏ ବୁଝୁଛି ?"

—"ଦି' ଦିନ ପରେ ତ ପୁଣି ସେ ଫେରି ଆସିବେ ।"

ଦୁଲେଇ କହିଲା ।

—ହଠାତ୍ କଟକ ପଳେଇ ଯିବାର କାରଣ କଣ ? ତମ ଦି' ଜଣଙ୍କ ଭିତରେ କିଛି କଳି କଜିଆ......"

—"କଳି କଜିଆ କାହିଁକି ହବ ? କଟକରେ କଣ ଜରୁରୀ କାମ ଅଛି ବୋଲି ସେ ଯାଇଛନ୍ତି ।"

—ତୁ ହେଲୁ ଅତି ସିଧା ଲୋକ । କଏ କପଟ ଏଯାଏଁ ଚିହ୍ନିଲୁ ନାହିଁ ? ଲୋକେ ନିଜର ବୋଲି କହି କପଟ ଭିତରେ ଭିତରେ ଚେର କାଟନ୍ତି...... ? ତୁ କିଛି ଜାଣିଲୁ ନାହିଁ ବୋଲି ତୋ ବାପା ଅଣହେଲାରେ ସିନା ମଲା ? ......"

—"ବାପାକୁ ତ କେହି ଜାଣି ଜାଣି ମାରି ଦେଇ ନାହିଁ ? ତାଙ୍କର ଆୟୁଷ ପୂରିଲା ସେ ମଲେ......"

—"ଆୟୁଷ ପୂରିବ କାହିଁକି ? ତାକୁ ଜାଣି ଜାଣି ମାରି ଦିଆ ଯାଇଛି । ଦୁଇଟା ଦିନ ଜରରେ ଲୋକଟା ମରିଗଲା—ଏକଥା ତୋ ମନକୁ ପାଉଛି ?"

—"କଣ ତମେ କହୁଛ ମଉସା ? ମୋ ମୁଣ୍ଡରେ ଏ କଥା ପଶୁ ନାହିଁ......"

—"ବୁଝିଲୁ ଝିଅ ? ଗାଁରେ ସମସ୍ତିଙ୍କ ମୁହଁରୁ ଶୁଣିବାକୁ ମିଳୁଛି—ବାପାକୁ ତୋର ବିଷ ଦେଇ ମାରିଛନ୍ତି ।"

ପାତ୍ରେ ଖୁବ୍ ଗମ୍ଭୀର ହୋଇ କଥାଟିକୁ କହିଲେ ।

—"ବିଷ ! ଏ କଥାକୁ କାଳ ଏକା ସଇତେଲ ହେଲା । ଇମିତି ମିଛ କଥା କହ ନାହିଁ ମଉସା !"

—"ମିଛ ମୁଁ ମୋଟେ କହେନା ଲୋ ଝିଅ ! ବୁଢ଼ା ହେଲଣି—ଏ ମୁଣ୍ଡବାଳ ପାଚି ଧୋଉ ହେବାକୁ ବସିଲାଣି, ତୋ ପାଖରେ ମିଛ କଥା କହି ଲାଭ କଅଣ ? ସମସ୍ତିଙ୍କ ମୁହଁରୁ ଏଇ କଥା ଶୁଣା ଯାଉଛି—ଭଲ ମଣିଷ, ସଞ୍ଜ ବେଳଠାରୁ ମୂଲ ଖଟି ଆସିଲା—ରାତି ଗୋଟାକରେ ଶେଷ......"

ଦୁଲେଇ ନୀରବ ରହିଲା—ପାତ୍ରଙ୍କ କଥାରେ ମୁହଁଟି ତାର ଫିକା ପଡ଼ିଲା ପରି ମନେ ହେଲା ।

ବନ୍ଧୁ ପାଣିଙ୍କ ଔଷଧ ଠିକଣା ଜାଗାରେ କାମ ହାସଲ କରି ଥିବାରୁ ସେ ମନେ ମନେ ଖୁବ୍ ଖୁସି ହେଉଥିଲେ ।

କିଛି ସମୟ ପରେ ଦୁଲେଇ ପଚାରିଲା—

—“ଆଚ୍ଛା, ମୋ ବାପାକୁ କିଏ ବିଷ ଦେଇଚି କହି ପାରିବ ମଉସା ?” ......

—“ନାଆଁ ? ତା’ ନାଆଁ ତ ଗାଆଁ ଲୋକଙ୍କ ମୁହଁରୁ ଶୁଣିବାକୁ ପାଇବୁ । ଯାହାକୁ ପଚାରିବୁ ସିଏ କହିବ...... ।”

—“କାହିଁକି ? ତମେ କହନା... ?”

—“ସମସ୍ତେ ତ କହୁଚନ୍ତି—ଉପେନ୍ଦ୍ର କୁଆଡ଼େ ଔଷଧ ସାଙ୍ଗରେ ବିଷ ମିଶେଇ ଦେଇଥିଲା ବୋଲି......”

ପାଣେ ଛେପ ଢୋକି ଥରିଲା ଗଳାରେ ଏତକ କହିଲେ ।

ଦୁଲେଇ ଚମକି ପଡ଼ିଲା । ଆଶ୍ଚର୍ଯ୍ୟରେ ଗୁମାସ୍ତାଙ୍କ ମୁହଁକୁ ଛଳ ଛଳ ଆଖିରେ ଅନାଇ ଭାବିଲା—

—“ଉପ ଭାଇ !”

—“ଉପ ଭାଇ ବାପାକୁ ମୋର ମାଇଲେ ? ଔଷଧରେ କଣ ପ୍ରକୃତରେ ସେ ବିଷ ମିଶାଇ ଖୁଆଇଥିଲେ ?”

ଏହିପରି ନାନା ପ୍ରଶ୍ନ ଆସି ଦୁଲେଇର ହୃଦୟ ଭିତରକୁ ମନ୍ଥି ଚକଟି ପକାଇଲା ।

ମୁହଁରେ କୁଟିଳ ହସ ଫୁଟେଇ ପାଣେ କହିଲେ—

—“ଏଇ ଥର ବୁଝିଲୁ ତ ଝିଅ ?”

—“ହଁ...... !”

ଦୁଲେଇ କାନ୍ଦ କାନ୍ଦ ହେଇ କହିଲା ।

—"ଜାଣିଲୁ ଝିଅ ! ଏ ଦୁନିଆରେ ଯାହାକୁ ଆପଣାର ବୋଲି ଜାଣିଥିଲୁ—ଶେଷକୁ ସେଇ ବେଳରେ ଛୁରୀ ମାରିଲା । ଏ କଥା କଇ ନ ଥାନ୍ତି···ଉପେନ୍ଦ୍ର ବିଷ ଯେଉଁଠୁ ଆଣିଥିଲା ସେ କଥା ମୁଁ ବି ଜାଣେ······ !

—"ବିନା ଦୋଷରେ କାହିଁକି ବା ସେ ମୋ ବାପାକୁ ବିଷ ଦେଇ ମାରିଲେ ? ତାଙ୍କର ତ କିଛି ଦୋଷ କରି ନ ଥିଲେ ସେ······ ।"

ଦୁଲେଇ ଆଉ କିଛି କହି ପାରିଲାନି । କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା ।

—"ମାରିବାର ଅନେକ କାରଣ ଅଛି । ତୋ ବାପା ମଲେ ତୋତେ ସେ······ତୁ ପିଲା, ସେ କଥା ବୁଝି ପାରିବୁ ନାହିଁ । ସେଇଥି ପାଇଁ ସେ ଏ ସବୁ କରିଛି······"

ଦୁଲେଇ ଆଉ କିଛି ନ କହି କାନ୍ଦିଲା ।

ପାଣେ ଠିକ୍ ସମୟରେ କାମ ହାସଲ କରିବା ପାଇଁ କହିଲେ—

—"ଜମିଦାର ବାବୁ ଏ ସବୁ କଥା ଯେତେବେଳେ ଶୁଣିଲେ, ତାଙ୍କ ମନରେ ଭାରି କଷ୍ଟ ହେଲା । ଉପେନ୍ଦ୍ର ଠାକୁ ମାରି ଦେବା ପାଇଁ ଲୋକ ମଧ୍ୟ ଠିକ୍ କରିଥିଲେ । କିନ୍ତୁ ସେ ଭାରି ଉଦାର ଲୋକ । ମତେ ଡାକି କହିଲେ—ନା, ଉପେନ୍ଦ୍ରକୁ ମାରି ଦେଲେ କାଳେ ଦୁଲେଇ ମନରେ କଷ୍ଟ ହେବ·········ତାକୁ ଛାଡ଼ିଦିଅ । ଜମିଦାର ବାବୁ ତୋତେ ଭାରି ସ୍ନେହ କରନ୍ତି କି'ନା······ହଁ, ଉପେନ୍ଦ୍ର ଆସିଲେ ଏଥର ତା ସାଙ୍ଗରେ ଖୁବ୍ ସାବଧାନରେ ମିଳାମିଶା କରିବୁ । ବେଶୀ କଥା କହିବୁ ନାହିଁ······ ।"

ପାଦ୍ରୀଙ୍କର ସମସ୍ତ କଥାକୁ ଦୁଲେଇ ନୀରବରେ ଶୁଣିବାକୁ ଲାଗିଲା । ନିରୀହା ବାଳିକା ଗୁମାସ୍ତା ବଧୂ ପାଦ୍ରୀଙ୍କର ଚକ୍ରାନ୍ତ ଜାଣି ପାରିଲାନି । ବିଶ୍ୱାସ ମଧ୍ୟ କଲା ।

କିଛି ସମୟ ରହି ପାଦ୍ରୀ ପୁଣି କହିଲେ—

—"ସେଦିନ ଉପେନ୍ଦ୍ର ନିଜେ ଯାଇ ଜମିଦାରଙ୍କ ବାରିରୁ ବାଉଁଶ କାଟି ଆଣି କୋକେଇ ବାନ୍ଧିଥିଲା ।"

—"ସତେ ! କାଇଁ ମତେ ତ ଏ ସବୁ କିଛି ଶୁଣେଇ ନାହାଁନ୍ତି ?"

—"ଶୁଣେଇବ କିପରି ? ନିଜ ବାହାଦୁରି ତ ପୁଣି ତତେ ଦେଖେଇବ ? ଏଥର ଯଦି ସେ ତୋ ଘରକୁ ଆସେ ମୋତେ ଛାଡ଼ିବୁ ନାହିଁ !……"

—"ଏଇ ଥର ଉପ ଭାଇ ଆସିଲେ କହିବି—ମତେ ବି ବିଷ ଦିଅ—ମୁଁ ଖାଇ ମରିବି……"

—"ଛି'—ଛି'—ଏ କଥା ତୁଣ୍ଡରେ ଧର ନାହିଁ ଲୋ ଝିଅ ! ଜମିଦାର ବାବୁ ଏଥର ତୋତେ ସାହା ଭରସା ହେବେ । ତୋର ଯାହା ଯେତେବେଳେ ଦରକାର, ମତେ କହିବୁ—ମୁଁ ଜମିଦାର ବାବୁଙ୍କୁ କହି ତୋର ସୁବିଧା କରେଇ ଦେବି ।"

—"ସୁବିଧା କରେଇଲେ ଆଉ କଅଣ ହେବ ମଉସା ? ଛାତି ଭିତରେ ଯେଉଁ ନିଆଁ କୁହୁଳି ଉଠିଲାଣି, ସେ କଣ ସହଜରେ ନିଭିବ ?"

ଦୁଲେଇ ପୁଣି କାନ୍ଦିବାକୁ ଲାଗିଲା ।

ପାଦ୍ରୀ ଦୁଲେଇକୁ ସାନ୍ତ୍ୱନା ଦେଲେ ।

କାନ୍ଦଣା ବନ୍ଦ କରି ନୀରବରେ ତଳକୁ ମୁହଁ ପୋତି ବସି ରହିଲା ଦୁଲେଇ ।

ପାନେ ବାଡ଼ି ଖଣ୍ଡିକ ଧରି ଜୁଠୁ ଜୁଠୁ କହିଲେ—

—"ଅନେକ ଡେରି ହେଲାଣି—ମୁଁ ଯାଉଛି । ଯଦି ସମୟ ପାଇବି ପୁଣି ତୋ ପାଖକୁ ଆସି ଖବର ବୁଝିଯିବି ।"

ପାନେ ଦୁଲେଇକୁ ଠିକଏ କଣେଇ ଅନାସା କରି ଦେଇ ସେଠାରୁ ଚାଲିଗଲେ—ମନ ଭିତରେ ଆନନ୍ଦର ସୀମା ଟପିଗଲା ପରି ଜଣା ପଡ଼ୁଥିଲା ।

ଦୁଲେଇ ଘର ଭିତରକୁ ଯାଇ ବିଛଣାରେ ପଥର ମୂର୍ତ୍ତିଟି ପରି ବସି ରହିଲା । ଦୁଇ ଆଖିରୁ ତାର ଲୁହ ଧାର ଛୁଟିବାକୁ ଲାଗିଲା…… ।

ଜପ ଭାଇ ହୀନ ହେଲେ କେବେଠୁଁ ?

ତାଙ୍କର ହାତରେ ଏପରି ପୈଶାଚିକ ଶକ୍ତି ଆସିଲା କିପରି ? ଦୁଲେଇ ଆଜି ଭାବି ପାରିଲାନି । ପ୍ରାଣ ଭିତରଟା ତାର ଆର୍ତ୍ତନାଦ କରିବାକୁ ଲାଗିଲା । ଅତୀତର କେତେ କଥା ତାର ମନେ ପଡିଲା—ଯେଉଁ ଜପ ଭାଇ ପ୍ରାଣଠୁଁ ବଳି ଭଲ ପାନ୍ତି, ନିଜେ ନ ଖାଇ ତାକୁ ଖୁଆନ୍ତି ସେ ପୁଣି ଶେଷକୁ ନିଷ୍ଠୁର ହେଲେ ? ଏପରି ଘଟିବ ବୋଲି ସେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲା ।

ଅତୀତର କେତେ କଥା ଭାବୁ ଭାବୁ ସେ ଶୋଇ ପଡ଼ିଲା । ଯେତେବେଳେ ବିଛଣାରୁ ଉଠି ସେ ବସିଲା, ଆଖି ମଲି ଦେଖେ ତ—ମାଣ୍ଟି ଅନ୍ଧାର ଗଡ଼ି ଗଲାଣି । ରାଧା-କୃଷ୍ଣଙ୍କ ମନ୍ଦିରର ଘଣ୍ଟା ଆରତି ମରି ଗଲାଣି । ଦୁଲେଇ ଘରେ ସଞ୍ଜ ଦୀପ ଅଜଳା ରହିଲା । ରାନ୍ଧିଲାନି କି ଖାଇଲାନି । ସେହିପରି ବିଛଣାରେ ଶୋଇ ରହିଲା—

ପିଲାଟି ଦିନରୁ ସେ ତାର ଜପ ଭାଇ ସାଙ୍ଗରେ ହସି ଖେଳି ସମସ୍ତ ଗୁଡ଼ିକ ବେଶ୍ ଆନନ୍ଦରେ କଟେଇ ଆସିଛି । ପିଲା ଦିନର

ଖେଳ ସାଥୀ ସେଇ ରୂପ ଭାଇ ଆଜ ତାଠୁଁ ଅଲଗା ହୋଇ ଯାଉଛି—ସେ ଆଉ କାହା ସାହାଯ୍ୟରେ ବଞ୍ଚିବ ?

କାହିଁକି ?

ଜମିଦାର ସାଆନ୍ତେ ତ ତାକୁ ସବୁ ପ୍ରକାର ସାହାଯ୍ୟ ଦେବେ ବୋଲି ତାଙ୍କ ଗୁମାସ୍ତା କହିଲେ । ଆଉ ଭୟ କଣ ?

ଏହିପରି କେତେ କଣ ଭାବୁ ଭାବୁ ପୁଣି ସେହି ବିଛଣାରେ ସେ ଶୋଇ ରହିଲା ।

ସକାଳ ହେଲା—କୁଆ କାଆ କାଆ ରାବରେ ଦୁଲେଇର ନିଦ ଭାଙ୍ଗିଗଲା । ବିଛଣାରୁ ଉଠି ଦୁଆର ଘର ଝୁଣ୍ଟି ଦେବାକୁ ଲାଗିଲା । କବାଟ ଖୋଲି ଦେଖେ ତ—ଦାଣ୍ଡ ପିଣ୍ଡାରେ କମ୍ବଳ-ଟିଏ ଘୋଡ଼ି ହୋଇ ଜଣେ ଶୋଇଛି । ଦୁଲେଇ ଆଶ୍ଚର୍ଯ୍ୟରେ ଡାକିଲା—

—"କିଏ ଶୋଇଛ ? ......"

ପାନେ ଉଠୁ ଉଠୁ କହିଲେ—

—"ମୁଁ ଶୋଇଛି ଲୋ ଝିଅ ! ......କଅଣ ଆଉ କରନ୍ତି କହ ? ଜମିଦାର ବାବୁଙ୍କର ଆଦେଶ । ସେ ମତେ ଡାକି କହିଲେ—"ଦୁଲେଇ ପିଲାଟା—ଘରେ ଏକା, ଡର ମାଡୁଥିବ । ତମେ ଯାଇ ତା ପିଣ୍ଡାରେ ଶୋଇ ରହ" ......ଏଣୁ ଆସିବାକୁ ବାଧ ହେଲି । ସଞ୍ଜ ପହରୁ ଆସି ଏଇଠି ତ ଶୋଇଛି......"

ସହାନୁଭୂତିରେ ଦୁଲେଇର ପ୍ରାଣ ଭିତର ପୂରି ଉଠିଲା । ଜମିଦାର ସାଆନ୍ତଙ୍କର ହଠାତ୍ ତା ପ୍ରତି ଏପରି ଦୟା ହେବ ବୋଲି ସେ କଳ୍ପନା କରି ନ ଥିଲା ।

ପାନେ କହିଲେ—

—"ଏଥର ସକାଳ ହେଲଣି, ମୁଁ କଟେଜ୍‌କୁ ଯାଉଚି । କୌଣସି କଥାରେ ଅଉ ଭାବନା କରବୁ ନାହିଁ ଝିଅ ! ଜମିଦାର ବାବୁଙ୍କ କଥା ମାନି ଚାଲିଲେ ତୋର କିଛି ଅସୁବିଧା ହେବ ନାହିଁ ।"

ପାଦେ ଧୀରେ ଧୀରେ ସେଠାରୁ ଚାଲିଗଲେ । ଦୁଲେଇ ଘର ପାଇଟିରେ ବ୍ୟସ୍ତ ରହିଲା ।

ଏ ପର୍ଯ୍ୟନ୍ତ ଯାହାକୁ ନିଜର ବୋଲି ଜାଣିଥିଲା, ଆଜି ତା'ର ବିଶ୍ୱାସଘାତକତାରେ ଦୁଲେଇର ସୁଖ-ଶାନ୍ତି ଜଳି ପୋଡି ପାଉଁଶ ହୋଇଛି । ମନର ଆଗ ପ୍ରଫୁଲ୍ଲତା ଆଉ ନାହିଁ । ସଜ ଫୁଟିଲା ଗୋଲାପ ମୁହଁଟି ତାର ମଉଳି ଯାଇଚି ।

ଦୁଲେଇର ପରିବର୍ତ୍ତନ ଉପେନ୍ଦ୍ର ଜାଣି ପାରିଲାନି । କଟକ ସହରରେ ବନ୍ଧୁ ମାନଙ୍କ ମେଳରେ ହସି ଖେଳି ବେଶ୍ ଆନନ୍ଦରେ ସମୟ କାଟୁଛି । ଦୁଲେଇକୁ ଦୁଇ ଦିନ ଭିତରେ ଫେରିବାକୁ କହି ଏକ ସପ୍ତାହ ବିତି ଗଲାଣି—ତଥାପି ସେ ଗ୍ରାମକୁ ଏ ପର୍ଯ୍ୟନ୍ତ ଫେରି ଆସିନି ।

ଦୁଲେଇ ସାଙ୍ଗରେ କିପରି ଦେଖା ହେବ—ଏହି ଅଭିଳାଷ ମନରେ ଧରି ଦଶ ଦିନ ପରେ ଉପେନ୍ଦ୍ର ଆଜି ଗ୍ରାମକୁ ଫେରି ଆସିଛି । ଆଗ ଘରେ ପହୁଞ୍ଚି ବାପାଙ୍କୁ ତାର ନମସ୍କାର କରି ନିଜର ନିତ୍ୟକର୍ମ ସମାପନାରେ ଲାଗିଗଲା ।

ଦଶ ଦିନ ପରେ ଆଜି ଦୁଲେଇ ସାଙ୍ଗରେ ସାକ୍ଷାତ ହେବ ।

ଉପେନ୍ଦ୍ର ଭାବୁଥିଲା—

ଦୁଲେଇ ଦେଖିବା ମାତ୍ରେ ଅଭିମାନ କରିବ—କଥା କହିବନି ତାକୁ । ଆଖି ଦୋ'ଟି ତାର ଛଳ ଛଳ ହୋଇ ଆସିବ······

ଶୀଘ୍ର ବାଟ ଚାଲିଲା ସେ ।

ଦୁଲେଇ ସାଙ୍ଗରେ କିପରି ସାକ୍ଷାତ ହେବ ସେହି ଚିନ୍ତାରେ ସେ ବ୍ୟାକୁଳ ହେଉଥିଲା ।

ଘର ଦୁଆର ପାଖେ ଆସି ଠିଆ ହେଲା । ଦାଣ୍ଡ କବାଟ ବନ୍ଦ ଥିଲା । ଉପେନ୍ଦ୍ର କବାଟରେ ହାତ ମାରି ଡାକିଲା—

—"ଦୁଲି ! ଦୁଲି ! ......"

ଦୁଇ ଚାରି ଥର ଡାକିଲା କିନ୍ତୁ ଉତ୍ତର ପାଇଲା ନି । ଅଜଣା ଆଶଙ୍କାରେ ଉପେନ୍ଦ୍ରର ପ୍ରାଣ ଭିତର ଶିହରି ଉଠିଲା । ଜୋର କରି ଗୋଟିଏ ଧକ୍କା ଦେବା ମାତ୍ରେ କବାଟଟି ଖୋଲିଗଲା— । ଘର ଭିତରକୁ ପଶି ଯାଇ ଦେଖେ ତ—ଦୁଲେଇ ବସି ଖାଉଛି ।

—"ଦୁଲି !" ଉପେନ୍ଦ୍ର ଡାକିଲା ।

ଦୁଲେଇ ଚମକି ପଡ଼ି ମୁହଁ ବୁଲେଇ ଦେଖେ ତ—ଉପ ଭାଇ ତାର ଛିଡ଼ା ହୋଇଛି । ସେ କିଛି କହିଲାନି । ଭାତ କଂସା ପାଖରୁ ଉଠି ପଡ଼ିଲା । ତଳକୁ ମୁହଁଟି ପୋତି ଦେଇ ଠିଆ ହୋଇ ରହିଲା ଉପେନ୍ଦ୍ର ସମ୍ମୁଖରେ ।

ଉପେନ୍ଦ୍ରକୁ ଆଶ୍ଚର୍ଯ୍ୟ ବୋଧହେଲା । ମନେ ମନେ ଭାବିବାକୁ ଲାଗିଲା ସେ—ଯେଉଁ ଦୁଲେଇ ଦେଖିଲା କ୍ଷଣି ଭାଇ ଭାଇ କହି ଲତାଟି ପରି ଦେହରେ ଆସି ଛନ୍ଦି ହୋଇଯାଏ···ତାର ପୁଣି ଆଜି ଏ ପରିବର୍ତ୍ତନ କାହିଁକି ? କଥା ନ କହି ତଳକୁ ମୁହଁ ପୋତି ଠିଆ ହେବାର କାରଣ କଣ ?

ଉପେନ୍ଦ୍ର ଦୁଲେଇକୁ ଅନାଇ ରହିଲା—

ଗୋରା ତକ ତକ୍ ଦେହଟି ତାର କଳା କାଠ ପରି ଦେଖା ଯାଉଛି । ମନରେ ଆଗ ସରସତା ଆଉ ନାହିଁ । ହସ ହସ ସୁନ୍ଦର ମୁହଁଟି ପାଉଁଶିଆ ପଡ଼ିଛି । ବିକଳରେ ଉପେନ୍ଦ୍ରର ହୃଦୟ ଫାଟି ପଡ଼ିବାକୁ ଲାଗିଲା ।

—"ଦୁଲି !" ......

"......................"

ଇତ୍ୟାଦି ଦୁଲେଇ କଣ୍ଠରୁ କହିଗଲା । କଳା କଳା ଡୋଳା ଦୁଇଟିରୁ ଲୁହ ଧାର ବୋହିବାକୁ ଲାଗିଲା । ମୁହଁର ଭାଷା ଭାବ ଶିଥିଳ ହୋଇ ଯାଇଥିଲା—ହୃଦୟରେ ଉଠିଥିଲା ଝଡ଼ ! ! !

ଉପେନ୍ଦ୍ର ଦୁଲେଇର ହାତଟିକୁ ଆଣି ନିଜ ହାତ ମୁଠା ଭିତରେ ଥୋଇଲା । କିନ୍ତୁ ଦୁଲେଇ ନିଜ ହାତଟିକୁ ଉପେନ୍ଦ୍ରର ହାତ ମୁଠା ଭିତରୁ ଖୁବ୍ ଜୋରରେ ଢିଙ୍କି ଆଣି, ମୁହଁଟିକୁ ବୁଲେଇ ଦୂରକୁ ଘୁଞ୍ଚି ଠିଆ ହେଲା ।

—"ତମେ ପୁଣି ଏଠିକି କାହିଁକି ଆସିଲ ?" ......

ଅତି କଷ୍ଟରେ ଦୁଲେଇ କହିଲା ।

—"ତୁ କଣ ମୋ ଉପରେ ରାଗିଛୁ ଦୁଲି ? ଉପାୟ ନ ଥିଲା—ଆସୁ ଆସୁ ଡେରି ହୋଇଛି । ଆଜିରେ କଟକରୁ ଫେରିଲି......"

—"ବିଷ ଦେଇ ମତେ କଣ ମାରିବାକୁ ଆଇଚ...... ?"

ତୀବ୍ର ସ୍ୱରରେ ଦୁଲେଇ ଏତିକି କହିଦେଲା ।

—"ଦୁଲି ! ......ଉପେନ୍ଦ୍ର ଖୁବ୍ ଜୋରରେ ଡାକିଲା—ଦୁଲେଇର ମୁହଁରୁ ବିଷ ଦେବା କଥା ଶୁଣି ଆଶ୍ଚର୍ଯ୍ୟରେ ସେ ଦୁଲେଇକୁ ଅନାଇ ରହିଲା ।

—"ବାପାକୁ ତ ବିଷ ଦେଇ ମାଇଲ—ତମର ସେ ବା କି ଦୋଷ କରିଥିଲେ ? ଏଇ ଥର ମୋ ଜୀବନଟି ନେଲେ ତମେ କଣ ଶାନ୍ତି ପାଇବ ?"

—"ପାଗଳୀଙ୍କ ପରି କଣ ଗୁଡ଼ାଏ କହି ଯାଉଛୁ ? —ତୋ ମୁଣ୍ଡ କଣ ଖରାପ ହୋଇ ଗଲାଣି କି ?"

—"ମୋ ମୁଣ୍ଡ ଠିକ ଅଛି······ତମ ମୁଣ୍ଡ ବିଗିଡି ଯାଇଛି······ମୋର ସର୍ବନାଶ କରି ତମର ଲାଭ କଣ ଶୁଣେ ?"

—"ଦୁଲି !" ······

—"ଯଦି ଇଚ୍ଛା ହେଉଛି ଏ ଜୀବନଟାକୁ ନେଇ ନିଅ—ସବୁ କଥା ଏଥର ଭଲ ଭାବରେ ଜାଣି ସାରିଲିଣି······ ?"

ଉପେନ୍ଦ୍ର ରାଗ ଆଉ କ୍ଷୋଭରେ ବରଡ଼ା ପତର ପରି ଥରିବାକୁ ଲାଗିଲା । ଏପରି କଥା ଶୁଣିବ ବୋଲି ସେ କଳ୍ପନା କରି ନ ଥିଲା । ଦୁଲେଇର ପରିବର୍ତ୍ତନର କାରଣ ଉପେନ୍ଦ୍ର କିଛି ବୁଝି ପାରିଲାନି ।

—"ଗାଆଁର ପିଲାଙ୍କ ପାଖରୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ କହୁଛନ୍ତି—ତମେ ବାପାକୁ ମୋର ବିଷ ଦେଇ ମାରି ପକେଇଛ । ବାପା ମରିଗଲେ ତମ ବାଟରୁ କଣ୍ଟା ସଫା ହେବ······ମତେ ନିଜର କରି ପାରିବ । ଛି'—ଛି'—ତମେ ଏଡ଼େ ନୀଚ ବୋଲି ଜାଣି ନ ଥିଲି······"

—"ଦୁଲି ! ······"

ଖୁବ୍ ଜୋରରେ ଉପେନ୍ଦ୍ର ଡାକିଲା । ମନର ଉତ୍ତେଜନାକୁ ସମ୍ଭାଳି ନ ପାରି ଦୁଲେଇର ଗାଲରେ ପଠାସ୍ କରି ଗୋଟିଏ ଚଟକଣି ବସେଇ ଦେଲା । ଅଭିମାନ ଆଉ ଗ୍ଳାନିରେ ଉପେନ୍ଦ୍ରର ଅନ୍ତର କାନ୍ଦିବାକୁ ଲାଗିଲା ।

—"ମୁଁ ଯାଉଛି ଦୁଲି ! ······ତୁ ଖୁସିରେ ରହ······ଆଜି ଠାରୁ ମୁଁ ଆଉ ତୋ ପାଖକୁ ଆସିବନି । ତୋର ଉପ ଭାଇ ମରି ଗଲାଣି ବୋଲି ଜାଣିବୁ । ······"

ଝଡ଼ ପରି ଉପେନ୍ଦ୍ର ସେଠାରୁ ଚାଲିଗଲା ।

ଉପେନ୍ଦ୍ର ଗୃଲି ଯିବା ପରେ ଦୁଲେଈ ଗଛ କାଟିଲା ପରି ସେଇଠି ପଡ଼ିଗଲା । ଦେହରେ ତାର ପ୍ରାଣ ନ ଥିଲା—ସେ ବାଳ-ଲରେ ଖାଲି କାନ୍ଦିବାକୁ ଲାଗିଲା ।

ପିଲା ଦିନର ଦୁଇଟି ଖେଳ ସାଥୀଙ୍କୁ ନିୟତିର କ୍ରୁର ହାତ ଅନ୍ତ ଦୂରକୁ—ଖୁବ୍ ଦୂରକୁ ଠେଲି ନେଇଗଲା ।

ଉପେନ୍ଦ୍ର ମନ ଦୁଃଖରେ ଘରେ ବସିଛି ।

କରୁଣି ପଧାନେ ପଚାରିଲେ—

—"କଣ ଦୁଲେଇ ଘରୁ ଫେରି ଆସିଲୁ ବାପା...... ?"

—"ହଁ । ......"

କହି ଦେଇ ଉପେନ୍ଦ୍ର ନିଜର ଡାଇସ୍ରି ଖୋଲି ଲେଖି ବସିଲା । ପୁଅର ଏପରି ବିମର୍ଷ ଭାବ ଲକ୍ଷ୍ୟ କରି ପଧାନେ ଆଶ୍ଚର୍ଯ୍ୟ ହେଉଥିଲେ । ତଥାପି ମୁହଁ ଖୋଲି କିଛି କହିଲେନି ।

## —ଦଶ—

ଗ୍ରାମର ପ୍ରତ୍ୟେକ ଲୋକ ଆଜ ଉପେନ୍ଦ୍ରକୁ ସନ୍ଦେହ ଚକ୍ଷରେ ଦେଖୁଛନ୍ତି । ସମସ୍ତଙ୍କ ମୁହଁରେ ଗୋଟିଏ କଥା—"ମାଗୁଣି ଜେନାକୁ ଉପେନ୍ଦ୍ର ବିଷ ଦେଇ ମାରଦେଲା……"

ଆଜ କାଲି ଉପେନ୍ଦ୍ର ସବୁ ସମୟରେ ଘରେ ରହୁଛି । କୌଣସି କାମରେ ତାର ଆଉ ଆଗ ଉତ୍ସାହ ନାହିଁ । ନିନ୍ଦା ଅପ-ମାନ ଶୁଣି ଶୁଣି ମନଟି ତାର ମର ଗଲାଣି । ଗ୍ରାମ ଛାଡ ଅନିର୍ଦ୍ଦିଷ୍ଟ ସମୟ ପାଇଁ କେଉଁ ଆଡ଼କୁ ଚାଲିଯିବ ବୋଲି ମନେ ମନେ ସ୍ଥିର କର ସାରଲାଣି ।

× × × ×

ମୁଣ୍ଡ ଫଟା ଖରା—ତତଲା ପବନ ସାଇଁ ସାଇଁ ଛୁଟୁଛି । ଉପେନ୍ଦ୍ର ଏକମୁହାଁ ହୋଇ ବାଟ ଚାଲୁଛି—ଗତି ତାର ଲକ୍ଷ୍ୟହୀନ । ଦୁଃଖ ଆଉ ବେଦନାରେ ଅନ୍ତରରୁ ଉଠୁଛି କୋହ । ତୃଷାରେ ପାଟି ଅଠା ଅଠା ହେଲାଣି । ଚାଲି ଚାଲି ପାଦ ଦୋ'ଟି ଅଟକି ମାର ଗଲାଣି । ତଥାପି ମନରେ ସାହସ ରଖି ଆଗେଇ ଚାଲିଛି—

ଉପେନ୍ଦ୍ର କିଛି ଦୂର ଯାଇ ଗୋଟିଏ ଅପରିଚିତ ଗ୍ରାମ ଭିତ-ରକୁ ପଶିଲା ।

ପଥଶ୍ରାନ୍ତ ହେତୁ ସେ ଜଣଙ୍କ ପିଣ୍ଡାରେ ବସି ପଡ଼ିଲା । ଅଳ୍ପ ସମୟ ପରେ କାଖରେ ପାଣି କଳସିଟିଏ ଥୋଇ ଗୋଟିଏ ସୁନ୍ଦରୀ କିଶୋରୀକୁ ଦାଣ୍ଡ ମଝିରେ ଆସୁଥିବାର ଦେଖିଲା ସେ ।

ପିଣ୍ଡା ଉପରେ ଜଣେ ଅପରିଚିତ ଯୁବକକୁ ଏକା ବସି ରହିଥିବାର ଦେଖି କିଶୋରୀଟି ସଲ୍ଲଜ ଭାବେ ସେହି ଘର ଭିତରକୁ ଚାଲିଗଲା ।

ଉପେନ୍ଦ୍ର କଳ୍ପନା କରି ପାରିଲାନି ଯେ—ପଲ୍ଲୀ ଗ୍ରାମରେ ଏପରି ସୁନ୍ଦରୀ କିଶୋରୀ ଥାଇ ପାରନ୍ତି ବୋଲି । ଅପଲକ ନୟନରେ କିଶୋରୀଟିର ଯିବା ବାଟକୁ ଅନାଇ ରହିଲା ଉପେନ୍ଦ୍ର ।

ଜଣେ ବୃଦ୍ଧ ଘର ଭିତରୁ ବାହାରି ଆସିଲେ । କାନ୍ଧରେ ପଇତା, ମୁଣ୍ଡରେ ଚନ୍ଦନ ଚୋପା—ଗୋଡ଼ରେ କଟେଇ । ଯୁବକଟି ଆଡ଼େ ଅନାଇ ବୃଦ୍ଧଟି ପଚାରିଲେ—

—"କେଉଁଠୁ ଆସିଛ ବାପା ?"

ଉପେନ୍ଦ୍ର ଉଠି ପଡ଼ି ନମସ୍କାର ଜଣାଇ କହିଲା—

—"ମୋ ଘର ବେଶୀ ଦୂର ନୁହେଁ—ପଥଶ୍ରାନ୍ତ ହୋଇ ଏଠାରେ ବସି ଯାଇଛି । ଟୋକାଏ ପାଣି ଦିଅନ୍ତୁ—ଶୋଷ କରୁଛି ।

ବୃଦ୍ଧଟି ଶୀଘ୍ର ଘର ଭିତରକୁ ଚାଲିଗଲେ । ଅଳ୍ପ ସମୟ ପରେ ଟୋକାଏ ପାଣି ଆଣି ଉପେନ୍ଦ୍ରର ହାତକୁ ବଢ଼ାଇଦେଲେ । ଉପେନ୍ଦ୍ର ପାଣିତକ ପିଇ ଶାନ୍ତିରେ ନିଃଶ୍ୱାସ ମାରିଲା ।

ବୃଦ୍ଧ ପଚାରିଲେ—

—"ତମ ନାଆଁ କଣ ବାପା ?"

—"ଉପେନ୍ଦ୍ର !"

—"ଘର ?"

—"ଏଠାରୁ ମାତ୍ର ପାଞ୍ଚ ମାଇଲ୍...... !"

—"ଜାତିରେ କଣ ବାହ୍ମଣ ?"

ଉପେନ୍ଦ୍ର ଧୀର ଭାବରେ କହିଲା—

—"ଆଜ୍ଞା ! ବ୍ରାହ୍ମଣ କ କ୍ଷତ୍ରିୟ କହି ପାରିବନି ।' ତେବେ ମୁଁ ଜଣେ ମନୁଷ୍ୟ ଜାତି ଏ କଥାକୁ ସ୍ୱୀକାର କରୁଛି ।"

ବୃଦ୍ଧଟି ଆଶ୍ଚର୍ଯ୍ୟ ହୋଇ କହିଲେ—

—"ଏ କପରି କଥା ? ଜାତି ନ ଥିଲେ ସମାଜ ବଞ୍ଚିବ କପରି ?"

—"ମନୁଷ୍ୟକୁ ନେଇ ସମାଜ ଆଉ ସମାଜକୁ ନେଇ ମନୁଷ୍ୟ । ପ୍ରତ୍ୟେକଙ୍କର ଜନ୍ମ ଗୋଟିଏ ଗୋଷ୍ଠିରେ ହୁଏ, ସେହି ମନୁଷ୍ୟ ଗୋଷ୍ଠିକୁ ନେଇ ଆମର ସମାଜ ଗଠିତ ହୋଇଛି । ପ୍ରତ୍ୟେକ ମନୁଷ୍ୟ ଗୋଟିଏ ଗୋଷ୍ଠି ହେବା ଆବଶ୍ୟକ ।"

—ଆଚ୍ଛା, ମନୁଷ୍ୟ ସମାଜରେ କଣ୍ଡରା, ବାଉରୀ, ଧୋବା, କ୍ଷତ୍ରିୟ, ବ୍ରାହ୍ମଣ ଆଉ ଗୋପାଳ ଏହିପରି କେତେ ଜାତି ତ ଅଛନ୍ତି ?"

—"ଆଜ୍ଞା ହଁ !"

—"ଏ ସମସ୍ତଙ୍କୁ କଣ ଗୋଟିଏ ଗୋଷ୍ଠିରେ ମାନିନେବା ?"

—"ନିଶ୍ଚୟ !"

ବୃଦ୍ଧଟି ଅଶ୍ରଦ୍ଧାରେ ଟିକିଏ ହସି ଦେଇ କହିଲେ—

—"ତେବେ କଣ ତୁମେ ନାସ୍ତିକ ?"

ଉପେନ୍ଦ୍ର ଗମ୍ଭୀର ହୋଇ କହିଲା—

—"ଯେଉଁମାନେ କୌଣସି କଥାକୁ ନ ମାନି ନିଜର ମତି ଅନୁସାରେ ବାଟ ଚାଲନ୍ତି ସେଇ ମାନଙ୍କୁ ନାସ୍ତିକ କୁହାଯାଏ । ମୁଁ କିନ୍ତୁ ଜାତି ମାନେ—ମାନି ବସିବାର ଧାରା ଅଲଗା ।"

ବୃଦ୍ଧଟି କିଛି କ୍ଷଣ ନୀରବ ରହି କହିଲେ—

—"ଧର୍ମ ସମ୍ବନ୍ଧରେ ଆଲୋଚନା କରିବା କ୍ଷମତା ମୋର ନାହିଁ ବାପା ! ମୁଁ ସେପରି ବିଦ୍ୱାନ ବି ନୁହେଁ। ତମେ ଲେଖା ପଢ଼ା ଜାଣି—ଏ ଯୁଗସାଙ୍ଗରେ ବେଶ୍ ତାଳ ମିଳେଇ ଚାଲି ପାରିବ। ଆମେ ପୁରୁଣା ଧାରାକୁ ନେଇ ଚାଲିଛୁ। ସମୟର ଗତି ବଦଳି ଗଲାଣି—ଏଥର ନୂତନ ଚିନ୍ତା ଧାରାକୁ ଅନୁସରଣ କରି ଆମକୁ ବାଟ ଚାଲିବାକୁ ହେବ।"

ଉପେନ୍ଦ୍ର କହିଲା—

—"ଏଥିରେ ବିଦ୍ୟାର ଦରକାର କଣ ? ମନୁଷ୍ୟର ପ୍ରକୃତ ଧର୍ମ କ'ଣ, ସେ ଯଦି ସେଇ କଥାକୁ ବିଚାର କରି କାର୍ଯ୍ୟ କରେ, ତେବେ ଦେଶ ଓ ଦଶର କଲ୍ୟାଣ ନିଶ୍ଚୟ ହେବ।"

—"ମୁଁ ଏହି ଗ୍ରାମରେ ଗୋଟିଏ "ଧର୍ମ ସମିତି" ସ୍ଥାପନ କରିଛି। ଉପଯୁକ୍ତ କର୍ମୀ ଅଭାବରୁ ଭଲ ପ୍ରଚାର କାର୍ଯ୍ୟ ହୋଇ ପାରୁନି। ତୁମେ ଯଦି ବାପା କିଛି ଦିନ ଏଠାରେ ରହି ମତେ ସାହାଯ୍ୟ କରି ପାରନ୍ତ ବିଶେଷ ସୁଖୀ ହୁଅନ୍ତି......"

—"ଆପଣ ଯଦି ମୋ ରହିବା ପାଇଁ ସୁବିଧା କରାଇ ଦେବେ ତେବେ ଏଠାରେ କିଛି ଦିନ ରହି ଆପଣଙ୍କୁ ସାହାଯ୍ୟ କରିବି।"

—"ଏ ଘର କଣ ତମର ନୁହେଁ ବାପା ? ଏଇଠି ରହିଲେ ମୁଁ ବିଶେଷ ଆନନ୍ଦିତ ହେବି। ଗରିବ ବ୍ରାହ୍ମଣ ମୁଁ—ଶାଗ ଭାତ ଛଡ଼ା ଆଉ କଣ ବା ତମକୁ ଖୁଆଇ ପାରିବି ? ନିଜର ମନେ କରି ସବୁ ଚଳାଇ ନେବ। ଘରେ ଗୋଟିଏ ବିଧବା ଝିଅ ବ୍ୟତୀତ ଆଉ ମୋର କେହି ନାହିଁ।"

ନିଜର ବିଧବା ଝିଅଟି କଥା ତୁଣ୍ଡରେ କହିବା ସମୟରେ ବୃଦ୍ଧଙ୍କର ଗଳା ଥରି ଆସିଲା। ଆଖିରୁ ଲୁହ ଛଳ ଛଳ ହେଇ ଆସୁଥିଲା।

ବାଲ୍ୟ ବିଧବା ଝିଅଟିର ଏଇ ବୃଦ୍ଧ ପିତାଟି ଛଡ଼ା—ସଂସାରରେ ନିଜର ହେଇ ଆଉ କେହି ନାହିଁ । କିଶୋରୀଟି ବିଧବା ବୋଲି ଶୁଣିବା ମାତ୍ରେ ଉପେନ୍ଦ୍ରର କଲିଜାଟେ ଯେପରି ଗୋଟିଏ ଗାର ଭୁଙ୍କିଗଲା ପରି ସେ ଅନୁଭବ କଲା । ମାତ୍ର ବୃଦ୍ଧଟିକୁ ମୁହଁ ଖୋଲି କିଛି କହି ପାରିଲାନି ।

ବୃଦ୍ଧଟି ଆଦର କରି ଉପେନ୍ଦ୍ରକୁ ଘର ଭିତରକୁ ଡାକି ନେଇ ରହିବାର ସମସ୍ତ ବ୍ୟବସ୍ଥା କରାଇ ଦେଲେ ।

ଉପେନ୍ଦ୍ରର କିଛି ସମୟ ବିଶ୍ରାମ ପରେ—ରାଧା ଭାତ ଥାଳି ଆଣି ମଝି କୋଠାରେ ଥୋଇଲା । ଆସନ ଖଣ୍ଡେ ବିଛେଇ ଦେଇ କହିଲା—

—"ଖାଇବେ ଆସନ୍ତୁ······"

ଉପେନ୍ଦ୍ର ବିନା ଆପତ୍ତିରେ ଖାଇ ବସିଲା ।

ରାଧାର ସୁନ୍ଦର ରୂପ—ହସ ହସ ମୁହଁଟି ଉପେନ୍ଦ୍ର ଭୁଲି ପାରିଲାନି । କିନ୍ତୁ ପର ମୁହୂର୍ତ୍ତରେ ରାଧାର ବାଲ୍ୟ ବିଧବା କଥା ଚିନ୍ତା କରି ପ୍ରାଣ ଭିତରୁ ତାର ହା-ହା-କାର କରି ଉଠିଲା ।

ଆଜିକୁ ପନ୍ଦର ଦିନ ହେବ ଉପେନ୍ଦ୍ର ଗ୍ରାମ ଛାଡ଼ି ଚାଲି ଆସିଛି । ଏହା ମଧ୍ୟରେ କେତେ ଘଟଣା ଘଟି ଯାଇଥିବ । ଦୁଲେଇର ପ୍ରତ୍ୟେକ କଥା ଉପେନ୍ଦ୍ରର ପ୍ରାଣକୁ ଭୀଷଣ ଭାବେ ଆଘାତ କରିଛି । ତଥାପି ବାଲ୍ୟ ଜୀବନର ସ୍ମୃତିକୁ ଭାବୁଛି ସେ—ଦୁଲେଇକୁ କେନ୍ଦ୍ର କରି ଉପେନ୍ଦ୍ର ନାମରେ ଯେଉଁ ଅପବାଦ ପ୍ରଚାର ଚାଲିଛି—ଏହା ମୂଳରେ ଜମିଦାର ହରି ସାଆନ୍ତଙ୍କର ଭିତରି ହାତ ଅଛି । ଅନ୍ୟ କାହାରି କ୍ଷତି ନ ହେଲେ ମଧ୍ୟ ଦୁଲେଇର ସର୍ବନାଶ ହେବ । ନିରୀହ ଗ୍ରାମବାସୀଙ୍କୁ ନ ବଞ୍ଚାଇଲେ ସେମାନେ ଜମିଦାରଙ୍କ ଅତ୍ୟାଚାରରେ ପେଷି ହେଇ ମରିବେ ।

ଏହା ପାଇଁ ଦାୟୀ କିଏ ? ଗ୍ରାମର କୁସଂସ୍କାରକୁ ଦୂର କରି ନୂତନ ସୃଷ୍ଟିରେ ଜାତି ତଥା ଦେଶକୁ ଗଢି—ସ୍ୱାଧୀନ ଭାରତର ମୁଖ ଉଜ୍ଜ୍ୱଳ କରି ଦେଶର ସଙ୍ଘ ଶକ୍ତିକୁ ବଢ଼ାଇବା ଦିଗରେ ଉପେନ୍ଦ୍ରର କଣ କିଛି କର୍ତ୍ତବ୍ୟ ନାହିଁ ?

ହଠାତ୍ ଉପେନ୍ଦ୍ରର ଚିନ୍ତାଧାରାରେ ବାଧା ପଡ଼ିଲା । ସେ ଅନାଇ ଦେଖେ ତ—ରାଧା ଭାତ ଥାଳି ଧରି ମଝି କୋଠାରେ ଠିଆ ହୋଇ ଉପେନ୍ଦ୍ରକୁ ଏକ ଦୃଷ୍ଟିରେ ଅନାଇ ରହିଛି ।

ଦୁହିଁଙ୍କ ଚକ୍ଷୁର ମିଳନରେ ରାଧା ଲଜ୍ଜାରେ ତଳକୁ ମୁହଁ ପୋତି କହିଲା—

—"ଆସନ୍ତୁ ଖାଇବେ......"

ଉପେନ୍ଦ୍ର ଚମକି ପଡ଼ିଲା । ସମସ୍ତ ଚିନ୍ତା ତାର ଗୋଳମାଳ ହୋଇଗଲା । ସେ ଉଠୁ ଉଠୁ କହିଲା—

—"ମୋ ପାଇଁ କଷ୍ଟ କରି......"

—"କଷ୍ଟ କାହିଁକି ହେବ ? ହାତ ମୁହଁ ଧୋଇ ଆସନ୍ତୁ—କୋଣରେ ପାଣି ଅଛି ।"

ଉପେନ୍ଦ୍ର ହାତ ମୁହଁ ଧୋଇ ଖାଇ ବସିଲା ।

ରାଧା ଉପେନ୍ଦ୍ର ସାମନାରେ ଠିଆ ହୋଇ ରହିଲା । ଉପେନ୍ଦ୍ର ତଳକୁ ମୁହଁ ପୋତି ଖାଉଥିଲେ ମଧ୍ୟ ରାଧାର ଉପସ୍ଥିତି ସେ ବେଶ ଅନୁଭବ କରି ପାରୁଥିଲା । ସାହସ କରି କହିଲା—

—"ବସିଯାଅ......ଛିଡ଼ା ହୋଇ ରହିଲ ଯେ ?"

—ରାଧା ଠିଆ ହୋଇ ରହିଲା, ବସିଲାନି ।

କିଛି ସମୟ କଣ ଚିନ୍ତା କରି ରାଧା କହିଲା—

—"ଆପଣଙ୍କୁ କେତୋଟି କଥା ପଚାରିବି—କହିବେ ?"

—"କଣ ପଚାରିବ ?"

ଉପେନ୍ଦ୍ର ରାଧା ମୁହଁକୁ ପ୍ରଶ୍ନବାଚକ ଦୃଷ୍ଟିରେ ଅନାଇ ରହିଲା ।

ରାଧା କହିଲା—

—"ଆପଣ ଜାତିଭେଦ ମାନନ୍ତି ନାହିଁ । ଆପଣଙ୍କ ଆଖିରେ ମନୁଷ୍ୟ ଜାତି ଗୋଟାଏ । ଉଚ୍ଚ ନୀଚର ଭେଦ ବାଡ଼ ରହିବା ଠିକ୍ ହେଉନି—ଏହା ଦ୍ୱାରା କଣ ଦେଶରେ ମଙ୍ଗଳ ହେବ ?"

—"ନିଶ୍ଚୟ ମଙ୍ଗଳ ହେବ । ଭଗବାନଙ୍କ ସୃଷ୍ଟିରେ ମନୁଷ୍ୟ ଜାତି ଗୋଟାଏ—ସମାଜ ଭିତରେ ବଡ଼ ସାନ ବା ଉଚ୍ଚ ନୀଚ ରହିବା ଠିକ୍ ନୁହେଁ । ଆମ ଦେଶର ନେତାମାନେ ମଧ୍ୟ ଏ ବିଷୟରେ ସତର୍କ ଅଛନ୍ତି । ସ୍ୱାଧୀନ ଦେଶର ଜାତି ତଥା ଦେଶର ଉନ୍ନତି ପାଇଁ ଆମମାନଙ୍କୁ ଏକଯୁଟ ହେବାକୁ ପଡ଼ିବ । ପରସ୍ପର ଭିତରେ ସହଯୋଗୀତା ନ ହେଲେ କିଛି ହୋଇ ପାରିବନି ।"

—"ତେବେ ଉଚ୍ଚ ନୀଚର ସୃଷ୍ଟି ହେଲା କାହିଁକି ?"

—"ଆମର ମନୁଷ୍ୟ ସମାଜର ଶତା, ଚୈତନ୍ୟଧାରୀ ମହା ମହା ପଣ୍ଡିତମାନେ ଏପରି କରିଛନ୍ତି । ସମାଜ ପରିଚାଳନାର ଶୃଙ୍ଖଳା ରକ୍ଷା କରିବା ପାଇଁ ଗୁଡିଏ ବିଭାଗ ସୃଷ୍ଟି କରି ଯାଇଛନ୍ତି । ବର୍ତ୍ତମାନ ଯୁଗ ଭିନ୍ନ ସ୍ଥିତିରେ ଆଗେଇ ଚାଲିଛି । ଆମ ସମସ୍ତଙ୍କୁ ସେହି ଅନୁପାତରେ ଆଗେଇ ଯିବାକୁ ପଡ଼ିବ ।"

—"ମୁଁ ଆପଣଙ୍କର ସମସ୍ତ କଥା ଶୁଣିଛି । ଗାଆଁ ଗଣ୍ଡା ବୁଲି ସମାଜ ସଂସ୍କାର ଦିଗରେ ଆପଣ ଯେଉଁ ବ୍ରତ ଗ୍ରହଣ କରିଛନ୍ତି, ଆପଙ୍କର ସାଧନା ସଫଳ ପାଇଁ ଜଗନ୍ନାଥଙ୍କ ନିକଟରେ ମୁଁ ପ୍ରାର୍ଥନା କରୁଛି ।"

✱ ୭—ଦିଗମ୍ବର ଦାସ

ରାଧା ଆଜ କିଛି ନ କହି ଛଳ ଛଳ ଆଖିରେ ଉପେନ୍ଦ୍ରକୁ ଅନାଇ ରହିଲା ।

ଉପେନ୍ଦ୍ର ଆଶ୍ଚର୍ଯ୍ୟ ହେଲା ।

—"ପଲ୍ଲୀ ଗ୍ରାମରେ ଏପରି ବିଦୂଷୀ ବଣମଲ୍ଲୀ ପରି ଫୁଟି ବଣରେ ମଉଳି ଯାଏ—ଏହାର ଖବର ରଖନ୍ତି କେତେ ଜଣ ?"

ରାଧାର ନୈସର୍ଗିକ ରୂପର ଉପମା ଦେବାକୁ ଉପେନ୍ଦ୍ର ପାଖରେ ଭାଷାର ଅଭାବ ଥିଲା । ତା ମୁହଁରୁ ଅଜାଣତରେ ବାହାରି ପଡ଼ିଲା—

—"ଆହା—ବିଗ୍ରହ ରାଧା ! ! !"

ରାଧା ଜନମ ହେବା ଛଅ ମାସରୁ ମା'କୁ ହରାଇଛି । ସାତ ବର୍ଷ ବୟସରେ ତାର ହୁଏ ବିବାହ । ତାକୁ ଯେତେବେଳେ ନଅ ବର୍ଷ—ସେ ହେଲା ବିଧବା । ବର୍ତ୍ତମାନ ଚଉଦ ବର୍ଷର କିଶୋରୀ ସେ । ......

ପିଲାଟି ଦିନରୁ ତାର ବାପା ପାଖରେ ସେ ବଢ଼ି ଆସିଛି । ଗ୍ରାମ ସ୍କୁଲରେ ଅପରପ୍ରାଇମେରୀ ପାଶ୍ କରିଛି । ରାମାୟଣ ମହାଭାରତ ପୋଥି ସବୁ ଘରେ ବସି ପଢ଼େ । ବାପା ପାଖରେ ବସି ଶାସ୍ତ୍ର ପୁରାଣ ସମ୍ବନ୍ଧରେ ନାନା କଥା ଆଲୋଚନା ମଧ୍ୟ କରେ । ଅବସର ସମୟରେ କାଇଁଚ ବଅଁଶୀ, ସୁନ୍ଦର ସୁନ୍ଦର ଆସିନୀ ବସି ବୁଣେ । ଗ୍ରାମର ଝିଅ ବୋହୂମାନେ ଆସି ରାଧା ପାଖରେ କେତେ କିସମର ହାତବୁଣା କାମ ଶିକ୍ଷା କରନ୍ତି । ଗ୍ରାମରେ କାହାରି ଯଦି ଦିହ ମୁଣ୍ଡ ବିନ୍ଧିଲା—ରାଧା ହାତରେ ହୋମିଓପାଥିକ୍ ବାକ୍ସଟି ଧରି ହାଜର ହୋଇଯାଏ । ବିନା ପଇସାରେ ରୋଗୀର ଚିକିତ୍ସା କରେ । ......

ରାଧା ଘରର ଯାବତୀୟ କାମ ନିଜ ହାତରେ କରେ । ବଡ଼ ସକାଳୁ ବଛଣାରୁ ଉଠି ଅଗ ଦୁଆର ଘର ଲିପି ଦଏ । ଗାଈ ବାଛୁରୀଙ୍କୁ ଗୁହାଳୁ ବାହାର କରି ଖୁଣ୍ଟରେ ବାନ୍ଧେ ସେମାନଙ୍କ ଖବର ବୁଝେ । ଗୁହାଳ ଗୋବର ପରିଷ୍କାର କରେ । ବାପା ପାଇଁ ଝାର ପୂଜା ଫୁଲ ତୋଳି ଯତ୍ନରେ ଥୋଇ ଦଏ । ସମସ୍ତ ଧନ୍ଦା ଶେଷ କରି ବଳିଛି ସମୟ ରାମାୟଣ ପୋଥି ପଢ଼େ । ଏହାପରେ ନାନା କାର୍ଯ୍ୟରେ ବ୍ୟସ୍ତ ରହି ତାର ସମୟ ଗୁଡ଼ାକ ବେସ କଟାଇ ଦଏ ।

ଉପେନ୍ଦ୍ର ଯେଉଁ ଦିନଠୁ ତାଙ୍କ ଘରେ ଆସି ରହିଲେଣି— ରାଧାର କାମ ଅନେକ ପରିମାଣରେ ବଢ଼ି ଯାଇଛି । ଉପେନ୍ଦ୍ର ବଛଣାରୁ ଉଠି ଦାଣ୍ଡକୁ ବାହାରି ଗଲେ, ରାଧା ସେ ଘର ଭିତ-ରକୁ ପଶିଯାଏ । ବଛଣା ଝାଡ଼ି ଥୋଇ ଦଏ । ଘର ପରିଷ୍କାର କରି ରଖେ । ଥାଳିରେ ଜଳଖିଆ ଓ ଗିଲାସରେ ପାଣି ଥୋଇ ସେ ଚାଲିଯାଏ ।

ଉପେନ୍ଦ୍ର ବଛଣାରୁ ଉଠୁ ଉଠୁ ଆଜି ଡେରି ହୋଇଗଲା ।

ରାଧା ଆର ଘରେ ବସି ରାମାୟଣ ପଢୁଛି । ତାର ମଧୁର କଣ୍ଠର ସ୍ୱର ଲହରୀ ଉପେନ୍ଦ୍ରର କାନରେ ଝଙ୍କାର ତୋଳୁଛି— ଉପେନ୍ଦ୍ର ଅର୍ଦ୍ଧ ନିଦ୍ରିତ ଅବସ୍ଥାରେ ଶୁଣୁ ଶୁଣୁ ଆତ୍ମହରା ହୋଇ ଯାଉଛି ।

ରାଧା ଉପେନ୍ଦ୍ର ପାଖକୁ ଖୁବ୍ କମ୍ ଆସେ । କିନ୍ତୁ ଉପେ-ନ୍ଦ୍ରକୁ କୌଣସି କଥାରେ ବାଧା ନାହିଁ । ଘରର ପୁଅ ପରି ତାର ଯେଉଁ ସମୟରେ ଯାହା ଦରକାର ସେ ରାଧାଠାରୁ ଆସି ମାଗିନଏ ।

ଦିନେ ରାଧା ସକାଳୁ ଉଠି ଦେଖେ ତ—ଘର ଦୁଆର ପରିଷ୍କାର ହୋଇଛି । ଗାଈ ବାଛୁରୀ ଖୁଣ୍ଟରେ ବନ୍ଧା ହୋଇ ଅଛ-

ଢରେ କୁଠା ଗ୍ରେବାଜୁଛନ୍ତି । ମାଟିଆରେ ପାଣି ଭର୍ତ୍ତି ହୋଇ ଥୁଆ ହୋଇଛି । ରାଧା ଏ ସମସ୍ତ ଦେଖି ଆଶ୍ଚର୍ଯ୍ୟରେ ଭାବିଲା—

—"ଏ ସବୁ କାମ କିଏ କଲା ? କ'ଣ ଉପେନ୍ଦ୍ର ବାବୁ ନିଜ ହାତରେ ଏ ସବୁ କରିଛନ୍ତି ?" ସେ ଧୀରେ ଧୀରେ ଉପେନ୍ଦ୍ରର ଶୋଇବା ଘରକୁ ଯାଇ ଦେଖିଲା—ଉପେନ୍ଦ୍ର ମନ ଆନନ୍ଦରେ ବିଛଣାରେ ବେଶ୍ ଆରାମରେ ଶୋଇ ରହିଛି । ରାଧା କିଛି ବୁଝି ପାରିଲାନି—ନିଜ କାମରେ ମନ ଦେଲା ସେ ।

ଉପେନ୍ଦ୍ର ଯେତେବେଳେ ଖାଇ ବସିଥିଲା—ରାଧା ପ୍ରଶ୍ନବାଚକ ଦୃଷ୍ଟିରେ ଅନାଇ ଠିଆ ହୋଇଥିଲା । କିନ୍ତୁ ଉପେନ୍ଦ୍ର କିଛି ନ କହି ନୀରବରେ ଖାଇବା ଶେଷ କରି ଚାଲିଗଲା । ରାଧା ଉପେନ୍ଦ୍ରର ଯିବା ବାଟକୁ ଅନାଇଁ ଠିଆ ହୋଇଥାଏ—ଦରଫୁଟା ଗୋଲାପ ଫୁଲ ପରି ମଧୁର ହସ ଖଣ୍ଡେ ଅଧର କୋଣରେ ଖେଳି ଯାଉଥିଲା ।

ପରଦିନ ମଧ୍ୟ ସେଇଆ ହେଲା—ଉପେନ୍ଦ୍ର ଘରର ସମସ୍ତ କାମ ଶେଷ କରି ଗୁହାଳୁ ଗାଈ ବାଛୁରୀଙ୍କୁ ଆଣି ଖୁଣ୍ଟରେ ବାନ୍ଧିବା ସମୟରେ ରାଧା ଧୀରେ ଧୀରେ ଆସି ଉପେନ୍ଦ୍ରର ପଛ ପଟରେ ଠିଆ ହୋଇ ହସି ହସି କହିଲା—

—"ଲୁଚି ଛପି ଏ ସବୁ କାମ କରିବାର ଅର୍ଥ କ'ଣ ?"

ଉପେନ୍ଦ୍ର ସାମାନ୍ୟ ଟିକିଏ ହସି ଦେଇ କହିଲା—

—"କିଛି ତ ପୁଣି କରିବାକୁ ହେବ ? ଦିନସାରା ଘରେ ବସି ଅଳସୁଆ ହୋଇଗଲିଣି......"

—"ବାପା ଏ ସବୁ ଦେଖିଲେ କଣ କହିବେ ?"

—"ତାଙ୍କୁ ଏ ସବୁ କିଛି କହିବନି ।"

—"କିନ୍ତୁ ଆପଣ କିଛି କରି ପାରିବେନି । ଆପଣ ଆମର ଅତିଥି—ଆପଣଙ୍କର ସେବା କରିବା ଆମର କର୍ତ୍ତବ୍ୟ !"

—"ମତେ ଆଉ ଅପଣ, ଅଜ୍ଞା କହ ଲଜ୍ଜା ଦଅନ ରାଧା !" ତମେ ମୋର ଜ୍ୟେଷ୍ଠ ଭଉଣୀ ପର । ଭାଇର କର୍ତ୍ତବ୍ୟ ଭଉଣୀକୁ ସାହାଯ୍ୟ କରିବା । ଗାଈ ବାଛୁରୀଙ୍କ ସେବା ମୋ ନିଜ ହାତକୁ ନେଲି—ଏଇଥିରେ ମୋର ପରମ ଆନନ୍ଦ ଓ ତୃପ୍ତି ।"

—"ନା, ତା ହୋଇ ପାରିବ ନାହିଁ ।"

ଉପେନ୍ଦ୍ର ଆଉ କିଛି କହିଲନି । ରାଧାର ମୁହଁକୁ ଅନାଇଁ ରହିଲା । ଦୁହିଁ ଚକ୍ଷୁର ମିଳନରେ ରାଧାର ସାରା ଅଙ୍ଗରେ ଶିହରଣ ଖେଳିଗଲା । ପରକ୍ଷଣରେ ନିଜକୁ ସଂଯତ କରି ସେ କହିଲା—

—"ଗୋଟିଏ କଥା ପଚାରିବି କହିବେ ?"

—"କଣ ?"

—"ସ୍ତ୍ରୀ ଅଛି ?"

ଉପେନ୍ଦ୍ର ଛୋଟ ଢୋକ କହିଲା—"ନା ।"

—"ବାପ-ମା ?"

—"ବାପା ଅଛନ୍ତି, ମା' ପିଲାଟି ଦିନୁ ମରିଛି ।"

—"କଣ ଅଭିମାନ କରି ଘରୁ ଚାଲି ଆସିଛନ୍ତି ?"

—"ନା' ।"

—"ସତ କଥା କହିବେ—ଲୁଚେଇବେ ନାହିଁ !"

ଉପେନ୍ଦ୍ର କିଛି କହିଲନି । କୋହ ଆଉ ବେଦନାରେ ଆଖି ତାର ଛଳ ଛଳ ହୋଇ ଆସିଲା । ରାଧା ହାତକୁ ଖଣ୍ଡିଏ "ଡାଇରି" ବଢ଼େଇ ଦେଇ ଦହିଲା—

—"ଏଇଥିରେ ମୋ ଜୀବନର ସମସ୍ତ ଘଟଣା ଲେଖା ଅଛି । ପଢିଲେ ସବୁ କଥା ଜାଣି ପାରିବ ।"

ରାଧା ଆଉ କିଛି ନ କହି ଡାଇରି ବହିଟି ହାତରେ ଧରି ଚାଲି ଆସିଲା ନିଜର ଶୋ'ବା ଘରକୁ ।

ସନ୍ଧ୍ୟା ସମୟ । ବ୍ରାହ୍ମଣୀ ନଈ କୂଳରେ ଉପେନ୍ଦ୍ର ଏକା ବୁଲୁଛୁ । ଅସ୍ତଗାମୀ ସୂର୍ଯ୍ୟଙ୍କର ରକ୍ତଛଟା—ନିର୍ମଳ ଜଳରେ ମନୋହର ଦେଖା ଯାଉଛୁ । ତା'ର ଶୋଭାରେ ବିଭୋର ହୋଇ ନଈ କୂଳରେ ନିସ୍ତବ୍ଧିଆ ଜାଗାରେ ବସି ମନ ଆନନ୍ଦରେ ଗୀତ ଗାଉଛୁ ଉପେନ୍ଦ୍ର—ସ୍ୱରର ମଧୁର ମୂର୍ଚ୍ଛନାରେ ନଦୀର ଉପକୂଳ ଉଲ୍ଲସି ଉଠୁଛୁ ।

ଗୀତ ଶେଷ ପରେ ଉପେନ୍ଦ୍ର ମୁହଁ ବୁଲେଇ ଦେଖେ ତ—କାଖରେ ପାଣି କଳସିଟିଏ ଧରି ନୀରବରେ ଛିଡ଼ା ହୋଇଛୁ ରାଧା । ଉପେନ୍ଦ୍ର ଲଜ୍ଜାରେ ତଳକୁ ମୁହଁ ପୋତିଲା ।

ରାଧା ହସି ହସି କହିଲା—

—"ଗୀତ କାହାକୁ ଶୁଣାଉଥିଲ ?"

—"ଯିଏ ଶୁଣିବାକୁ ଭଲ ପାଏ ।"

ରାଧା କଳସିଟି ଥୋଇ ବସି ପଡ଼ିଲା ଉପେନ୍ଦ୍ର ପାଖରେ ।

କିଛି ସମୟ ଦୁହେଁ ନୀରବରେ ବସି ରହିଲେ ।

ରାଧା ନୀରବତା ଭାଙ୍ଗି କହିଲା—

—"ଘରକୁ କ'ଣ ଆଉ ଫେରିବ ନାହିଁ ?"

—"କାହିଁକି ? ଆଉ କଣ ଖାଇବାକୁ ଦେଇ ପାରିବନି ?"

—"ହଁ ।" ରାଧା ଖୁବ୍ ଧୀର ଭାବରେ କହିଲା ।

ଉପେନ୍ଦ୍ର ଆଉ କିଛି ନ କହି ଅପଲକ ଦୃଷ୍ଟିରେ ରାଧାର ସୁନ୍ଦର ମୁହଁଟି ଆଡ଼େ ଚାହିଁ ରହିଲା ।

କିଛି ସମୟ ପରେ ରାଧା ପୁଣି କହିଲା—

—"ଦୁଲେଇକୁ କିଛି ନ କହି ଚାଲି ଆସିଛନ୍ତି—ବିଚାରୀଟି ମନରେ ଏକା ଖୁବ୍ କଷ୍ଟ ହେଉଥିବ ?"

—"ମୋତେ ଆଉ ସେ ଚାହେଁନି ।"........

—"କାହିଁ ? ଲେଖା ଯାଇଥିବା ଜାଇଗା ବହିରୁ ସେପରି କିଛି ପ୍ରମାଣ ତ ମିଳୁ ନାହିଁ ?"

—"ଏହାଠାରୁ ଅଧିକା ଆଉ କଣ ଆଶା କରୁଥିଲ ?"

—"ସେ କଥା ମୁଁ କହୁ ନାହିଁ। ଦୁଲେଇ ପିଲା—ସେ କଅଣ ବୁଝିବ ବଡୁ ଗୁମାସ୍ତାର ଚକ୍ରାନ୍ତ ? ସାତ କଥାରେ ସତ୍ତା ଭୁଲେ। ଲୋକେ ଯେପରି କହୁଛନ୍ତି, ସେଇମାନଙ୍କ କଥାରେ ବିଶ୍ୱାସ କରି ଯାଇଛି, ମୋର ଅନୁରୋଧ—ଶୀଘ୍ର ଘରକୁ ଫେରିଯାଇ ଅତ୍ୟାଚାରୀ ଜମିଦାର ହରି ସାଆଁନ୍ତର କବଳରୁ ତାକୁ ମୁକ୍ତ କରନ୍ତୁ।"

ଉପେନ୍ଦ୍ର କିଛି କହିଲାନି—ନୀରବରେ ବସି ରହିଲା।

ରାଧା ଟିକିଏ ହସି ଦେଇ କହିଲା—

—"ଦୁଲେଇ ଭଲ ପାଏ ?"

—"କହି ପାରିବିନି।"

—"ଦୁଲେଇକୁ ପ୍ରେମ କରନ୍ତି ?"

ରାଧାର କଣ୍ଠ ଥରି ଆସିଲା।.........

—"ହଁ, ପ୍ରେମ କରେ—କିନ୍ତୁ ଅବଳତାର ଗନ୍ଧ ନ ଥାଏ।"

କହିବା ସଙ୍ଗେ ସଙ୍ଗେ ଉପେନ୍ଦ୍ର ଠିଆ ହେଲା। ରାଧା ବି ଉଠିଲା। ବାଟରେ ଦୁଇ ଜଣଙ୍କ ମଧ୍ୟରେ କୌଣସି କଥା ଆଉ ହେଲାନି। ଉଭୟେ ନୀରବରେ ଘରକୁ ଫେରିଲେ। ଠାକୁର ଘରେ ଆରତି ଘଣ୍ଟା ବାଜି ଉଠୁଥିଲା।

—ଏଗାର—

ପରଦିନ ସକାଳୁ ରାଧା ବିଛଣାରୁ ଉଠି ଦେଖେ ତ—ଘରର କୌଣସି କାମ ହୋଇନି । ଗାଈ ବାଛୁରୀ ଏ ପର୍ଯ୍ୟନ୍ତ ଗୁହାଳେ ପଡ଼ି ରହିଛନ୍ତି । ରାଧା ନିଜେ ସମସ୍ତ କାମ ଶେଷ କରି ଦେଲା । ଉପେନ୍ଦ୍ରର ଶୋଇବା ଘରକୁ ଯାଇ ଅନାଇଲା-ମୁହଁ ଉପରେ ଖଣ୍ଡେ ଘୋଡ଼େଇ ହୋଇ ଉପେନ୍ଦ୍ର ବିଛଣାରେ ଶୋଇ ରହିଛି । ରାଧା ଡାକିଲାନି । ଫେରି ଆସି ନିଜ କାମରେ ପୁଣି ମନ ଦେଲା ।

କଅଁଳ ଗାଧୁଆ ବେଳ । ରାଧା ନଈରୁ ଗାଡଧାଇ ଆସି ଦେଖିଲା—ଏ ପର୍ଯ୍ୟନ୍ତ ଉପେନ୍ଦ୍ର ଶୋଇ ରହିଛି । ମନରେ ତାର ନାନା ପ୍ରକାର ସନ୍ଦେହ ଆସିଲା । ଓଦା ଲୁଗା ବଦଳାଇ ଧୀରେ ଧୀରେ ଉପେନ୍ଦ୍ରର ଶୋଇବା ଘରକୁ ପଶିଗଲା ରାଧା । କବାଟର ଆବାଜ୍‌ରେ ଉପେନ୍ଦ୍ରର ନିଦ ହଠାତ୍ ଭାଙ୍ଗିଗଲା । ବିଛଣାରୁ ଉଠୁ ଉଠୁ ସେ କହିଲା—

—"ଏତେ ବେଳ ହେଲଣି-ମତେ ଡାକି ଦେଲନି ?"

ରାଧା ଉପେନ୍ଦ୍ରର ମୁହଁକୁ ଅନାଇ ରହିଲା—

ଉପେନ୍ଦ୍ରର ଆଖି ଦୋ'ଟି ଫୁଲି ଲାଲ ହୋଇ ଯାଇଛି । ରାଧା ପାଖକୁ ଘୁଞ୍ଚି ଆସି ଉପେନ୍ଦ୍ରର ଦେହରେ ହାତ ଦେଇ ଦେଖିଲା-ନିଅଁ ଉତ୍ତପ୍ତ ହୋଇଛି ।

ରାଧା ଚମକି ପଡ଼ି କହିଲା—

—"ଜରରେ ଦେହ ଖାଲି ପୁଡ଼ୁଛି……"

—"ଦେହ କାହିଁକି ସାଇଭଡ଼ି ହେଉଛି……"

ଉପେନ୍ଦ୍ର ଦୁଇ ହାତରେ ମୁଣ୍ଡକୁ ଚିପି ପୁଣି ବସି ପଡ଼ିଲା । ମୁଣ୍ଡ ବିନ୍ଧୁଛି- ସାରା ଶରୀର ଜରରେ କମ୍ପି ଉଠୁଛି ।

ଉପେନ୍ଦ୍ରକୁ ଜର । ଆଜକୁ ପାଞ୍ଚ ଦିନ ହେବ ରାଧା ଅଖିଆ ପିଆ ରୋଗୀର ବିଛଣା ପାଖରେ ରାତି ଦିନ ବସି ସେବା ସୁଶ୍ରୁଷା କରିବାରେ ବ୍ୟସ୍ତ । ରାଧାର ବାପା ଡାକ୍ତର ଆଣି ଔଷଧର ବ୍ୟବସ୍ଥା କରି ଦେଇଛନ୍ତି । ରାଧାର କଠିନ ପରିଶ୍ରମରେ ଉପେନ୍ଦ୍ର କ୍ରମଶଃ ରୋଗ ଶଯ୍ୟାରୁ ଉଠି ବସୁଛି ।

ଉପେନ୍ଦ୍ର ଯେତେବେଳେ ରୋଗ ଶଯ୍ୟାରେ ପଡ଼ି ଯନ୍ତ୍ରଣାରେ ଛଟପଟ ହେଉଥିଲା-ରାଧାର ଅନ୍ୟ କୌଣସି କାମରେ ମନ ଲାଗୁ ନ ଥିଲା । ଉପେନ୍ଦ୍ର କିପରି ଶୀଘ୍ର ରୋଗମୁକ୍ତ ହେବ-ସେଇ ଚିନ୍ତାରେ ବିବ୍ରତ ଥିଲା ସେ-ରୋଗୀ ପାଇଁ ପ୍ରାଣଟି ତାର ହା-ହା-କାର କରି ଉଠୁଥିଲା । —

ରାଧାର ଉପେନ୍ଦ୍ର ପାଇଁ ଏ ମମତା କାହିଁକି ?

ଉପେନ୍ଦ୍ରକୁ ଦେଖିଲା ଦିନୁ ହୃଦୟରେ ତାର ଆସିଛି ନୂତନ ଅନୁଭୂତି । —କିନ୍ତୁ ସେ ଯେ ବାଲ୍ୟ ବିଧବା-ଏଇ କଥାଟିକୁ ସମ୍ପୂର୍ଣ୍ଣ ଭୁଲି ଯାଇଥିଲା ରାଧା ।

ରାଧା ଗୋଟେ କାଚ ଗ୍ଲାସଟିରେ ଔଷଧ ଢ଼ାଳି ଉପେନ୍ଦ୍ରକୁ ପିଆଇ ଦେଲା । ପ୍ଲେଟରେ କିଛି ଫଳ ଆଣି ଉପେନ୍ଦ୍ର ସାମନାରେ ଥୋଇ ଦେଇ କହିଲା—

—"ଖାଇ ଦିଅନ୍ତୁ !"

ଅଗ୍ରହର ସହିତ ଫଳ ଖାଇବାକୁ ଲାଗିଲା ଉପେନ୍ଦ୍ର । ରାଧା ପଙ୍ଖା ଖଣ୍ଡେ ଧରି ବୀଞ୍ଚିବାକୁ ଲାଗିଲା ।

ଉପେନ୍ଦ୍ର ଖାଉଥିବା ସମୟରେ ଦୈନିକ ଖବରକାଗଜ ଖଣ୍ଡେ ବିଛଣା ପାଖରେ ଥୁଆ ହୋଇ ଥିବାର ଦୃଷ୍ଟି ପଡ଼ିଲା । କାଗଜ ଖଣ୍ଡିକର ପୃଷ୍ଠା ଓଲଟ ପାଲଟ କରି ଦେଖୁଥିବା ସମୟରେ ହଠାତ୍ ଗୋଟିଏ ଜାଗାରେ ତାର ନଜର ପଡ଼ିଲା । ଆଗ୍ରହରେ ପଢିବାକୁ ଲାଗିଲା ସେ ।

କାଗଜରେ ଲେଖା ଥିଲା—

—"ନରସ୍ପୁର ଗ୍ରାମରେ ଭୀଷଣ ହଇଜା, ପ୍ରତିଦିନ ପୋକ ମାଛି ପରି ଲୋକ ମରୁଛନ୍ତି । କର୍ତ୍ତୃପକ୍ଷ ଏ ଅଞ୍ଚଳରେ ଶୀଘ୍ର ପ୍ରତିଷେଧକ ଇଂଜେକ୍ସନର ବ୍ୟବସ୍ଥା ନ କଲେ ଅବସ୍ଥା ବଡ଼ ଗୁରୁତର ହେବ ।"

ଉପେନ୍ଦ୍ର କାଗଜ ଖଣ୍ଡିକ ରାଧା ହାତକୁ ବଢ଼ାଇ ଦେଇ କହିଲା—

—"ମୁଁ ଆଜରେ ଗ୍ରାମକୁ ଯିବି ରାଧା !"

ରାଧା ଆଗ୍ରହରେ ବୁଝିଲା—

—ହଠାତ୍ ଏପରି ପରିବର୍ତ୍ତନର କାରଣ କଣ ଜାଣି ପାରିଲି ନାହିଁ ?"

—ଗ୍ରାମରେ ହଇଜା ଲାଗିଛି-ଏ ବେଳରେ ଗ୍ରାମବାସୀଙ୍କୁ ସାହାଯ୍ୟ କରିବା ମୋର କର୍ତ୍ତବ୍ୟ ।"

—"ଏପରି ଦୁର୍ବଳ ଶରୀର ନେଇ ଯିବା କଣ ଠିକ୍ ହେବ ? ଭଲ ହୋଇଗଲେ ମୁଁ ଯିବାରେ ବାଧା ଦେବି ନାହିଁ ।"

—"ନା, ମତେ ଯିବାକୁ ହେବ-ମୁଁ ଯିବି ।"

କହିବା ସମୟରେ ଉପେନ୍ଦ୍ରର ଆଖି ଛଳ ଛଳ ହୋଇ ଆସିଲା । ଲୁହ ଭରା ଆଖି ଦୋ'ଟିକୁ ଲୁଚେଇବାକୁ ଚେଷ୍ଟା କରି ମଧ୍ୟ ପାରିଲାନି ।

ରାଧା ନୀରବରେ କଣ ଚିନ୍ତା କରୁଥିଲା । କିଛି ସମୟ ପରେ କାନ୍ଦ କାନ୍ଦ ହୋଇ କହିଲା—

—"ମୋ କଥା ରଖିବେ ନାହିଁ । ଅଳ୍ପରେ ଚେତେବେ ନିଶ୍ଚୟ ଯାଉଛନ୍ତି ? ଏତେ ଦିନ ପରେ……"

—"ତମ ବାପ ଝିଅଙ୍କ ସ୍ନେହକୁ ଏଡ଼ି ଯିବାକୁ ଇଚ୍ଛା ନଥିଲେ ମଧ୍ୟ କର୍ତ୍ତବ୍ୟ ଦୃଷ୍ଟିରୁ ଯିବାକୁ ବାଧ୍ୟ ହେଉଛି ।"

—"ଦେହ ସଂପୂର୍ଣ୍ଣ ଭଲ ହେଲେ ଚାଲିଯିବେ-ମୁଁ ଅଟେ-କେଇବି ନାହିଁ ।"

କହିବା ସମୟରେ ରାଧାର ଗଳା ଥରି ଆସୁଥିଲା ।

—"କର୍ତ୍ତବ୍ୟ ପଥରେ ବାଧା ଦିଅନି ରାଧା ! ଗାଁ ମାଟିର ଆଜି ଆହ୍ୱାନ ଆସିଛି-ମତେ ଯିବାକୁହିଁ ହେବ ।"

ଉପେନ୍ଦ୍ର ଯିବ ବୋଲି ପ୍ରସ୍ତୁତ ହେଲା । ରାଧା ଆଉ କିଛି କହିଲାନି । ନିଜର ଶୋଇବା ଘରକୁ ଚାଲି ଯାଇ ବିଛଣାରେ ମୁହଁ ମାଡି କାନ୍ଦିବାକୁ ଲାଗିଲା ।

ଉପେନ୍ଦ୍ର ବୃଦ୍ଧଠାରୁ ବିଦାୟର ଆଦେଶ ପାଇ-ରାଧା ପାଖକୁ ଆସିଲା । ରାଧାର ଇଚ୍ଛା ନ ଥିଲେ ମଧ୍ୟ ଆଖିର ଲୁହରେ ଉପେ-ନ୍ଦ୍ରର ବିଦାୟ ସମର୍ଥନ ଜଣେଇଲା ସେ-ସ୍ତ୍ରୀ-ହୃଦୟର ଦୁର୍ବ-ଳତା-ସେ ଆଜି ହାଡ଼େ ହାଡ଼େ ଅନୁଭବ କରି ପାରିଛି ।

ଉପେନ୍ଦ୍ର ଧୀର ଗଳାରେ ଡାକିଲା—

—"ମୁଁ ଯାଉଛି ରାଧା ! ……"

ରାଧା ଚମକି ପଡ଼ିଲା । କ'ଣ ଜାଣେ କଲା ତୋଳା ଦୁଇଟି ତାର ଜବାଫୁଲ ପରି ନାଲି ପଡ଼ି ଯାଇଛି । ଉପେନ୍ଦ୍ର ଛଳ ଛଳ ଆଖିରେ ରାଧାର ମୁହଁକୁ ଅନାଇ ରହିଲା । ରାଧାର ଦୁର୍ବଳତା ଟିକିଏ ଉପେନ୍ଦ୍ର ପାଖରେ ଅଳ୍ପ ଧରା ପଡ଼ି ଯାଇଛି ।

ଉପେନ୍ଦ୍ର କହିଲା—

—"ମୁଁ ଯାଉଛି……"

"……………………"

ଉପେନ୍ଦ୍ର ରାଧାର ନୀରବତା ଲକ୍ଷ କରି ଭାବିଲା—

—"ରାଧାକୁ ଏକା ଛାଡ଼ି ଚାଲିଯିବା କଣ ଠିକ୍ ହେବ ।

କିଛି ସମୟ ପରେ ଉପେନ୍ଦ୍ର ଅଧର କୋଣରେ ଫିକା ହସଟିଏ ଟାଣି ଦେଇ କହିଲା—

—"ଯାଉଛି ରାଧା ! କେବେ ଯେ ଫେରିବି କହି ପାରିବିନି । ଯିବା ବେଳରେ ମୋତେ କଣ ଅଶ୍ରୁଭିଜା ବିଦାୟ ଦେବ ?"

ଆଖିର ଲୁହ ଲୁଗା କାନିରେ ପୋଛି ପୋଛି ରାଧା କହିଲା—

—"ଆଉ କିଛି ସମୟ ବସି ଯାଅ-ସନ୍ଧ୍ୟା ପରେ ଜଳଖିଆ ତିଆରି କରି ଆଣୁଛି ।"

ରାଧା ଅନ୍ୟ ଘରକୁ ଚାଲିଗଲା ।

କିଛି ସମୟ ପରେ ଥାଳିରେ ଚୁଡ଼ାଭଜା ଓ ଗିଲାସରେ ଦୁଧ ଆଣି ଉପେନ୍ଦ୍ର ସାମନାରେ ଥୋଇ ଦେଲା । ଉପେନ୍ଦ୍ର ଆଗ୍ରହରେ ଜଳଖିଆ ଖାଇବାକୁ ଲାଗିଲା ।

ରାଧା ଛଳ ଛଳ ଆଖିରେ ଉପେନ୍ଦ୍ରକୁ ଅନାଇ ଠିଆ ହୋଇଥିଲା ।

ଉଭୟେ ନୀରବ ।

ନୀରବତା ଭାଙ୍ଗି ଉପେନ୍ଦ୍ର କହିଲା—

—"ନିଜର ସ୍ୱାମୀଙ୍କୁ କେବେ ଦେଖିଛ ରାଧା ?"

—"ନା !"

—"ବିବାହ ସମୟରେ ?"

—"ମନେ ନାହିଁ-ସେତେବେଳେ ମୁଁ ଖୁବ୍ ସାନ ଥିଲି ।"

—କେବେଠୁ ବିଧବା ହେଲ ?"

କହିବା ସମୟରେ ଉପେନ୍ଦ୍ରର ଗଳା ଥରି ଆସିଲା ।

—"ପାଞ୍ଚ ବର୍ଷ ହେବ ।"

—"ସ୍ୱାମୀର କଥା ମନେ ପଡ଼େ ?"

—"ଏ ପର୍ଯ୍ୟନ୍ତ ପଡୁ ନ ଥିଲା ।"

—"ବର୍ତ୍ତମାନ ?"

—"କାଲିଠୁଁ ଭାବୁଛି ।"

—"କାଲିଠୁଁ ?"

ଉପେନ୍ଦ୍ର ଦୃଷ୍ଟିପଥରେ ରାଧାର ମୁହଁକୁ ଅନାଇଲା ।

ରାଧା ତଳକୁ ମୁଣ୍ଡ ପୋତି ଦେଇ କହିଲା—

—"ହଁ !"

—କାହିଁକି ?"

—ଆପଣଙ୍କ ଗୁଳିଯିବା କଥା ଶୁଣି— ।"

ଉପେନ୍ଦ୍ରର ମୁହଟି ଶୁଖିଗଲା । ଆଶ୍ଚର୍ଯ୍ୟରେ ସେ କହିଲା—

—"କ'ଣ ତମେ କହୁଛ ରାଧା ?"

—"ସତ କଥା କହୁଚି ।"

—"ତମ ସନ୍ଦେହ କାହିଁକି ?"

—"ଏ କେଇଟା ଦିନ ଆପଣଙ୍କୁ ପାଖରେ ପାଇ ଭାବୁଛି—

—ସ୍ତ୍ରୀର ଅସ୍ତିତ୍ୱ ବଞ୍ଚି ରହେ ପୁରୁଷର ପ୍ରାଣରେ ।"

—"ପୂରୁଷର ପ୍ରାଣରେ ?"

—"ହଁ ।"

—"ରାଧା !"

ଉପେନ୍ଦ୍ର ଅତି ଆବେଗରେ ଡାକିଲା ।

ରାଧା ଉପେନ୍ଦ୍ରକୁ ଲକ୍ଷ୍ୟ କରି ପୁଣି କହିଲା—

—"ନା, ଆପଣ ଗ୍ରାମକୁ ଫେରି ଯାଆନ୍ତୁ । ପ୍ରାଣହୀନା ସ୍ତ୍ରୀ ଅପରର ପ୍ରାଣକୁ ଭରସା କଲେ ଆଉ ଜଣକର ପ୍ରାଣ ସନ୍ଦିଗ୍ଧ ହୋଇ ମରିଯିବ !

—"ରାଧା !"

ଉପେନ୍ଦ୍ର କାନ୍ଦି ପକାଇଲା । ରାଧା ବି କାନ୍ଦିଲା ।

କିଛି ସମୟ ପରେ ରାଧା ଲୁହ ପୋଛି କହିଲା—

—"ମତେ ଭୁଲ ବୁଝିବ ନାହିଁ-ମନରେ ମୋର ପାପ ଅଛି ବୋଲି ।"

—"ରାଧା ! ପ୍ରାଣହୀନ ଭାବରେ ଜୀବନ ନିର୍ବାହ କରି ପାରିବ ?"

—"ପୁଣି ମୁଁ କଣ ବିବାହ କରିବି ?"

—"ନିଶ୍ଚୟ କରିବ । ଏପରି ବୈଧବ୍ୟ ଆମ ଭାରତବର୍ଷର ମୂର୍ଖତା ଅଟେ ।"

—"ଆପଣଙ୍କର ଇଚ୍ଛା କଅଣ ?"

—"ଆଉ ଥରେ ବିବାହ କରି ତମେ ସୁଖୀ ହୁଅ ରାଧା !

—"ଏହା କଣ ସମର୍ଥନ କରୁଛନ୍ତି ?"

—"ଏକା ମୁଁ କାହିଁକି ? ଭାରତର ପ୍ରତ୍ୟେକ ଲୋକ ଏ କଥାକୁ ସମର୍ଥନ କରିବେ ।"

—"ଆମ ହିନ୍ଦୁ ଧର୍ମଶାସ୍ତ୍ରରେ ଏହାର କଣ ଅନୁମତି ଅଛି ?"

—"ରାଧା ! ମୁଁ ଦୌଡ଼ ଯାଉଁ ଯାଉଁ ଯଦି କଣ୍ଟୁଡ଼ି ପଡ଼ି ମୋର ଗୋଡ଼ ଭାଙ୍ଗିଯାଏ—ଔଷଧ ଲଗାଇବା ପୂର୍ବରୁ ମତେ କଣ ଧର୍ମଶାସ୍ତ୍ର ଘାଣ୍ଟିବାକୁ ହେବ ? ଧର୍ମଶାସ୍ତ୍ର ସମାଜର ଗତି ତଥା ନୈତିକ ଜୀବନକୁ ନିୟନ୍ତ୍ରଣ କରେ-କିନ୍ତୁ ସମୟର ଗତିକୁ ଲକ୍ଷ୍ୟ କରି ଏହାର ପରିବର୍ତ୍ତନ ହେବା ଉଚିତ୍‌ଥାର । ସ୍ୱାଧୀନ ଭାରତର ନୂତନ ଶାସନ ଆମକୁ ମାନି ନେବାକୁ ହେବ । ହିନ୍ଦୁ କୋର୍ଡବିଲ୍ ଅନୁସାରେ ଆମର ସାମାଜିକ କର୍ମନୀତିକୁ ସୁଦୃଢ଼ କରି ଆମର ଗତି ପଥକୁ ପରିଷ୍କାର କରିବାକୁ ପଡ଼ିବ । ଏହା ଦ୍ୱାରା ଭାରତବାସୀଙ୍କର ମଙ୍ଗଳ ।

—"କିନ୍ତୁ……"

ରାଧା କିଛି କହିବା ପୂର୍ବରୁ ଉପେନ୍ଦ୍ର ପୁଣି କହିଲା—

—"ରାଧା ! ଭାରତରେ ବିଧବାଙ୍କ ସଂଖ୍ୟା ବଢ଼ି ଚାଲିଛି—ବୈଧବ୍ୟ ଯନ୍ତ୍ରଣା ସହ୍ୟ କରି ନ ପାରି ଅନେକେ ପଥରୁ ବିପଥକୁ ଗୋଡ଼ ଖସେଇ ଦଅନ୍ତି । ତମେ କଣ ଚାହଁ-ଏମାନଙ୍କର ସଂସ୍କାର ନ ହେଉ ? ସାରା ଜୀବନ ଏମାନେ ବୈଧବ୍ୟ ଯନ୍ତ୍ରଣାରେ ପଡ଼ି ସନ୍ତୁଳି ହେଉ ଥାଆନ୍ତୁ ?"

ରାଧା କିଛି ସମୟ ନୀରବ ରହି ଥରିଲା ଗଳାରେ କହିଲା—

—"ଇଏ ତ ସେମାନଙ୍କର ଭାଗ୍ୟ ବିଧାନ………"

—"ଭାଗ୍ୟ ବିଧାନ ? ରାଧା ତମେ ଲେଖି ପଢ଼ି ପାର । ପୁରାଣ ପଢ଼ି କେତେ କଥା ଜାଣି ପାରିଛ—ତଥାପି ଭାଗ୍ୟ ବିଧାନ କଥାକୁ ବିଶ୍ୱାସ କର ? ବାଲ୍ୟ କାଳରୁ ଯାହାର ବିବାହ ହୁଏ, ତାର ନାରୀତ୍ୱ ବିକାଶ ପୂର୍ବରୁ ସେ ଯଦି ବିଧବା ହେବ--ତା ପାଇଁ ଦାୟୀ କିଏ ? ବାଲ୍ୟ ଅବସ୍ଥାରେ ଝିଅର ବିବାହ ନ ଦେଇ ବାପା

ମାଆ ଯଦି ଉପଯୁକ୍ତ ଶିକ୍ଷା ଦ୍ୱାରା ନିଅଙ୍କୁ ଚାଳିତ୍ କରନ୍ତେ-ଭଗବାନ ବିଧାନ ବୋଲି କୁହାଯାଇ ପାରନ୍ତା କି ?"

ଉପେନ୍ଦ୍ର ଏତକ କହି ମନେ ମନେ କ'ଣ ଚିନ୍ତା କରିବାକୁ ଲାଗିଲା ।

କିଛି ସମୟ ପରେ ରାଧା କହିଲା—

—"ବିଧବା ମାନଙ୍କର ସମସ୍ତ କଷ୍ଟ ଦୂରେଇବା ପାଇଁ କିଛି ଉପାୟ ନାହିଁ ?"

—"ନାହିଁ କାହିଁକି ? ନିଶ୍ଚୟ ଅଛି । ଲୋକେ କହନ୍ତି—ବିଧବା ମାନଙ୍କ ପକ୍ଷରେ ଈଶ୍ୱର ଭଜନ କରିବା—ମଳିନ ବସ୍ତ୍ର ପରିଧାନ କରିବା-ମୃତ ପତିଙ୍କ ବସି ଧ୍ୟାନ କରିବା-ସଂସାରର ଭୋଗ ବିଳାସଠାରୁ ଦୂରେଇ ରହିବା-ଏକାଦଶୀ ପାଳିବା ଇତ୍ୟାଦି ବିଧବାର ଧର୍ମ । କିନ୍ତୁ ଏହାଠାରୁ ଅଧର୍ମର କଥା ଆଉ ନାହିଁ ।"

ଉପେନ୍ଦ୍ର କଥାର ଉତ୍ତର ଦେଇ ରାଧା କହିଲା—

—"ଇଏ ତ ତପସ୍ୟା-ତପସ୍ୟା କଣ ଅଧର୍ମ ହୋଇପାରେ ?"

—"ତପସ୍ୟା ?—ତପସ୍ୟା ହେଉଛି ହୃଦୟର ବନ୍ଧନ । ସଂସାର ଧର୍ମରେ ଦୀକ୍ଷା ନେଇ ତପସ୍ୟାରେ ଯଦି ମନୋନିବେଶ କରାଯାଏ-ତେବେ ସେ ପୂଜନୀୟ ବା ପୂଜନୀୟା ହୁଏ । କିନ୍ତୁ ବିଧବାଙ୍କୁ ଏ କ୍ଷେତ୍ରରେ ବଳପୂର୍ବକ ତପସ୍ୟା କରିବାକୁ ପଡ଼େ-ଏହାକୁ ସଂସାରର ଅତ୍ୟାଚାର କହ ବା ଅନାଚାର କହ— ।"

ରାଧା ଆଖି ଉଠାଇ ଉପେନ୍ଦ୍ରକୁ ଅନାଇଲା-ତା ଆଖିରେ ଉପେନ୍ଦ୍ର ଜଣେ ଦେବଦୂତ ପରି ଜଣାଗଲା ।

କିଛିକ୍ଷଣ ପରେ କମ୍ପିତ ଗଳାରେ ରାଧା କହିଲା—

—"ପୂର୍ବକାଳରେ ସ୍ତ୍ରୀମାନେ ନିଜର ସ୍ୱାମୀ ସାଙ୍ଗରେ ସତୀ ହେଉଥିଲେ—ଏ କଥା କଣ ମିଛ ?"

—"ଏ କଥାକୁ ଗଭୀର ଭାବେ ଯଦି ଆଲୋଚନା କର, ତେବେ ଜାଣି ପାରିବ—ପୂର୍ବ କାଳରେ ସ୍ୱାମୀ ମରିଯିବା ସମୟରେ ସେହି ସ୍ୱାମୀର ଚିତା ସାଙ୍ଗରେ ସ୍ତ୍ରୀକୁ ମଧ୍ୟ ଜଳାଇ ଦିଆ ଯାଉଥିଲା । ଭାରତରେ ଏ ପର୍ଯ୍ୟନ୍ତ ତାର କଳଙ୍କ ରହିଛି— ।"

ରାଧା ଉପେନ୍ଦ୍ର କଥାରେ ପ୍ରଭାବିତ ହୋଇ କହିଲା—

—"ସ୍ତ୍ରୀ ପୁରୁଷ ବିବାହ କରି ସଂଯୁକ୍ତ ରହିବା କଅଣ ଦୁନିଆର ଅତି ଆବଶ୍ୟକ ?"

ଉପେନ୍ଦ୍ର ସହଜ ଓ ଗମ୍ଭୀର ଭାବେ କହିଲା—

—"ସ୍ତ୍ରୀ-ପୁରୁଷ ଦୁହେଁ ଭିନ୍ନ ନୁହନ୍ତି—ଗୋଟିଏ ବୃନ୍ତରେ ଦୁଇଟି ଫୁଲ ପରି । ସ୍ତ୍ରୀ-ପୁରୁଷ ସଂଯୁକ୍ତ ହେବା ଦ୍ୱାରା—ଗୋଲାପ ଫୁଲ ପରି ଗୋଟିଏ ସୁନ୍ଦର ଶିଶୁର ଆବିର୍ଭାବ ହୁଏ । ଠିକ୍ ସେତିକି ବେଳେ ସ୍ତ୍ରୀ ଜାଣିପାରେ ମୁଁ ଦୁନିଆକୁ କାହିଁକି ଆସିଥିଲି—ଜୀବନ ତାର ସାର୍ଥକ ହୁଏ ।"

—"ଖାଲି ସନ୍ତାନ ଜନ୍ମ ପାଇଁ କଣ ସ୍ତ୍ରୀ-ପୁରୁଷ ସଂଯୁକ୍ତ ରହନ୍ତି ?"

—"ନା, ଏ କଥା ଭିନ୍ନ । ସ୍ତ୍ରୀ-ପୁରୁଷଙ୍କର ସଂଯୁକ୍ତ ହେବାର ମୁଖ୍ୟ କାରଣ ହେଉଛି—ପରସ୍ପର ମଧ୍ୟରେ ତୃପ୍ତି ରଖିବା—ସ୍ତ୍ରୀର ଅଭାବରେ ପୁରୁଷର ସୂକ୍ଷ୍ମ ଆଉ ସ୍ଥୂଳ ଶରୀରକୁ ନିର୍ମାଣ ଦିଗରେ ଅଭାବ ହୁଏ—ଜୀବନକୁ ଶୂନ୍ୟ ଆଉ ନୀରସ କରି ପକାଏ । ସ୍ତ୍ରୀ-ପୁରୁଷ ମିଳନ ଫଳରେ ଜୀବନକୁ ପୂର୍ଣ୍ଣ ଆଉ ସନ୍ତୁଷ୍ଟ ରଖେ । —ରାଧା ! ତମେ ପିଲା ନୁହଁ—ଏ ଅଭାବ କଣ ବୁଝି ପାରୁ ନ ଥିବ ?"

ରାଧା ସମସ୍ତ କଥା ଶୁଣି ନୀରବ ରହିଲା । ଉପେନ୍ଦ୍ର ମଧ୍ୟ ଆଉ କିଛି କହିଲାନି ।

※ ୮—ଦିଗମ୍ବର ଦାସ

ହଠାତ୍ ବୃଦ୍ଧ ବ୍ରାହ୍ମଣ ସେଠାରେ ପହଞ୍ଚି ଆନନ୍ଦରେ କହି-ବାକୁ ଲାଗିଲେ—

—"ବାପା ଉପେନ୍ଦ୍ର ! ମୁଁ ତମ ଦୁ'ଜଣଙ୍କ କଥା ସବୁ ଶୁଣି ପାରିଛି । ଆଜି ମୋ ଆଖି ଆଗରୁ ଅନ୍ଧ ପୁଟୁଳି ଖୋଲିଗଲା । ତମରି ହାତରେ ଆଜି ମୋର ପ୍ରାଣର ପ୍ରତିମାଟିକୁ ଅର୍ପଣ କଲି—ଏହାର ପ୍ରତିକାର ନିଶ୍ଚୟ କରିବ ବୋଲି ମୋର ବିଶ୍ୱାସ......"

କିଛିକ୍ଷଣ ପାଇଁ ସମସ୍ତେ ନୀରବ ରହିଲେ ।

ବାପା ତାର ହଠାତ୍ ଆସି ଏପରି କହିବା ଦ୍ୱାରା ରାଧା ନିଜକୁ ସଙ୍କୁଚିତ ମନେ କଲା । ରାଧାର ବାପା ସଙ୍କେତରେ ରାଧାକୁ କହିଲେ—ପୁଣି ତାର ବିବାହ ହେବ ବୋଲି—ଶୁଣିଲା ମାତ୍ରେ ରାଧାର ମୁହଁଟି ଲଜ୍ଜାରେ ନାଲି ପଡିଗଲା । ସେ ଧୀରେ ଧୀରେ ଉଠି ଲେଉଟାଇ ଘରକୁ ପଳାଇ ଗଲା ।

କିଛିସମୟ ପରେ ରାଧା ପାଣିନୋଠାଟି ଥୋଇଦେଇ କହିଲା—

—"ହାତ ମୁହଁ ଧୋଇଆସ ବାପା ! ଭାତ ବଢ଼ା ସରିଲାଣି ।"

ବୃଦ୍ଧ ଉଠୁ ଉଠୁ କହିଲେ—

—"ଆସ ବାପା ଉପେନ୍ଦ୍ର ! ଆଜି ସମସ୍ତେ ବସି ଏକା ସାଙ୍ଗରେ ଭୋଜନ କରିବା— ।"

ବୃଦ୍ଧ ଖାଇ ସାରି ଶୀଘ୍ର ଚାଲିଗଲେ ।

ଉପେନ୍ଦ୍ର ଖାଉଁ ଖାଉଁ କହିଲା—

—"ରାଧା ! ଏଥର ଭାତ ଆଣ—ମୋ'ର ପାଖରେ ବସି ଖାଇ ନିଅ । —ମୁଁ ପରଷି ଦିବି ?"

ଉପେନ୍ଦ୍ର ରାଧାର ମୁହଁକୁ ଏକ ଧ୍ୟାନରେ ଅନାଇ ରହିଲା । ରାଧାର ଦୁଇ ଆଖିରୁ ଲୁହ ଠେପ୍ ଠେପ୍ ହୋଇ ଗଡିବାକୁ ଲାଗିଲା । ଉପେନ୍ଦ୍ର ସାନ୍ତ୍ୱନା ଦେଇ ଖାଇବାକୁ ବାଧ୍ୟ କଲା ।

ରାଧା ଖାଇ ସାରି କହିଲା—

—"ବାପା ତ ମୋର ସମସ୍ତ ଦାୟିତ୍ୱ ଆପଣଙ୍କ ହାତରେ ଦେଲେ—ଏଥର ଆପଣଙ୍କ ସାଙ୍ଗରେ ବୁଲି ଗ୍ରାମସଂସ୍କାର କାର୍ଯ୍ୟରେ ସାହାଯ୍ୟ କରିବି । ମତେ ସାଙ୍ଗରେ ନେଇ ଚାଲନ୍ତୁ ।"

—"କିନ୍ତୁ......"

ଉପେନ୍ଦ୍ର କିଛି କହିବା ପୂର୍ବରୁ ରାଧା ପୁଣି କହିଲା—

—"ଅମତ ହେବେ ନାହିଁ । ମୋର ଅନୁରୋଧ ରକ୍ଷା କରି ମତେ ସାଙ୍ଗରେ ନିଅନ୍ତୁ । ଏକା ଆଉ ଘରେ ରହି ପାରିବି ନାହିଁ......"

—"ଯଦି ସାଙ୍ଗରେ ଯିବାକୁ ଏକାନ୍ତ ଇଚ୍ଛା—ଥରେ ମଉସାଙ୍କୁ ପଚାରି ବୁଝେଁ—ତାଙ୍କର ଇଚ୍ଛା କଅଣ ?"

ହଠାତ୍ ବୃଦ୍ଧ ସେଠାକୁ ଆସି କହିଲେ—

—"ଆଉ ମତର ଆବଶ୍ୟକ କଣ ଅଛି ବାପା ? ମୁଁ ବି ଯିବି ତମ ମାନଙ୍କ ସାଙ୍ଗରେ । ପ୍ରଥମ ସାକ୍ଷାତରେ ମୋ ମନର କଥା ତମକୁ କହିଛି । ଏଠାରେ ଯାହାକି ମୋର ସମ୍ପତ୍ତି ଅଛି—ସେ ସମସ୍ତ ଗ୍ରାମମଙ୍ଗଳ ସମିତିକୁ ଦାନ କରି ଦେବି । ତମରି ସାଙ୍ଗରେ ବୁଲି ପଲ୍ଲୀ ସେବାରେ ମୋର ଶେଷ ଜୀବନ ଯଦି କଟିଯାଏ—ଏହା ଠାରୁ ଗୌରବର କଥା ଆଉ କଅଣ ବା ଅଛି ?"

ବୃଦ୍ଧଙ୍କ ଠାରୁ ଏପରି କଥା ଶୁଣିବା ମାତ୍ରେ ଉପେନ୍ଦ୍ରର ମନ ଆନନ୍ଦରେ ନାଚିବାକୁ ଲାଗିଲା । ପରଦିନ ସକାଳୁ ଉଠି ସମସ୍ତେ ନବପୁର ଅଭିମୁଖରେ ଯାତ୍ରା ଆରମ୍ଭ କଲେ ।

## —ବାର—

—"ଦୁଲେଇ ରାଣୀ !......

ଗୁମାସ୍ତା ବିନ୍ଦୁ ପାତ୍ରେ ଦାଣ୍ଡ ଦୁଆରେ ଠିଆ ହୋଇ ଡାକ ଛାଡ଼ିଲେ ।

ଦୁଲେଇ କବାଟ ଖୋଲି ବାହାରକୁ ଆସିଲା । ଉପେନ୍ଦ୍ର ଗଲା ଦିନରୁ ଦୁଲେଇର ଆଉ ଆଗ କାଳର ସେ ଚଞ୍ଚଳ ସ୍ୱଭାବ ନାହିଁ—ଦୁଃଖରେ ମନଟି ଭାରି ମରି ଯାଇଛି ।

ଏକ ମାସ ପରେ ଉପେନ୍ଦ୍ର ଆଜି ଗ୍ରାମକୁ ଫେରି ଆସିଛି । ଦୁଲେଇ ଉପେନ୍ଦ୍ରକୁ ଥରେ ଦେଖିବାକୁ ଇଚ୍ଛା କରୁଥିଲେ ମଧ୍ୟ ସାହସ କରି ଯାଇ ପାରୁନି । ଗୁମାସ୍ତାଙ୍କୁ ଦେଖି ସେ କହିଲା—

—"କଅଣ କି ମଉସା ?"

ପାତ୍ରେ ଦୁଲେଇ ମୁହଁଟିକୁ ଅନାଇ ଆଶ୍ଚର୍ଯ୍ୟରେ କହିଲେ—

—"ଆଲୋ ଝିଅ ! ଏ ମାସ ଗୋଟାକରେ କ'ଣ କଳାକାଠ ହେଲଣି ? ଆ-ହା-ହା-କି ସୁନ୍ଦର ରୂପ—ଇମିତ କରି ସାରିଲଣି ? ହଁ, ଶୁଣିଲି—ଉପିଆଠା କୁଆଡ଼େ ଗାଁକୁ ଫେରି ଆଇଚି ବୋଲି । ସାଙ୍ଗରେ ଗୋଟାଏ ବୁଢ଼ା ଆଉ ଗୋଟାଏ ଝିଅ ମଧ୍ୟ ଆଣିଚି—ଝିଅଟି ଦେଖିବାକୁ ସାଖ୍ୟାତରେ ପରୀଟିଏ ତ ?"

—"ଆଉଲେ ତ ମୋର କଣ ଗଲା ?"

ଦୁଲେଇ ଉପେକ୍ଷା କରି ଏତକ କହିଲା ସତ, ମାତ୍ର ପ୍ରାଣ ଭିତର ତାର କାନ୍ଦି ଉଠିଲା ।

ପାତ୍ରେ ମନେ ମନେ ଖୁବ୍ ଖୁସି ହେଉଥିଲେ । ସୁଯୋଗ ଜଣି କହିଲେ—

—"ହଁ, ମୋ ସାଙ୍ଗରେ ଟିକିଏ ଚାଲିଆସିଲୋ ଝିଅ ! ଜମିଦାର ସାଆନ୍ତେ କାହିଁକି ଡକେଇଛନ୍ତି......"

—"ମତେ ପୁଣି କାହିଁକି ଡାକିଲେ ?"

ଦୁଲେଇ ପଚାରିଲା ।

ପାତ୍ରେ ମୁହଁରେ କୁଟିଳ ହସ ଫୁଟେଇ କହିଲେ—

—"ଆଲୋ ! ଏ କଥା ପୁଣି ପଚାରିବାକୁ ଅଛି ନା ?... ...ନିଶ୍ଚୟ କିଛି କାମ ଥିବନା'......ବିନା କାମରେ କିଏ କଣ କାହାକୁ ଖୋଜେ ? ମାଗୁଣି କିଛି ଟଙ୍କା କରଜ ଆଣି ଥିଲା । ବୋଧ ହୁଏ ସେଇ ବିଷୟରେ ତୋ ସାଙ୍ଗରେ କଥାବାର୍ତ୍ତା କରିବେ । ତୁ ଆଉ ଡେରି କରିବା ନାହିଁ ଝିଅ—ଶୀଘ୍ର ଶୀଘ୍ର ବାହାରି ପଡ଼ ।"

—"ଟିକିଏ ରହିଯାଅ ମଉସା ! ମୁଁ ତମରି ସାଙ୍ଗରେ ଯିବି ।"

କହିବା ସଙ୍ଗେ ସଙ୍ଗେ ଦୁଲେଇ ଘର ଭିତରକୁ ଚାଲିଗଲା । ପେଡ଼ିରୁ ସଫା ଲୁଗା ଖଣ୍ଡେ ବାହାର କରି ପିନ୍ଧିଲା । ଘର ଦୁଆରେ କୋଲପ ଦେଇ କହିଲା—

—"ଏଥର ଚାଲ ମଉସା !

ଗୁମାସ୍ତା ଆଗେ ଆଗେ ଚାଲିଲେ । ଦୁଲେଇ ପଛେ ପଛେ ଚାଲିଥାଏ—ଜମିଦାରଙ୍କ କଚେରି ଆଡ଼କୁ । ସେତେବେଳେ ସୂର୍ଯ୍ୟ

ଦେବତାଙ୍କର ପ୍ରଖର ତେଜ କମି ଆସୁଥିଲା-ସନ୍ଧ୍ୟା ନାଗରା ବାଜିବା ପାଇଁ ଆଉ ଥିଲା ଅଳ୍ପ ସମୟ—

ଦୁଲେଇ ଯାଇ କଚେରୀ ପାଖରେ ପହୁଞ୍ଚି ଗଲା । ଜମିଦାର ହରି ସାଆନ୍ତରା ପିଣ୍ଡାରେ ବସିଥିଲେ । ଦୁଲେଇ ଭୂଇଁରେ ମୁଣ୍ଡ ଲଗେଇ ଜମିଦାରଙ୍କୁ ଦଣ୍ଡବତ କରି କହିଲା—

—"ମତେ ଡକେଇ ପଠେଇଲେ କାହିଁକି ସାଆନ୍ତେ ?"

—"ହଁ-ହଁ, କିଛି ହିସାବ ରହି ଯାଇଛି—ସେଇଥି ପାଇଁ ତତେ ଡକେଇଲି । ଟଙ୍କା ତ ଦେଇ ପାରିବୁ ନାହିଁ—ତଥାପି ତୋର ଶୁଣି ରଖିବା ଦରକାର......"

ମାଗୁଣି ଜେନା ନେଇଥିବା କରଜା ଟଙ୍କାର ମୋଟ କେତେ ହେବ—ଦୁଲେଇକୁ ପଢି ଶୁଣେଇ ଦେବାକୁ ଜମିଦାର ବାବୁ ଗୁମାସ୍ତାଙ୍କୁ ନିର୍ଦ୍ଦେଶ ଦେଲେ ।

ଗୁମାସ୍ତା ଖାତା ଖୋଲି ଦୁଲେଇକୁ ପଢି ଶୁଣାଇଲେ—

—"ହଁ ମାଗୁଣି ଜେନା ଦୁଇଶହ ଟଙ୍କା କରଜ ନେଇଥିଲା ।"

—"ଦୁଇ ଶହ ?"

ଦୁଲେଇ ଆଶ୍ଚର୍ଯ୍ୟରେ ଆଖି ଦୋ'ଟି ତାଳୁକୁ ଖୋସିଲା ।

—"ହଁ-ଅସଲ ସୁଧ ମିଶିଲେ ଦୁଇ ଶହରୁ ବେଶୀ ହେବ ।"

—"ମୁଁ ଏତେ ଟଙ୍କା ପାଇବି କୁଆଡ଼ୁ ?"

"ଟଙ୍କା ନ ଦେଇ ପାରିଲେ ତୋ ଘରଡିହ ନିଲାମ ହେବ......"

"ମୁଁ ରହିବି କେଉଁଠି ?"

—"ଯେଉଁଠି ଇଚ୍ଛା ରହ-ମୋର ଯାଏ ଆସେ କେତେ ? ଟଙ୍କା ମତେ ଅସୁଲ କରିବାକୁ ହେବ......" ସାଆନ୍ତରେ ଏକା

ନିଶ୍ୱାସଟେ ଏତିକ କହିଗଲେ । ମୁହଁରେ ତାଙ୍କର ଥିଲା କୁଟିଳ ହସ ଆଉ ଆଖିରେ ଥିଲା ମହୁଆ ନିଶା । ଦୁଲେଇର ପ୍ରାଣ ଭିତର ଅଜଣା ଆଶଙ୍କାରେ କମ୍ପି ଉଠିଲା—ନିରୀହ ହୋଇ କହିଲା ସେ—

—"ଏତେ ଟଙ୍କା ଆଣିବ କୁଆଡୁ ସାଆନ୍ତେ ? ଜମି ସାତ ଗୁଣ୍ଠ, ଘରଡିହ ଖଣ୍ଡିକ ଛଡ଼ା ଆଉ ମୋର କଅଣ ଅଛି ? ସେତକ ଗଲେ ମରିଯିବି......"

ଦୁଲେଇ ଆଉ କିଛି କହି ପାରିଲାନି । ବଇଁ ବଇଁ ହୋଇ କାନ୍ଦି ଉଠିଲା ।

—"ମୋ କଥା ଯଦି ମାନିବୁ-ଟଙ୍କାତକ ଛାଡ଼ି ପାଇବୁ । .........କଣ ରାଜି ତ ?"

ସଂଯୁକ୍ତ ଅଙ୍ଗୁଳି ଚିପି ନିଶ ଅଗରେ ବସେଇ ଜମିଦାର ବାବୁ ଦୁଲେଇ ଆଡ଼େ ଅନେଇ ରହିଲେ ।

ଦୁଲେଇ ଡରି ଡରି କହିଲା—

—"କଉ କଥାରେ ରାଜି ହେବି......କହିଲେ ସିନା ଜାଣିବ ସାଆନ୍ତେ ?"

ଜମିଦାର ବାବୁ ଗୁମାସ୍ତାଙ୍କୁ ସେଠାରୁ ଚାଲିଯିବା ପାଇଁ ଇଙ୍ଗିତ କଲେ ।

ଗୁମାସ୍ତା ଚାଲିଯିବା ପରେ ଦୁଲେଇକୁ ଘର ଭିତରକୁ ଯିବାକୁ କହିଲେ ।

ଜମିଦାରଙ୍କ ଆଦେଶ ପାଇ ଦୁଲେଇ ଥଙ୍ଗ ଥଙ୍ଗ ହୋଇ ଘର ଭିତରକୁ ପଶିଲା—ଭୟରେ ତାର ଛାତି ଥରୁଥାଏ ।

ମୁହଁରେ ପୈଶାଚିକ ହସ ଫୁଟାଇ ଭିତର ପଟୁ ଜମିଦାର ବାବୁ କବାଟରେ କିଳଣିଟି ଲଗାଇ ଦେଲେ । ଏହା ଦେଖି ଦୁଲେଇ ଭୟରେ କମ୍ପି ବାକୁ ଲାଗିଲା ।

ଦୁଲେଇ ବିକଳରେ କାନ୍ଦ କାନ୍ଦ ହୋଇ କହିଲା—

—"ମତେ ଛାଡ଼ିଦିଅ ଜମିଦାର ସାଆନ୍ତେ ! ମୁଁ ଘରକୁ ଯାଏଁ-ତମ ଗୋଡ଼ ତଳେ ପଡୁଚି—ଛାଡି ଦିଅ ମତେ......"

—"ଡର ନା-ଏଠାରେ କେହି ଦେଖିବେ ନାହିଁ କି ଶୁଣି ପାରିବେ ନାହିଁ । ତୋର ସମସ୍ତ କରଜା ଟଙ୍କା ମାଫ୍ କରିଦେବି—ଖାଲି ତୁ ଯଦି......"

ଜମିଦାର ହରି ସାଆନ୍ତଙ୍କର ଉଦ୍ଦେଶ୍ୟ କଅଣ-ଦୁଲେଇକୁ ଅଛପା ରହିଲାନି । ଏଇ ନର ପିଶାଚ ହାତରୁ ନିଜକୁ କପରି ମୁକ୍ତ କରିବ ସେଇ କଥା ମନେ ମନେ ସେ ଭାବିବାକୁ ଲାଗିଲା ।

—"ଦେଖ ଦୁଲି ତୁ ଯେବେ ମୋ କଥା ମାନିବୁ ତୋର କୌଣସି କଥାରେ ଅଭାବ ରହିବ ନାହିଁ । ବର୍ତ୍ତମାନ କହ—ତୋର କଣ ଦରକାର......"

ଦୁଲେଇ ମନେ ମନେ ସୁଯୋଗ ଖୋଜୁଥିଲା । ଜମିଦାରଙ୍କ କଥା ଶୁଣି କହିଲା—

—"ମୁଁ ଯାହା ମାଗିବି ମତେ କଅଣ ଦେଇ ପାରିବ ?"

—"ନିଶ୍ଚୟ ଦେବି—ଏ ଜୀବନଟା ତ ତୋ'ରି ହାତରେ...... ?"

—"ବାପାଙ୍କ ଠାରୁ ଯେଉଁ ତମସୁକଟି ଲେଖେଇ ରଖିଚ—ତାକୁ ମୋ'ର ଆଗରେ ଏଇନେ ପୋଡିଦିଅ । ତମେ ଯାହା କହିବ ତମ କଥା ମାନିବି ସାଆନ୍ତେ......"

—"ଓଃ...ଏଇ କଥା ? ଆଚ୍ଛା, ଦେଖ୍ ତୋ'ର ଆଗରେ ସେ ତମସୁକଟି କପରି ପୋଡି ପାଉଁଶ କରି ଦେଉଚି...... ?"

କହିବା ସଙ୍ଗେ ସଙ୍ଗେ ଚାବି ନେଇଣ୍ଟି ହାତରେ ଧରି ଆଲମିରା ଖୋଲି—ଖାତପତ୍ର ଖେଳାଇବାକୁ ଲାଗିଲେ । ଏଇ

ସୁଯୋଗରେ ଦୁଲେଇ ଧୀରେ ଧୀରେ କବାଟ ପାଖକୁ ଯାଇ କଳ-ଣିଟି ଅସ୍ତେ ଫିଟାଇ ଦେଲା । ପଦାକୁ ବାହାରି ଆସି ପୁଣି ଧୀରେ ଧୀରେ କବାଟଟି ଆଉଜାଇ ଆଣି ବାହାର ପଟୁ ଜଂଜିର ଲଗାଇ ଦେଲା ।

କିଛି ସମୟ ପରେ ଜମିଦାର ହରି ସାଆନ୍ତରା ଆଲମିରାରୁ ଡମୁରୁକଟି ବାହାର କରି ମୁହଁ ବୁଲେଇ ଦେଖିଲା ବେଳକୁ—ଦୁଲେଇ ଘରେ ନାହିଁ । କବାଟର କଳଣି ଫିଟି ଯାଇଛି । ସେ ଦୌଡ଼ି ଯାଇ କବାଟରେ ହାତ ମାରି ଟାଣିବାରେ କବାଟ ଖୋଲି-ଲାନି—ବାହାର ପଟେ ଜଂଜିର ଦିଆ ହୋଇଛି ।

ଘରଭିତରେ ଥାଇ ସାଆନ୍ତରାଏ ଚିତ୍କାର କରିବାକୁ ଲାଗିଲେ । କିନ୍ତୁ ତାଙ୍କର ଚିତ୍କାର ଶୁଣିବା ପାଇଁ ସେଠାରେ କେହି ନ ଥିଲେ—ଗୁମାସ୍ତା ଅନେକ ବେଳୁ ଯାଇ ସାରିଲେଣି । ସାଆନ୍ତରାଏ ରାଗରେ ଫୁଲି ଉଠି ଅଧରରେ ଦାନ୍ତ କାମୁଡ଼ିବାକୁ ଲାଗିଲେ । ଦୁଲେଇର ଉପରେ ସର୍ବନାଶ କରିବେ—ଏହି ଚିନ୍ତାରେ ମୁଣ୍ଡ ଭିତରେ ତାଙ୍କର ଗୋଳମାଳ ହୋଇଗଲା ।

## —ତେର—

ଉପେନ୍ଦ୍ର ଆଜି ଏକ ମାସ ପରେ ଘରକୁ ଫେରି ଆସିଛି । କରୁଣି ପଧାନେ ପୁଅକୁ ପାଇ ଆନନ୍ଦର ସୀମାରହୁନି । ରାଧା ତାର ବାପା ସାଙ୍ଗରେ ରାଧା-କୃଷ୍ଣଙ୍କ ମନ୍ଦିରରେ ବେଶ୍ ଆନନ୍ଦରେ ଅଛି । ସନ୍ନ୍ୟାସୀଙ୍କ ପାଖରେ ବସି ରାଧାର ବାପା ଗୀତ ଶୁଣେ——ଧର୍ମ ସମ୍ବନ୍ଧରେ ନାନା କଥା ଆଲୋଚନା ମଧ୍ୟ କରେ । ରାଧା ଠାକୁରଙ୍କ ପାଇଁ ପୂଜା ଫୁଲ ତୋଳେ—ଆଉ ତାର ବାପା ଓ ସନ୍ନ୍ୟାସୀଙ୍କର ସମସ୍ତ ଖବର ବୁଝେ । ଅବସର ସମୟରେ ଉପେନ୍ଦ୍ରକୁ ଗ୍ରାମ ସଂଗଠନ କାର୍ଯ୍ୟରେ ସାହାଯ୍ୟ କରେ । ଉପେନ୍ଦ୍ରର ନିର୍ଦ୍ଦେଶ ମତେ ସେ ପ୍ରତି ଘରେ ଯାଇ ଝିଅ ବୋହୂ ମାନଙ୍କୁ ନାନା ପ୍ରକାରର ସିଲେଇ କାମ ଶିକ୍ଷା ଦିଏ—ଏଇଥିରେହିଁ ସେ ପାଏ ପରମ ଆନନ୍ଦ ଆଉ ମନରେ ତୃପ୍ତି ।

ଉପେନ୍ଦ୍ର କଟକ ଟେଲିଗ୍ରାମ କରିଥିଲା—ରମାନାଥ ମଧ୍ୟ ଆସି ଉପେନ୍ଦ୍ର ପାଖରେ ରହିଲାଣି । ଉପେନ୍ଦ୍ର-ରମାନାଥ-ରାଧାର ବାପା—ସନ୍ନ୍ୟାସୀ—ଆଉ ରାଧା, ଏମାନେ ସମସ୍ତେ ମିଳିମିଶି ଗ୍ରାମରେ କିପରି ପ୍ରାଥମିକ କାର୍ଯ୍ୟ ଆରମ୍ଭ କରାଯିବ, ସେ ବିଷୟରେ ଗୋଟିଏ ଯୋଜନା ମଧ୍ୟ ସ୍ଥିର କରି ସାରିଲେଣି । ଗ୍ରାମର ଅଧିକାଂଶ ଯୁବକ ଆସି ସହଯୋଗ କଲେଣି ।

ଭଡ଼ି ଭୋ'ରୁ ଦୁଲେଇ କବାଟରେ ଧକ୍କା ମାରି ଡାକିଲା—

—"ଉପ ଭାଇ—ଉପ ଭାଇ !"

ଉପେନ୍ଦ୍ରର ନିଦ ଶୁଣିକିନା ଭାଙ୍ଗିଗଲା । ଦୁଆର ଖୋଲି ଦେଖେ ତ—ଦୁଲେଇ ଠିଆ ହୋଇ ଥରୁଛି—ଭୟରେ ମୁହଁଟି ତାର ଶୁଖି ଯାଇଛି ।

ଉପେନ୍ଦ୍ର ପଚାରିଲା—

—"ତୋର ପୁଣି କଅଣ ହେଲାକି ? ଏତେ କାହିଁକି ଆସିଛୁ ?"

ଦୁଲେଇ ତାର ଉପ ଭାଇକୁ ଦେଖିବା ମାତ୍ରେ ତା ଦେହରେ ଲତାଟି ପରି ଛନ୍ଦି ହୋଇଗଲା । ମୁହଁରେ ତାର କଥା ନାହିଁ—ଖାଲି ଭେଁ ଭେଁ ହୋଇ କାନ୍ଦିବାକୁ ଲାଗିଲା ସେ ।

ଆଶ୍ଚର୍ଯ୍ୟରେ ଉପେନ୍ଦ୍ର ପଚାରିଲା—

—"ଆଗ କଥାଟା କ'ଣ କହ ? ଇମିତ କାନ୍ଦୁଛୁ କାହିଁକି ?"

କାନ୍ଦି କାନ୍ଦି ହୋଇ ଦୁଲେଇ କହିଲା—

—"ଜମିଦାର ମତେ........."

ଦୁଲେଇ ଆଉ କିଛି କହି ପାରିଲାନି । ଗଳା ତାର ଥରି ଆସିଲା । ଆଖିରୁ ଲୁହ ଧାର ଛୁଟିଲା ।

—"ଜମିଦାର ତୋର ସବୁ ସୁବିଧା କରି ଦେବେ ବୋଲି କହୁଥିଲୁ ? ଏଥର ତାଙ୍କର ପାଖକୁ ଯାଆ—"

ଉପେନ୍ଦ୍ର ଥଟା ଆଉ ଅଭିମାନ କରି କହିଲା ।

—"ମୁଁ ଆଉ ଭିତରିକି ଯିବି ନାହିଁ ଉପ ଭାଇ ! ଏ ବେଳରେ ମତେ ନ ବଞ୍ଚେଇଲେ ମରିଯିବି । ଜମିଦାରଙ୍କର ସବୁ କଥା ଜାଣି ସାରିଲିଣି । ତାଙ୍କର କଥାରେ ପଡ଼ି ତମକୁ ଅପମାନ ଦେଇଚି—ତା'ରି ଫଳ ଏଥର ପାଇଲି—"

—"ମତେ ଆଉ ବୁଝେଇବାକୁ ହେବନି-ସବୁ କଥା ମୁଁ ଜାଣେ । ତୁ ସେଇଠିକି ଚାଲି ଯା'……"

—"ତମ ଗୋଡ଼ ତଳେ ପଡ଼ୁଚି—ଦୁଲିକୁ ତମର ପାଖକୁ ନିଅ—ଅତ୍ୟାଚାରୀ ଜମିଦାର ହାତରୁ ମତେ ବଞ୍ଚାଅ— ।"

ଦୁଲେଇ ଉପେନ୍ଦ୍ରର ଗୋଡ଼ ଦୁଇଟିକୁ ଯାବୁଡ଼ି ଧରି କାନ୍ଦିବାକୁ ଲାଗିଲା ।

ଉପେନ୍ଦ୍ରର ରାଗ ଅଭିମାନ ସବୁ କୁଆଡ଼େ ମିଳେଇ ଗଲା । ଆଦରରେ ଦୁଲେଇକୁ ନିଜ ଛାତି ଉପରକୁ ଭିଡ଼ି ଆଣି କହିଲା—

—"ସହଜରେ ତୁ କଣ ମାନିବୁ ଲୋ ପୋଡ଼ା ମୁହିଁ ? ଯା'-ଘର ଭିତରକୁ ଯା'-ଆଉ ଏତେ ନାକ ସକାନି ମ ! —ମୁଁ ଯାଉଛି ଦାନ୍ତ ଘଷିବ-ମୋ ପାଇଁ ଜଳଖିଆ ତିଆରି କଅର । ହଁ ଆଉ ଘରେ ରମାନାଥ ଅଛି । କାଲି ରାତିରେ ସେ କଟକରୁ ଆସିଛି—ଦ'ଜଣଙ୍କ ଲାଗି ଜଳଖିଆ ତିଆରି କରିବୁ ।"

ଉପେନ୍ଦ୍ର ଚାଲିଗଲା । ଆଖିର ଲୁହ ଲୁଗା କାନିରେ ପୋଛି ଦେଇ ଦୁଲେଇ ଘର ଭିତରକୁ ପଶିଗଲା । ଚୁଲୀ ଜଳେଇ ଚୁଡ଼ା ଭାଜିବାକୁ ଲାଗିଲା ସେ ।

ନିତ୍ୟକର୍ମ ଶେଷ କରି ଉପେନ୍ଦ୍ର ଆଉ ରମାନାଥ ଯେତେବେଳେ ଆସି ପହଞ୍ଚିଲେ-ଦୁଲେଇ ଥାଳିରେ ଚୁଡ଼ାଭଜା ଓ ଗିଲାସେ ଦୁଧ ଆଣି ସେମାନଙ୍କ ଆଗରେ ଥୋଇ ଦେଲା । ଦୁଇଖଣ୍ଡି ଆସନ ବିଛେଇ ଦେଲା । ଦୁଇ ବନ୍ଧୁ ଖାଇ ବସିଲେ ।

ଦୁଲେଇ ଚାଲି ଯାଉଥିଲା । ଉପେନ୍ଦ୍ର ଡାକି କହିଲା—

—"ଦୁଲି ! ରମାନାଥକୁ ନମସ୍କାର କର ।"

ଲେଇ ରମାନାଥକୁ ଥରେ ଅନାଇଲା । ରମାନାଥ ମଧ୍ୟ ଦୁଲେଇକୁ ଅନାଇ ରହିଥାଏ । ଚାରି ଚକ୍ଷୁର ମିଳନ ହେଲା ।

ଦୁଲଲିଇ ମୁହଁଟି ନାଲି ପଡ଼ିଗଲା । ଲଜ୍ଜାରେ ସେ ତଳକୁ ମୁହଁଟି ପୋତି ଦେଇ କହିଲା—

—"ନମସ୍କାର ।"

ରମାନାଥ ଅପଲକ ନୟନରେ ଦୁଲେଇକୁ ଚାହିଁ ରହିଥାଏ । ଦୁଲେଇ ତଳକୁ ମୁହଁ ପୋତିଥିଲେ ମଧ୍ୟ, ବେଳେ ବେଳେ ରମା-ନାଥକୁ କଣେଇ କଣେଇ ଅନେଇ ଦେଉଥାଏ । ଦୁଇ ଜଣଙ୍କ ଆଖିର ମିଳନରେ, ମୂକ ଭାଷାର ଆଦାନ ପ୍ରଦାନ ଚାଲିବାକୁ ଲାଗିଲା ।

ଉପେନ୍ଦ୍ର ଡାକିଲା—

—"ରମାନାଥ !"

ରମାନାଥ ଚମକି ପଡ଼ି ଦୁଲେଇ ଆଡୁ ଶୀଘ୍ର ଆଖି ଫେରାଇ ଆଣି କହିଲା—

—"କଅଣ କହିଲ ଉପେନ୍ ?"

—"ଦୁଲିଙ୍କୁ କୁଇନାଇନ୍ ଇଞ୍ଜେକ୍‌ସନ ବର୍ତ୍ତମାନ ଦେଲ ?"

—"ବର୍ତ୍ତମାନ ଦେଉଛି...... ।"

ରମାନାଥ ଜଳଖିଆ ଖାଇ ସାରି ଶୀଘ୍ର ସିରଞ୍ଜ ପ୍ରସ୍ତୁତ କରି-ବାକୁ ଲାଗିଲା ।

ଦୁଲେଇ ଭୟରେ ମୁହଁ ଫୁଲେଇ କହିଲା—

—"ନାହିଁ ଉପ ଭାଇ ! ମୁଁ ଇନ୍‌ଜେକସନ ନେବ ନାହିଁ । ଏଡ଼େ ବଡ଼ ଛୁଞ୍ଚିଟା ଦେହରେ ଫୋଡ଼ି ଦେଲେ...ମତେ କାଟିବ... ।"

ରମାନାଥ ଟିକିଏ ହସି ଦେଇ କହିଲା—

—"ଡିଅରନା—ସୁନା ପିଲାଟି ପରି ଏଇଟି ବସିଯାଅ—ମୁଁ ଇଂଜେକ୍‌ସନ ଦେଉଛି ।"

କହିବା ସଙ୍ଗେ ସଙ୍ଗେ ଦୁଲେଇର ହାତକୁ ରମାନାଥ ଧରି ପକେଇଲା । ରମାନାଥର ହାତର ସ୍ପର୍ଶରେ ଦୁଲେଇ ପ୍ରାଣରେ ଏକ ନୂତନ ଶିହରଣ ଖେଳିଗଲା । ମୂକଙ୍କ ପରି ତଳକୁ ମୁହଁ ପୋତି ବସି ରହିଲା ସେ— ।

ରମାନାଥ ଦୁଲେଇର ସୁକୋମଳ ମାଂସପେଶୀ ଭିତରେ ଛୁଞ୍ଚି ଭର୍ତ୍ତି କରିଦେଲା ।

ଦୁଲେଇ ସାମାନ୍ୟ ଯନ୍ତ୍ରଣା ଅନୁଭବ କରି କହିଲା—

—ଉଃ......ବାପଲୋ......ମରିଗଲି......"

ରମାନାଥ ସାବଧାନ କରି କହିଲା—

—"ହଲ ଚଲ ହେଲେ ଛୁଞ୍ଚି ଭାଙ୍ଗି ଯିବଟି ?"

ଇଂଜେକ୍ସନ ଦିଆ ସରିଲା । ରମାନାଥ ଛୁଞ୍ଚିକୁ ତୁଳାରେ ପରିଷ୍କାର କରି ଥୋଇଲା । ଦୁଲେଇ ଇଂଜେକ୍ସନ ଦିଆ ଯାଇଥିବା ଜାଗାକୁ ଫୁଙ୍କିବାକୁ ଲଗିଲା ।

ରମାନାଥ ଟିକିଏ ହସି ଦେଇ କହିଲା—

—"ସେ ଜାଗାରେ ହାତ ଦିଏନା ଦୁଲି ! ନଖ ବାଜିଲେ ବିସିରିପି ଯିବଟି ?"

ରମାନାଥ ଦୁଲେଇର ନାଆଁ ଧରି ଡାକୁଛି—ଦୁଲେଇ କାନକୁ କି ସୁନ୍ଦର ଶୁଭି ଯାଉଛି ସେ ଡାକ—ମନ ଅନନ୍ଦରେ ନାଚି ଉଠିଲା ସେ ।

ଉପେନ୍ଦ୍ର କହିଲା—

—"ଏଥର ରାଧା କୃଷ୍ଣଙ୍କ ମନ୍ଦିରକୁ ଚାଲ । ସମସ୍ତେ ଆମକୁ ଅପେକ୍ଷା କରି ବସିଥିବେ । କାଲିଠୁଁ ଗ୍ରାମରେ ପ୍ରାଥମିକ କାର୍ଯ୍ୟ କିପରି ଆରମ୍ଭ କରାଯିବ, ସେ ବିଷୟରେ ସବୁ କଥା ସ୍ଥିର କରିବା । ସମିତିର ସଦସ୍ୟ ସଂଖ୍ୟା କ୍ରମଶଃ ବଢି ଚାଲିଛି । ଆଜିରେ ଆଠ

ଦଶଖଣ୍ଡି କୋଦାଳ ଆଉ କାଚ୍ଚ ଝୁଡ଼ି ଆମକୁ ସଂଗ୍ରହ କରିବାକୁ ହେବ । ଆମର ପ୍ରଥମ କାମ ହେଲା—ଗ୍ରାମର ଅଳିଆ ଗଦା ସଫା କରିବା ଓ ପୋଖରୀ ଗୁଡ଼ିକ ଭିତରେ ପଶି ଦଳ ବାହାର କରି ପାଣିକୁ ପରିଷ୍କାର କରିବା—ଏହିପରି ଅନେକ କାମ ଆମକୁ କରିବାକୁ ହେବ । ଶୀଘ୍ର ବାହାର ପଡ଼ ରମାନାଥ !"

ଦୁଲେଇ ଆଗ୍ରହରେ କହିଲା—

—"ତମ ସାଙ୍ଗରେ ମୁଁ ଯିବି ଉପ ଭାଇ ! ରାଧା ଅପାକୁ ଦେଖିବି……"

—"ଭଲ କଥା—ଯିବୁ ଯଦି ହାତରେ ଖଣ୍ଡେ କୋଦାଳ ଆଉ ଗୋଟେ ଝୁଡ଼ି ଧରି ଚାଲ୍‌ ।"

ସମସ୍ତେ ରାଧା କୃଷ୍ଣଙ୍କ ମନ୍ଦିର ଆଡ଼କୁ ଚାଲିଲେ ।

କରୁଣି ପଧାନେ ଓ ରାଧାର ବାପା ସନ୍ନ୍ୟାସୀଙ୍କ ପାଖରେ ବସି ଗୀତା ପାଠ ଶୁଣୁଥିଲେ । ରାଧା ଠାକୁରଙ୍କ ପାଇଁ ପୂଜା ଫୁଲ ସଜାଡ଼ିବାରେ ବ୍ୟସ୍ତ ଥିଲା ।

ଉପେନ୍ଦ୍ର, ରମାନାଥ ଆଉ ଦୁଲେଇ ଆସି ସେଠାରେ ପହଞ୍ଚିଲେ ।

ରାଧା ଦୁଲେଇର ପରିଚୟ ପାଇବା ମାତ୍ରେ ନିଜ କୋଳକୁ ଟାଣି ନେଇ—ତା ଗାଲରେ ଗୋଟିଏ ସୁହାଗ ମିଶା ଚୁମ୍ବନ ଅଙ୍କି-ଦେଲା । ଦୁଲେଇ ରାଧାକୁ ପାଇ ନିଜର ସମସ୍ତ ଦୁଃଖ ଭୁଲିଗଲା ।

ଗ୍ରାମର ଆଉ କେତେ ଜଣ ଯୁବକଙ୍କୁ ଡକା ହେଲା । ସନ୍ନ୍ୟାସୀଙ୍କର ଗୀତା ପାଠ ଶେଷ ହେବା ପରେ—ଗ୍ରାମରେ କପରି ପ୍ରାଥମିକ କାର୍ଯ୍ୟ ଆରମ୍ଭ କରାଯିବ ସମସ୍ତେ ବସି ବିଚାର କଲେ ।

ପର ଦିନ——

ଗ୍ରାମର ଅଳିଆ ଗଦା ଓ ପୋଖରୀରୁ ଦଳ ସଫା କରିବା ପାଇଁ ସମସ୍ତେ ବାହାରି ପଡିଲେ ।

ରମାନାଥ ଡାକ୍ତରୀ ବ୍ୟାଗ୍‌ଟି କାନ୍ଧରେ ଝୁଲେଇ ସେମାନଙ୍କ ପଛେ ପଛେ ଚାଲିଥାଏ ।

ଉପେନ୍ଦ୍ର କହିଲା—"ଗ୍ରାମର ଅଧିକାଂଶ ଲୋକ ମୋ ଉପରେ ଅଯଥା ରାଗ କରିଛନ୍ତି—ମୋ କଥାରେ ସେମାନେ ଇଞ୍ଜେକ୍‌ସନ ନେବାକୁ ଆଦୌ ମଙ୍ଗିବେନି । ତଥାପି ଘରଘର ବୁଲି ଆମକୁ ବୁଝେଇବାକୁ ପଡ଼ିବ ।"

ରମାନାଥ ଉପେନ୍ଦ୍ର କଥାରେ ଜୋର ଦେଇ କହିଲା—ହଇଜା ରୋଗରୁ ଜୀବନକୁ ବଞ୍ଚେଇ ରଖିବାକୁ ହେଲେ, ଗ୍ରାମର ପ୍ରତ୍ୟେକ ଲୋକଙ୍କୁ ଇଂଜେକ୍‌ସନ ନେବାପାଇଁ ଅନୁରୋଧ କରିବା…… ।"

ସେବାକାରୀଦଳ ଆଗେଇ ଚାଲିଲେ—ପ୍ରତ୍ୟେକଙ୍କ ହାତରେ ଖଣ୍ଡିଏ ଲେଖାଏଁ କୋଦାଳ ଆଉ ଗୋଟିଏ ଲେଖାଏଁ ଝୁଡି ।

ଗୋଟିଏ ଜାଗାରେ ଗୁଡାଏ ଅଳିଆ ଏକାଠି ଜମା ହୋଇ ସ୍ଥାନଟି ଅପରିଷ୍କାର ଦେଖା ଯାଉଥିଲା । ସମସ୍ତେ ସେଇଠାରେ ଯାଇ ରୁଣ୍ଡ ହେଲେ । ତାର ଅଳ୍ପ ଦୂରରୁ ଗୋଟିଏ ପରିବାରର ବାଡ଼ି-ପଟେକୁ କୂଅଟିଏ ମଧ୍ୟ ଦେଖାଗଲା ।

ପ୍ରଥମେ ରମାନାଥ କହିଲା—

—"ଏଇ ଅଳିଆ ଗଦାକୁ ଉଠାଇ ଗ୍ରାମର ବାହାରେ ଗୋଟିଏ ପଡ଼ିଆରେ ନେଇ ପକାଇ ଦିଅ । ମୁଁ ଯାଉଛି ସେହି କୂଅରେ "ପୋଟାସିୟମ୍‌ପରମେଙ୍ଗନେଟ୍‌" କିଛି ଗୁଣ୍ଡ଼ ଦେଇ ଆସେଁ ।"

ସେବାକାରୀ ଦଳର ପ୍ରାଥମିକ କାର୍ଯ୍ୟ ଆରମ୍ଭ ହେଲା । ସମସ୍ତେ କୋଡ଼ି କୋଦାଳ ଧରି ଅଳିଆ ଗଦାଟି ସଫା କରି,

ଗ୍ରାମର ବାହାର ପଡ଼ିଆରେ ଏକାଠି ଜମା ହେଲେ । କିଛି କ୍ଷଣ ପରେ ଦେଖାଗଲା ନିଆଁ ଲଗାଇ ଅଳିଆ ଗଦାଟିକୁ ପୋଡି ଦିଆଯାଇଛି ।

ଗ୍ରାମର କେତେକ ଲୋକ ଏମାନଙ୍କର କାର୍ଯ୍ୟକଳାପ ଦେଖି ଥଟ୍ଟାରେ ହସିବାକୁ ଲାଗିଲେ ।

ରମାନାଥ ବ୍ୟାଗରୁ ଇଂଜେକସନ ବାହାର କରି ଲୋକମାନଙ୍କୁ ନେବାକୁ ଅନୁରୋଧ କଲା—ମାତ୍ର ଭୟରେ କେହି ତା ପାଖକୁ ଆସିଲେନି । ସମସ୍ତେ ଘୁନିଆରେ ପଳାଇବାକୁ ଲାଗିଲେ । କିନ୍ତୁ ରମାନାଥ ଛାଡ଼ିବା ପିଲା ନୁହେଁ—ସେ ଜୋର କରି ଜଣେ ଦୁ' ଜଣଙ୍କୁ ଧରି ଇଂଜେକସନ ଦେଇଦେଲା ।

ଏହାପରେ ନବପୁର ଗ୍ରାମରେ ସଂଗଠନ କାର୍ଯ୍ୟ ଆରମ୍ଭ ହେଲା । ଗ୍ରାମର ବହୁ ପରିମାଣରେ ଅଳିଆ ଗଦା ସବୁ ସଫା ସୁତରା କରାଇ ଦିଆଗଲା ।

ସନ୍ଧ୍ୟା ସମୟକୁ ସମସ୍ତେ ଫେରି ଆସିଲେ । ରାଧା ଆଉ ଲୀଳାଇ ମିଶି ରନ୍ଧାବଢ଼ା କରି ସମସ୍ତଙ୍କୁ ପରଷିବାକୁ ଲାଗିଲେ । ଖାଇବା ଶେଷ କରି ଗ୍ରାମର ଉନ୍ନତି ବିଷୟରେ ନାନା ପ୍ରକାର ଆଲୋଚନା କରୁ କରୁ ସମସ୍ତେ ନିଦ୍ରାଦେବୀଙ୍କ କୋଳରେ ଶାନ୍ତିରେ ଶୋଇ ପଡ଼ିଲେ ।

. . . . . .

01275
17.7.1959

—ଚଉଦ—

ଜମିଦାର ହର ସାଆନ୍ତଙ୍କ ଆଖିକୁ ନିଦ ନାହିଁ—ଖାଇବା ପିଇବା କଷ୍ଟ ହୋଇ ସାରିଲାଣି । ସଦାବେଳେ ବିଛଣାରେ ପଡ଼ି ଛଟପଟ ହେଉଛନ୍ତି—ତାଙ୍କର ସମସ୍ତ ଷଡ଼ଯନ୍ତ୍ର ଆଜି ବିଫଳ ହୋଇ ଯାଉଛି । ଗ୍ରାମର ଲୋକମାନେ ତାଙ୍କଠାରୁ କ୍ରମଶଃ ଆସ୍ଥା ହରେଇ ସାରିଲେଣି ।

ଏଣେ ଉପେନ୍ଦ୍ରର ଗ୍ରାମ ସଂଗଠନ କାର୍ଯ୍ୟ ଖୁବ୍ ଦ୍ରୁତଗତିରେ ଆଗେଇ ଚାଲିଛି । ଜମିଦାରଙ୍କର ଶତ ଚେଷ୍ଟା ଫଳରେ ଲୋକେ ତାଙ୍କ କଥାରେ କାନ ନ ଦେଇ ଉପେନ୍ଦ୍ରକୁ ସବୁ ପ୍ରକାରର ସହଯୋଗ କରୁଛନ୍ତି ।

ଜମିଦାର ବାବୁ କିଛି ସମୟ ଗମ୍ଭୀର ହୋଇ କ'ଣ ଚିନ୍ତା କରି ତାଙ୍କ ଚାକରକୁ କହିଲେ—

—"ବଣିଆ—ରେ ବଣିଆ !"……

—"ଆଜ୍ଞା…ଯାଉଚି !" ………

ବଣିଆ ଆସି ଜମିଦାରଙ୍କ ପାଖରେ ଠିଆ ହେଲା ।

—"ଗୁମାସ୍ତାଙ୍କ ଘରକୁ ଯାଇ ଚଞ୍ଚଳ ତାଙ୍କୁ ଡକାଦେଲୁ !"

ବଣିଆ ଚାଲିଗଲା ।

କିଛି ସମୟ ପରେ ହାତରେ ଖଣ୍ଡେ ବାଡ଼ି ଧରି ଗୁମାସ୍ତା ବାବୁ ପାଟେଣ ଆସି ଜମିଦାରଙ୍କ ପାଖେ ପହଞ୍ଚିଗଲେ ।

—"ଆଜ୍ଞା ଏଡ଼େ ସକାଳ ମତେ ଡାକିଲେ କାହିଁକି ?"

—"କଅଣ ଏ ସବୁ ହେଉଛି ଗୁମାସ୍ତା ବାବୁ ? ତମେ କିଛି କରି ପାରିଲ ନାହିଁ । ଗ୍ରାମର ଲୋକେ ମେଳବାନ୍ଧି ସେଇ ଉପିଆଠା ପଛରେ କିପରି ଗୋଡ଼େଇଛନ୍ତି—ଦେଖି ପାରୁଛ ତ ?"

—"ସବୁ ଦେଖୁଛି ଆଜ୍ଞା ! ଆପଣ ଥିଲେ ହେଲେ ବସି ରହନ୍ତୁନା ! ଏ ଦିନ କେଇଠାରେ ସବୁ ଲୁଆଡ଼େ ଫସରଫାଟି ଯିବ । ଇଏ ପୁଣି ଗ୍ରାମ ସଂଗଠନ କରିବେ ? ଇମିତ କେତେ ଦେଖିଲଣି—ଠୋକା ଠାକଲା ବୁଦ୍ଧି ତ......"

—"ନା, ତମେ ଜାଣିନା ଗୁମାସ୍ତା ବାବୁ ! ମୋର କାହିଁକି ଭୟ ହେଉଛି ।"

—"କିଛି ଚିନ୍ତା କରନ୍ତୁ ନାହିଁ ଆଜ୍ଞା ! ସବୁ ଠିକ୍ କରି-ଦେବି—ଆପଣ ଯଦି ହୁକୁମ ଦେବେ, ଦୁଲେଇ ଘର ଉପରେ କାଲିରେ କୋରଖି ବସେଇ ଦେବି । ଦେଖିବା ଉପିଆଠାର ବୁଦ୍ଧିର ଦଉଡ଼ କେତେ ?"

—"ହିଁ...ହିଁ...ତମ ସୁବିଧା ଦେଖି ସବୁ କାମ ହାସଲ କର । ଯଦି ପାରିବ ତ କିଛି ଲୋକ ଠିକ୍ କରି ଦୁଲେଇକୁ ଏଠାରୁ ଉଠାଇ ଆଣିବାର ବ୍ୟବସ୍ଥା କର ।"

—"ଆପଣ ନିଶ୍ଚିନ୍ତରେ ବସନ୍ତୁ—ସବୁ ଠିକ୍ କରିଦେବି ।"

—"ଅଚ୍ଛା, ଏଥର ତମ କାମରେ ଯାଅ—ଖୁବ୍ ସାବ-ଧାନରେ ସମସ୍ତ ହାସଲ କରିବ । ହଁ, ସତେଇ ବେହେରାକୁ କହିବ, ଉସମାନଙ୍କ ଦଳ ସାଙ୍ଗରେ ବୁଲୁଥିବ—ସେମାନେ କ'ଣ ସବୁ କରୁଛନ୍ତି, ସମସ୍ତ ବୁଝି ମତେ ଯେପରି ଖବର ପହଞ୍ଚାଏ ।"

ଗୁମାସ୍ତା ବାବୁ ପାନେ ମୁଣ୍ଡଟି ଠୁଙ୍ଗାରି ଦେଇ ଚୌପାଢ଼ୀରୁ ବାହାରି ଗଲେ ପଦାକୁ । ଜମିଦାର ବାବୁ ବିଛଣାରେ ଶୋଇ ରହିଲେ—ଚିନ୍ତାରେ ତାଙ୍କ ମୁହଁ ଫିକା ପଡ଼ି ଯାଇଥିଲା । କିପରି ଦୁଲେଇକୁ ନିଜର କରି ପାରିବେ ଆଉ ଗ୍ରାମ ସଂଗଠନ କାର୍ଯ୍ୟ କିପରି ପଣ୍ଡ ହେବ ଏହିପରି ନାନା ବିଷୟ ଚିନ୍ତା କରୁ କରୁ ପ୍ରାଣ ଭିତର ତାଙ୍କର ମନ୍ଟୁ ଚକଟି ପକାଉଥିଲା ।

ରାତିର କଳା ପର୍ଦ୍ଦା ଅପସରି ଗଲା—ପୂର୍ବ ପଟରେ ସୂର୍ଯ୍ୟ ଦେବତାଙ୍କର ନାଲିଆ କିରଣ ହସି ଉଠିଲା ।

ଉପେନ୍ଦ୍ର ଓ ରମାନାଥ ବିଛଣାରୁ ଉଠି ନିତ୍ୟକର୍ମ ଶେଷ କରି ଆସିଲେ । ଦୁଲେଇ ଦୁଇ ଜଣଙ୍କ ପାଇଁ ଦୁଇ ଖଣ୍ଡି ଆସନ ଯତ୍ନରେ ପାରି ଦେଲା । ରାଧା ଜଳଖିଆ ଥାଳିଟି ସଜାଡ଼ି ଆଣି ଥୋଇଲା—ଦୁଇ ବନ୍ଧୁ ଆନନ୍ଦରେ ଖାଇ ବସିଲେ ।

ଦୁଲେଇ ପାଖରେ ବସି ପଡ଼ି କହିଲା—

—"ଏଠି ଗହଳ ଚହଳ ହେଉଛି—ବଡ଼ବାପାଙ୍କୁ କଷ୍ଟ ହେଉଥିବ । ରାଧା ଅପା ତାଙ୍କ ବାପାଙ୍କୁ ଧରି ରାଧା କୃଷ୍ଣଙ୍କ ମନ୍ଦ-ରରେ ରହନ୍ତୁ । ସମସ୍ତେ ଆସି ଆମ ଘରେ ରହିଲେ କଣ ହୁଅନ୍ତା ନାଇଁ ?"

ରମାନାଥ ଦୁଲେଇ କଥାରେ ଉତ୍ସାହିତ ହୋଇ କହିଲା—

—"ଇଏ ତ ଖୁବ୍ ଭଲ୍ କଥା । ଆମର ସମସ୍ତ ଅଫିସ କାମ ଏଥର ଦୁଲେଇ ଘରେ ହେବ—ସମସ୍ତେ ଚାଲ ଦୁଲେଇ ଘରକୁ ଯିବା......"

ଉପେନ୍ଦ୍ରର ମନକୁ କଥାଟା ବେଶ୍ ମାନିଲା । ସମିତିର କାଗଜପତ୍ର ଆଉ କୋଡ଼ି କୋଦାଳ ସବୁ ଦୁଲେଇ ଘରକୁ ବୁହା-ହେଲା । ବୃଦ୍ଧ ବ୍ରାହ୍ମଣ ଆଉ ରାଧା ମଧ୍ୟ ଆସି ସେଠାରେ ରହିଲେ ।

ରମାନାଥ ନିଜର ସ୍ଥାନଟି ଗୋଟିଏ କଣକୁ ବାଛି ନେଇ ବେଡ଼ିଂ-ପତ୍ର ବଚ୍ଛେଇ ରଖିଲା । ଯଥାମତ ଗୋଟିଏ ଅଫିସ ଘର ସେଠାରେ ଚାଲୁ ହୋଇଗଲା । ଗ୍ରାମର ଅଧିକାଂଶ ଯୁବକ ଆସି ସେଠାରେ ରୁଣ୍ଡ ହେଲେ । ସମସ୍ତେ ଏକାଠି ବସି ଗ୍ରାମ ସଂଗଠନ ଦିଗରେ କିପରି କାର୍ଯ୍ୟ ସୁବିଧାରେ ଆରମ୍ଭ କରାଯିବ—ବିଚାର କରିବାକୁ ଲାଗିଲେ ।

ଯେତେବେଳେ ଗ୍ରାମର ଉନ୍ନତି ବିଷୟରେ ସମସ୍ତେ ବସି ବିଚାର କରୁଥିଲେ—ଠିକ୍ ସେତିକି ବେଳେ ବାହାର ପଟରୁ ଡାକ ଶୁଭିଲା—

—"ଦୁଲି—ଲୋ ଦୁଲେଇ......ଅଲୋ ଘରେ ଅଛୁ ?"

ରମାନାଥ ଉଠି ଆସି କବାଟ ଖୋଲି ଦେଖେ ତ—ଜମି-ଦାରଙ୍କ ଗୁମାସ୍ତା ବଦ୍ରି ପାତ୍ରେ ହାତରେ ଖଣ୍ଡେ କାଗଜ ଧରି ଛିଡ଼ା ହୋଇଛନ୍ତି । ଜଣେ ଲୋକ ବେକରେ ଗୋଟିଏ ନାଗରା ଝୁଲାଇ ଦୁଇ ଖଣ୍ଡ ଗ୍ରେପ କାଠି ହାତରେ ଧରି ଗୁମାସ୍ତାଙ୍କ ପଛ ପଟରେ ଛିଡ଼ା ହୋଇଛି ।

ରମାନାଥ ଏ ସବୁ ଘଟଣା ଜାଣି ପାରିଥିଲେ ମଧ୍ୟ ତଥାପି କହିଲା—

—"କଥା କ'ଣ ? ଡାକୁଛନ୍ତି କାହିଁକି ?"

ରମାନାଥକୁ ଦେଖି ଜମିଦାରଙ୍କ ଗୁମାସ୍ତା ପ୍ରଥମେ ଟିକିଏ ଦବିଗଲେ—ପର ମୁହୂର୍ତ୍ତରେ ସାହସ କରି କହିଲେ—

—"ଜମିଦାର ବାବୁଙ୍କର ଆଦେଶରେ—ଦୁଲେଇ ଘର ଉପରେ କୋରଖ ଆସିଛି...... ।"

ରମାନାଥ ଆଶ୍ଚର୍ଯ୍ୟରେ ପଚାରିଲା—

—"କୋରଖ ? କୋରଖ କାହିଁକି ଆସିଛି ?"

ପାଣ୍ଡେ ଚେଟ୍ଟପ ଚୋଳ ଅଙ୍ଗ ଅଙ୍ଗ ହୋଇ କହିଲେ—

—"ଦୁଲେଇର ବାପ ମାଗୁଣି ଜେନା ଦୁଇ ଶହ ଟଙ୍କା କରଜ ଆଣିଥିଲା । ଏ ପର୍ଯ୍ୟନ୍ତ ସେ ଶୁଝା ହୋଇନାହିଁ । ମାଗୁଣି ତ ମର ଗଲାଣି—ସୁଧ ଅସଲ ମିଶି ତିନି ଶହ ହେବ...... ।"

କଥାବାର୍ତ୍ତା ମଝିରେ ଉପେନ୍ଦ୍ର ଓ ଦୁଲେଇ ଆସି ଠିଆ ହୋଇଗଲେ । ଗୁମାସ୍ତାଙ୍କୁ ଦେଖିବା ମାତ୍ରେ ଦୁଲେଇ ଭୟରେ କମ୍ପି ଉଠୁଥିଲା ।

ରମାନାଥ ଉପେନ୍ଦ୍ରଙ୍କୁ କହିଲା—

—"ଦୁଲେଇ ଘର ଉପରେ କୋରକା ଅସିଛୁ ଉପେନ୍ ?"

ଶୁଣିବା ମାତ୍ରେ ଦୁଲେଇ କାଠ ପାଲଟି ଗଲା । ରମାନାଥ ଗୁମାସ୍ତାଙ୍କୁ ଲକ୍ଷ୍ୟ କର କହିଲା—

—"କାହିଁ ? କାଗଜ ଖଣ୍ଡିକ ଦେଖି... ?"

ପାଣ୍ଡେ ଉକ୍ତ କାଗଜ ଖଣ୍ଡିକ ଦେଖାଇ କହିଲେ—

—"ଆଜ୍ଞା ! ସରକାରୀ ମାମଲତ ଇଏ...ଟଙ୍କା ଅସୁଲ ନ ହେଲେ କାଗଜ ଖଣ୍ଡିକ......"

ରମାନାଥ ଉକ୍ତ କାଗଜ ଖଣ୍ଡିକ ଗୁମାସ୍ତାଙ୍କ ହାତରୁ ଟାଣି ନେଇ କହିଲା—

—"ହଁ, କ'ଣ ହେଲା ? ତମ ହାତରୁ କାଗଜ ଖଣ୍ଡିକ ମୋ ହାତକୁ ଆସିଲା ବୋଲି ଏପରି କହୁଛ ତ ? ହେଇ ଦେଖ— —ତମର ଆଗରେ ସେ କାଗଜ ଖଣ୍ଡିକ ଚିକି ଚିକି କର ଛିଣ୍ଡେଇ ଦେଲି......"

ରମାନାଥ ସତକୁ ସତ କାଗଜ ଖଣ୍ଡିକ ଚିର ପକାଇଲା ।

ପାଣ୍ଡେ ଆଉ କିଛି କହିବାକୁ ସାହସ କଲେନି—ଖାଲି ରାଗରେ ଫୁଲିବାକୁ ଲାଗିଲେ ।

ରମାନାଥ ପୁଣି କହିଲା—

—"ଦେଖ ଗୁମାସ୍ତା ବାବୁ ! ଜମିଦାରୀ ସେରସ୍ତାରେ ବସି କାଗଜପତ୍ର ଲେଖିଲା ବେଳେ ଟିକିଏ ସାବଧାନରେ କଲମ ଚଳାଉଥିବ । ଏ ହେଲା ସ୍ୱାଧୀନ ଯୁଗ—କେତେବେଳେ ଯେ ତମର ଏଇ ପୈତୃକ ପ୍ରଦତ୍ତ ହାତ ଖଣ୍ଡିକ ଭାଙ୍ଗି ଚୂରମାର ହୋଇଯିବ, ସେ ପାଇଁ ସତର୍କ ରୁହ—ବୁଝିଲ ?"

—"ଆଜ୍ଞା ! ଆମେ କଣ କରିବୁ ? ଜମିଦାର ଘର ମାହାଲିଆ ଭଏ······ଆମେ ହେଲୁ ଗୁକରିଆ ମୁଣ୍ଡ······"

—"ଧେତ୍ ତେର ଜମିଦାର······ଆଗରେ ବାଟ ପଡ଼ିଛି—ସିଧା ଗୁଲ ଯା'—ଜମିଦାରଙ୍କୁ କହି ଦେବ-କାଗଜ ଖଣ୍ଡିକ ମୁଁ ଛିଣ୍ଡେଇ ପକେଇଛି ବୋଲି ।"

କହିବା ସଙ୍ଗେ ସଙ୍ଗେ ରମାନାଥ କବାଟଟି ଧଡ଼ାସ୍ କରି ବନ୍ଦ କରି ଦେଲା । ପାତ୍ରେ ଦାନ୍ତରେ ଦାନ୍ତ ରଗଡ଼ି ମନକୁ ମନ ବିଲବିଲେଇ ଜମିଦାରଙ୍କ ପାଖକୁ ଫେରିଗଲେ ।

କବାଟ ଫାଙ୍କରେ ରମାନାଥ ଓ ଉପେନ୍ଦ୍ର ଅନେଇ ଦେଖୁଥିଲେ । ହତାଶ ମନରେ ପାତ୍ରେ ଗୁଲି ଯାଉଥିବାର ଦେଖି ଦୁଇ ବନ୍ଧୁ ହୋ-ହୋ-ହେଇ ହସି ଉଠିଲେ । ଦୁଲେଇ ମଧ୍ୟ ସେମାନଙ୍କ ସାଙ୍ଗରେ ହସୁଥିଲା ।

ନଂ 01275
ତା... 17 JUL 1959

## —ପନ୍ଦର—

ରାଧାର ପ୍ରଗାଢ଼ ଯତ୍ନରେ ଆଜି ଗ୍ରାମର ଝିଅ ବୋହୂଏ ସୁନ୍ଦର ସୁନ୍ଦର ଅସିନୀ, କାଉଁଚ କଂଚଣା, ଗୁଙ୍ଗୁଡ଼ି, ସୁଏଟର ପ୍ରଭୃତି ବୁଣି ଶିଖିଲେଣି । ଖରାବେଳେ ସମସ୍ତେ ଆସି ଗୋଟିଏ ସ୍ଥାନରେ ଏକାଠି ହୁଅନ୍ତି । ରାଧା ସେମାନଙ୍କୁ ପାଠ ପଢ଼ାଏ । ଖବରକାଗଜ ପଢ଼ି ଦେଶ ବିଦେଶର ନାନା କଥା ଶୁଣାଏ । ସେମାନଙ୍କ ମଧ୍ୟରୁ ଅଧିକାଂଶ ପୁରାଣ, ଉପନ୍ୟାସ ଭଲ ଭାବେ ପଢ଼ି ପାରୁଛନ୍ତି । ଦୁଲେଇ ମଧ୍ୟ କେତେ କଥା ଶିକ୍ଷା କଲାଣି—ରାଧାର ପରିଶ୍ରମରେ ସୁନ୍ଦର ଭାବେ ଲେଖି ପଢ଼ି ପାରୁଛି । ସମସ୍ତଙ୍କ ଆଖିରେ—ରାଧା ଗୋଟିଏ ଦେବୀ ପ୍ରତିମା ପରି ପୂଜା ପାଉଛି ।—

ରାତିରେ ରାଧା-କୃଷ୍ଣ ମନ୍ଦିରର ଚୌପାଢ଼ିରେ ଗୋଟିଏ ନୈଶ ବିଦ୍ୟାଳୟ ବସେ । ଗ୍ରାମର ପ୍ରତ୍ୟେକ ଚାଷୀ, ମୂଲିଆ ଆସି ପଢ଼ନ୍ତି । ଉପେନ୍ଦ୍ର ଓ ରମାନାଥ ସେମାନଙ୍କୁ ପଢ଼ାଇବାରେ ବ୍ୟସ୍ତ ରହନ୍ତି ।

ଆଜି ସମସ୍ତଙ୍କ ମୁହଁରେ ବିଷାଦର ଛାୟା ଢାଙ୍କି ରହିଛି । ରାଧାର ଦେହ ଭଲ ନାହିଁ । ହଠାତ୍ ଲଗେ ଲଗେ ଦୁଇଟି ପୋଖ-ରାତରେ ସେ ହାଲିଆ ହୋଇ ବିଛଣାରେ ପଡ଼ି ଛଟପଟ ହେଉଛି ।

ରମାନାଥ ପାଖରେ ବସି ଘଣ୍ଟାକୁ ଘଣ୍ଟା ରୋଗୀର ନାଡ଼ି ପରୀକ୍ଷା କରି ଔଷଧ ପିଆଉଛନ୍ତି । ଉପେନ୍ଦ୍ର ଓ ଦୁଲେଇ ମନ ଦୁଃଖରେ ବସି ରମାନାଥଙ୍କୁ ସାହାଯ୍ୟ କରୁଛନ୍ତି ।

ରାତ ବାରଟା—ରାଧାର ରୋଗ କ୍ରମଶଃ ବଢ଼ି ଚାଲିଛି । ଯେତେ ଉପାୟ କଲେ ମଧ୍ୟ ପୋଖରୀ ବନ୍ଦ ହେଉନି । ରମାନାଥ ହତାଶ ହୋଇ ସାରିଲେଣି । ରାଧା ଜ୍ଞାନ ଶୂନ୍ୟ ଅବସ୍ଥାରେ ଶୋଇ ରହିଛି ।

କିଛି ସମୟ ପରେ ରାଧାର ଚେତା ଆସିଲା । ଉପେନ୍ଦ୍ରଙ୍କୁ ପାଖକୁ ଆସିବାକୁ ଇଙ୍ଗିତ କଲା । ଉପେନ୍ଦ୍ର ରାଧା ପାଖକୁ ଆସି କହିଲା—

—"ଦେହ କପରି ଅଛି ରାଧା ?"

ରାଧା କଥା କହି ପାରିଲାନି । ଓଠ ଦୁଇଟି ଥରି ଆସିଲା । ଲୁହ ଛଳ ଛଳ ଆଖିରେ ଉପେନ୍ଦ୍ରଙ୍କୁ ଅନାଇ ରହିଥାଏ ।

ଅତି କଷ୍ଟରେ ତକିଆ ତଳୁ ଗୁଚ୍ଛ ନେନ୍ଥାଟି ଆଣି ଉପେନ୍ଦ୍ର ହାତକୁ ବଢ଼ାଇ ଦେଇ କ୍ଷୀଣ ସ୍ୱରରେ କହିଲା—

—"ଟ୍ରଙ୍କ ଫିଟେଇ ଯାହା ପାଇବେ ମୋ ହାତରେ ଆଣି-ଦଅନ୍ତୁ......"

ଉପେନ୍ଦ୍ର ଟ୍ରଙ୍କଟି ଉଠେଇ ଆଣି ରାଧା ପାଖରେ ଖୋଲି ବସିଲା । ଟ୍ରଙ୍କ ଭିତରେ ଗୋଟିଏ ଛୋଟ ହାତ ବାକ୍ସଟିଏ ଥିଲା । ଉପେନ୍ଦ୍ର ହାତବାକ୍ସଟି ଫିଟେଇ ଦେଖିଲା—ତା ଭିତରେ ନଗଦ ହଜାରେ ଟଙ୍କା ଓ କିଛି ସୁନା ଗହଣା ଥୁଆ ହୋଇଛି ।

ରାଧା ସେ ସମସ୍ତ ହାତରେ ଧରି ଥରିଲା ଗଳାରେ ଉପେନ୍ଦ୍ରଙ୍କୁ କହିଲା—

—"ମୁଁ ଆଉ ବଞ୍ଚି ପାରିବି ନାହିଁ । ଆପଣଙ୍କର ଅନ୍ନଋଣ ଏ ଜୀବନରେ ଆଉ ପଳନ କରି ପାରିଲି ନାହିଁ । ଟଙ୍କା ଆଉ ସୁନା ଗହଣା ସବୁ ଆପଣଙ୍କ ଜିମାରେ ଦେଇଗଲି—ଏ ସମସ୍ତ ନାରୀ ମଙ୍ଗଳ କାର୍ଯ୍ୟରେ ଲଗେଇଲେ ମୁଁ ଶାନ୍ତି ପାଇବି ।"

ରାଧା ହାତରୁ ସମସ୍ତ ଟଙ୍କା ଓ ସୁନା ଗହଣା ଆଣିଲାବେଳେ ଉପେନ୍ଦ୍ରର ଆଖି ଛଳ ଛଳ ହୋଇ ଆସିଲା ।

ଦୁଲେଇ ବିଛଣା ପାଖରେ ବସି ଚାମଚରେ ମିଶିରି ପାଣି ରାଧା ପାଟିରେ ଦେଉଥିଲା । ରାଧା ଦୁଲେଇର ହାତଟିକୁ ନିଜ ହାତ ଭିତରେ ରଖି କହିଲା—

—"ତୋ ପରି ସୁନା ଭଉଣୀଟିଏ ପାଇଥିଲି । କିନ୍ତୁ ବିଧାତା ବେଶୀ ଦିନ ଆମ ଦୁଇ ଭଉଣୀଙ୍କୁ ଏକାଠି ରଖେଇ ଦେଇ ପାରିଲା ନାହିଁ ।

ତା' ପରେ ରାଧା ଆଉ କିଛି କହି ପାରିଲାନି । ହଠାତ୍ ଗୋଟିଏ ହିକ୍କା ଆସିଲା । ଆଖି ଉଠାଇ ଥରେ ସମସ୍ତଙ୍କୁ ଅନା-ଇଲା—ତା ପର—ତା ପର—ସବୁ ଶେଷ ! ! !

ସମସ୍ତେ କାନ୍ଦି ଉଠିଲେ । ସନ୍ନ୍ୟାସୀ ଆସି ସମସ୍ତଙ୍କୁ ସାନ୍ତ୍ୱନା ଦେଲେ । ଗ୍ରାମର ପ୍ରତ୍ୟେକ ନର ନାରୀ ଆସି ଏକାଠି ଠୁଳ ହେଲେ । ବିରାଟ ଶୋଭାଯାତ୍ରା ସହ ରାଧାର ମୃତ୍ୟୁ ଶବକୁ ଶ୍ମଶାନକୁ ନିଆଗଲା ।

କ୍ଷଣକ ମଧ୍ୟରେ ରକ୍ତ ମାଂସରେ ଗଢ଼ା ସୁନ୍ଦର ଶରୀରଟିଏ ଚିତାରେ ପୋଡି ପାଉଁଶ ହୋଇଗଲା—ରାଧାର ପବିତ୍ର ସ୍ମୃତି ଗ୍ରାମ ଲୋକଙ୍କ ହୃଦୟରେ—ରେଖାପାତ ହୋଇ ରହିଲା ଚିର ଦିନ ଲାଗି ।—

ରାଧା ଯେଉଁ ସମସ୍ତ ସୁନା ଗହଣା ଉପେନ୍ଦ୍ର ହାତରେ ଦେଇ ଯାଇଥିଲା ତାର ମୂଲ୍ୟ ଦେଡ଼ ହଜାର ଟଙ୍କା ହେବ। ସେହି ସମସ୍ତ ଟଙ୍କାରେ ନନ୍ଦପୁର ଗ୍ରାମରେ ଗୋଟିଏ "ରାଧାରାଣୀ ସେବା ସଦନ" ପ୍ରତିଷ୍ଠା କରା ଯାଇଛି। ଆଖ ପାଖ ଅଞ୍ଚଳରୁ ସ୍ତ୍ରୀ ଲୋକମାନେ ଆସି ଚିକିତ୍ସା ଦ୍ୱାରା ଭଲ ହୋଇ ଧନ୍ୟ ଧନ୍ୟ ପ୍ରଶଂସା କରୁଛନ୍ତି। ଝିଅର ସ୍ମୃତିପୀଠରେ ବସି ବୃଦ୍ଧବ୍ରାହ୍ମଣ ଆଜି ଜନତାଙ୍କ ସେବାରେ ନିଜକୁ ଉତ୍ସର୍ଗ କରି ଦେଇଛନ୍ତି। ରମାନାଥ ଠାରୁ ଉପଯୁକ୍ତ ଶିକ୍ଷା ପାଇ ଦୁଲେଇ ମଧ୍ୟ "ରାଧାରାଣୀ ସେବା ସଦନ"ର ସମସ୍ତ ଦାୟିତ୍ୱ ନିଜ ହାତକୁ ନେଇ ସୁନ୍ଦର ଭାବେ ଚଳାଉଛି।

ପାଣି ଗାଲଟି ହାତରେ ଧରି ଦୁଲେଇ ତରତର ହୋଇ ଘର ଭିତରକୁ ପଶି ଆସୁଥିଲା। ଦୁଆରବନ୍ଧ ପାଖେ ହଠାତ୍ ଧକ୍କା ବାଜିବାରୁ—"ବୋଉଲୋ ମରିଗଲି" ବୋଲି କହି—ଦୁଲେଇ କଚ୍ଚଡ଼ି ପଡ଼ିଲା। ପାଣି ଗାଲଟି ହାତରୁ ଖସି ପଡ଼ିଲା।

ମୁହଁ ବୁଲେଇ ଅନେଇ ଦେବା ସମୟରେ ଦେଖେ ତ— ଉପେନ୍ଦ୍ର ଠିଆ ହୋଇ ନିଜର ମୁଣ୍ଡଟି ଆଉଁସିବାରେ ଲାଗିଛି।

ଦୁଲେଇ ମୁହଁକୁ ଫୁଲେଇ ଅଭିମାନରେ କହିଲା—

—"ହୁଁ...ଆଜି କାଲି ଆଖିରେ କଣ ଅନ୍ଧ ପୁଟୁଳି ବନ୍ଧା ହେଲାଣି କି ଉପ ଭାଇ ?"

—"ନିଜେ ତ ଅନ୍ଧୁଣୀଙ୍କ ପରି ବାଟ ଚାଲୁଛୁ—ମତେ ପଚାରୁଛୁ କ'ଣ ? ......କେଉଁଠିକି ଦୌଡ଼ୁଥିଲୁ କି ?"

—"ଦେଖିଲ ଉପଭାଇ ! ମୋ ହାତକୁ କପରି ମାନୁଛି ?"

ବାସ୍ତବିକ ଦୁଲେଇ ହାତକୁ ବଟଫଳ ଯୋଡ଼ାକ ସୁନ୍ଦର ମାନୁଥିଲା।

ଉପେନ୍ଦ୍ର ପଚାରିଲା—

—"ଖୁବ୍ ସୁନ୍ଦର ଦିଶୁଛି ତ ? କଟକ ବଣିଆ ତିଆରି ଇଏ-କିଏ ଆଣିଥିଲା କି ?"

—"ସେଇ ଆଣିଛନ୍ତି" ······ରମାନାଥର ନାଆଁ ନିଜ ମୁହଁରେ କହିବାକୁ ଦୁଲେଇ ଲଜ୍ଜା କଲା ।

—"କିଏ ? ଓଃ···ରମାନାଥ ଆଣିଛି ?"

—"ହଁ······"

ଏଇ ଛୋଟିଆ 'ହଁ'ଟି କହିବା ମାତ୍ରେ ଦୁଲେଇର ମୁହଁଟି ଜବାଫୁଲ ପରି ନାଲି ପଡ଼ିଗଲା । ଉପେନ୍ଦ୍ର ଏ ସବୁ ଭଲ ଭାବେ ଲକ୍ଷ୍ୟ କରି ପାରୁଥିଲେ ସୁଦ୍ଧା କିଛି କହି ପାରିଲାନି—ହୃଦୟରେ ପାଇଲା ସେ ଆଘାତ । ମୁଣ୍ଡ ଭିତରଟା ତାର ଗୋଳମାଳ ହୋଇଗଲା । ଏ କଥାକୁ ଦୁଲେଇ ଜାଣି ପାରିଲାନି । ମନର ବେଦନାକୁ ଗୋପନ ରଖି ଉପେନ୍ଦ୍ର ସେଠାରୁ ଚାଲିଗଲା—ଦୁଲେଇକୁ ଆଉ କିଛି କହିଲାନି ।

ଉପେନ୍ଦ୍ର ଦୁଲେଇକୁ ଆଉ କିଛି ନ କହି ମୁହଁଟିକୁ ଶୁଖେଇ ଚାଲି ଯାଉଛି—ଦୁଲେଇ ଆଶ୍ଚର୍ଯ୍ୟ ହେଲା । ଉପେନ୍ଦ୍ରର ଯିବା ବାଟକୁ କରୁଣ ନୟନରେ ଚାହିଁ ରହିଲା ସେ । —

ଆର ଘରୁ ରମାନାଥ ଡାକିଲା—

—"ନୋଠାଏ ପାଣି ଆଣିବା ପାଇଁ କେତେ ସମୟ ଯିବକି ଦୁଲି ?"

ଦୁଲେଇର ଚମକ ଭାଙ୍ଗିଲା । ନୋଠାଏ ପାଣି ନେଇ ରମାନାଥକୁ ଦେଲା । ରମାନାଥ ପାଣି ପିଇବାକୁ ଲାଗିଲା । ଦୁଲେଇ ରମାନାଥ ପାଖରେ ବସି "ଓଢ଼ଣା ତଳେ" ଉପନ୍ୟାସ ଖଣ୍ଡିକ ପଢିବାରେ ତନ୍ମୟ ରହିଲା ।

× × × ×

ଜମିଦାର ହର ସଆନ୍ତରାଏ ଗମ୍ଭୀର ଚିନ୍ତାରେ ବସିଛନ୍ତି । ଗ୍ରାମର ଲୋକମାନଙ୍କ ଉପରେ ତାଙ୍କର ପ୍ରଭାବ ଆଉ କାହିଁ କରୁନି । ସମସ୍ତ ପ୍ରକାରର ଷଡ଼ଯନ୍ତ୍ର ଆଜି ତାଙ୍କର ବିଫଳ ହୋଇଛି । ନ୍ୟାୟ ନିଶାପରେ କେହି ଗୁହାରିଆ ବି ତାଙ୍କ ରଜପାଚ୍ଛୀ ଦୁଆର ମାଡୁନି । ଉପେନ୍ଦ୍ରର ଗ୍ରାମ ସଂଗଠନ କାର୍ଯ୍ୟରେ ପ୍ରତ୍ୟେକ ଲୋକ ଉତ୍ସାହର ସହିତ ସହଯୋଗ କରୁଛନ୍ତି । ସମସ୍ତଙ୍କ ମୁହଁରେ ଉପେନ୍ଦ୍ରର ପ୍ରଶଂସା ଶୁଣିବାକୁ ମିଳୁଛି । ଏହି ସମସ୍ତ ବିଷୟ ଚିନ୍ତା କରି ସାଆନ୍ତରାଏଙ୍କୁ ରାତିରେ ଭଲ ନିଦ ବି ହେଉନି । ସେ ଶାନ୍ତିରେ ଦି'ଟା ଭୋଜନ କରି ପାରୁନାହାନ୍ତି—ଚିନ୍ତାରେ ତାଙ୍କ ଶରୀର କ୍ଷୀଣ ହେଲାଣି ।

ଆଜି ଗ୍ରାମର ଶ୍ରୀ ଫେରି ଆସିଛି । ଯୁବକ ଯୁବତୀଙ୍କ ପ୍ରାଣରେ ଆସିଛି ସ୍ୱାଧୀନ ଯୁଗର ନବଚେତନା—ଗ୍ରାମର ଉନ୍ନତି ପାଇଁ ସମସ୍ତେ ଦଳ ବାନ୍ଧି ମାଡି ଚାଲିଛନ୍ତି ଆଗକୁ । ଏଇ ସମସ୍ତ ଘଟଣା ଅନୁଭବ କରି ସାଆନ୍ତରାଙ୍କର ଧୀରେ ଧୀରେ ପରିବର୍ତ୍ତନ ଆସିଲାଣି । କିପରି ସେ ଗ୍ରାମର ଲୋକମାନଙ୍କର ସାଙ୍ଗରେ ମିଶି ଜଣେ ହୋଇ ବାଟ ଚାଲିବେ—ଏହି ଚିନ୍ତାରେ ବିବ୍ରତ ହୋଇ ପଡିଛନ୍ତି । ଉପେନ୍ଦ୍ର ଆଉ ତାର ବନ୍ଧୁ ରମାନାଥ ସହିତ କିପରି ମିଳାମିଶା ହେବ— ଏଇ ସୁଯୋଗକୁ ସେ ଅପେକ୍ଷା କରି ବସିଛନ୍ତି—

କିଛି ସମୟ ମନକୁ ମନ କଣ ଚିନ୍ତା କରି ଡାକିଲେ—

—"ବଶିଆ……ରେ ବଶିଆ……"

—"ଆଜ୍ଞା !……"

ବଶିଆ ଆସି ଜମିଦାରଙ୍କ ପାଖରେ ଠିଆ ହେଲା । ସାଆନ୍ତରାଏ ବଶିଆକୁ ଲକ୍ଷ୍ୟ କରି କହିଲେ—

—"ଶୀଘ୍ର ଯାଇ ଉପେନ୍ଦ୍ର ଆଉ ତାର ବନ୍ଧୁମାନଙ୍କୁ ଡାକି ଆଣେ—କହିବୁ ମୁଁ ଡାକୁଛି ବୋଲି......"

ବଣିଆ ଚାଲିଗଲା। ସାଆନ୍ତରାଏ ନିଜର ଚୌପାଢ଼ୀରେ ଟହଲିବାକୁ ଲାଗିଲେ।

କିଛି ସମୟ ପରେ ଉପେନ୍ଦ୍ର ଓ ତାର ସାଙ୍ଗମାନେ ଆସି ପହଞ୍ଚିଲେ। ସାଆନ୍ତରାଏ ସମସ୍ତଙ୍କୁ ଅଭ୍ୟର୍ଥନା ଜଣାଇ ବୈଠକଖାନାରେ ବସିବାକୁ ଅନୁରୋଧ କଲେ। ସମସ୍ତେ ଆଶ୍ଚର୍ଯ୍ୟ ଭାବେ ଜମିଦାରଙ୍କ ମୁହଁକୁ ଅନାଇ ବସି ରହିଲେ।

କିଛି ସମୟ ନୀରବରେ କଟିଲା।

ନୀରବତାକୁ ଭଙ୍ଗ କରି ସାଆନ୍ତରାଏ କହିଲେ—

—"ପ୍ରଥମେ ତମକୁ ଚିହ୍ନି ନ ପାରି—ମହା ଭୁଲ କରିଛି ଉପେନ୍ଦ୍ର! ଗ୍ରାମର ଗୃଷୀ-ମୂଲିଆଙ୍କ ମଙ୍ଗଳ ପାଇଁ ତମେ ତମର ଜୀବନକୁ ତୁଚ୍ଛ ମନେ କରି ଏ ଯେଉଁ ସଂଗ୍ରାମ ଚଳାଇଛ—ସେ ପାଇଁ ମୁଁ ତମକୁ ସ୍ୱାଗତ ଜଣାଉଛି।"

ଜମିଦାରଙ୍କ ମୁହଁରୁ ଏପରି କଥା ଶୁଣି ଉପେନ୍ଦ୍ର କିଛି କହି ପାରିଲାନି। ତାଙ୍କର ହଠାତ୍ ଏପରି ପରିବର୍ତ୍ତନରେ ଉପେନ୍ଦ୍ରର ସାଥୀମାନେ ଆଶ୍ଚର୍ଯ୍ୟ ହୋଇଗଲେ।

ଉପେନ୍ଦ୍ର ନମ୍ରତାର ସହିତ କହିଲା—

—"ଏ କଅଣ କହୁଛନ୍ତି ଆଜ୍ଞା! ଆପଣ ପିତା ସମାନ—ମୁଁ ହେଲି ଆପଣଙ୍କର ପୁଅ......"

ଉପେନ୍ଦ୍ରକୁ ଅଧିକା କହିବାକୁ ନ ଦେଇ ପୁଣି ସାଆନ୍ତରାଏ କହିଲେ—

—"ତଥାପି ମୋର କୃତକର୍ମର ପ୍ରାୟଶ୍ଚିତ୍ତ ପାଇଁ ମତେ କ୍ଷମା ଦେବାକୁ ହେବ ଉପେନ୍ଦ୍ର! ଦୁଲେଇକୁ ଅନେକ କଷ୍ଟ

ଦେଇଛି—ତା'ର ସହାଚେଶ ବହୁ ଷଡ଼ଯନ୍ତ୍ର କରୁଛି । ଗ୍ରାମର ନିସ୍ୱହ ଲୋକମାନଙ୍କୁ ଠକି ସେମାନଙ୍କର ସମ୍ପତ୍ତି ଲୁଟ କରୁଛି । ଆଜି ତମେହିଁ ମୋର ଆଖି ଖୋଲି ଦେଲ—ବର୍ତ୍ତମାନ ଭଲଭାବେ ଜାଣି ପାରୁଛି—ଏ ହେଉଛି ଗୃଷୀ ମୂଲିଆର ଦେଶ—ଏଠାରେ ବଡ଼ ସାନର ଭେଦ ରହିବା ଠିକ୍ ନୁହେଁ । ଆଜିଠୁ ସମସ୍ତେ ସମାନ ଭାବେ ବାଟ ଚାଲି ଶିଖିବା ।" —

ଜମିଦାରଙ୍କ ମୁହଁରୁ ଏଇ ସମସ୍ତ କଥା ଶୁଣି ଉପେନ୍ଦ୍ର ଖୁବ୍ ଆଶ୍ଚର୍ଯ୍ୟ ହେଲା । ପାଟିରୁ ତାର କଥା ପଦିଟିଏ ଲାଗିଲା ନାହିଁ । ଆନନ୍ଦରେ ଦୁଇ ଆଖିରୁ ତାର ଲୁହ ଗଡ଼ିଲା । ସଂଘର ଅନ୍ୟାନ୍ୟ ସଦସ୍ୟମାନେ ଆନନ୍ଦରେ ଚିତ୍କାର କରି ଉଠିଲେ—

—"ଜମିଦାର ହରିସାଆନ୍ତର—ଜିନ୍ଦାବାଦ"

—"ଗୃଷୀ ମୂଲିଆ—ଏକ୍ ହୋ"

ସମସ୍ତଙ୍କ ସାଙ୍ଗରେ ସ୍ୱର ମିଳାଇ ସାଆନ୍ତେ ବି କହିବାକୁ ଲାଗିଲେ—

—"ଗୃଷୀ ମୂଲିଆ ଏକ୍ ହୋ"

ଯେଉଁ ଗ୍ରାମର ବୁଢାଠାରୁ ଛୁଆ ପର୍ଯ୍ୟନ୍ତ ଜମିଦାରଙ୍କୁ ଦେଖିବା ମାତ୍ରେ ଭୟରେ ଥରି ଉଠୁଥିଲେ—ଆଜି ସେଇମାନେ ଜମିଦାରଙ୍କୁ ଦେଖି ଭକ୍ତିରେ ମୁଣ୍ଡ ନୁଆଇଁ ଅଛନ୍ତି ।

କାହିଁକି ?

ଜମିଦାର ହରି ସାଆନ୍ତଙ୍କର ପୈଶାଚିକ ନୀତି ଉଭେଇ ଯାଇଛି—ତାଙ୍କ ପ୍ରାଣରେ ଆଜି ଦେବତ୍ୱ ମହିମାର ବିକାଶ ଆସିଛି ।

ଦିନେ ଗ୍ରାମରେ ଗୋଟିଏ ବଡ଼ ସଭା ଡକାଗଲା । ସେହି ସଭାରେ ସାଆନ୍ତ ବି ଏ ସଭାପତିର ଆସନରେ ଆସୀନ ହେଲେ ।

ଗ୍ରାମର ଗୃହୀ-ମୂଲିଆମାନେ ଜମିଦାରଙ୍କ ବେକରେ ଫୁଲମାଳ ପିନ୍ଧାଇ ଆନନ୍ଦ ମନରେ ସ୍ୱାଗତ ସଂଗୀତ ଗାଇ ନାଚ ଉଠିଲେ ।

ଉକ୍ତ ସଭାରେ ଠିକ୍ ହେଲା—

ଗ୍ରାମର ଯାବତୀୟ ଭଲ ମନ୍ଦ କଥା ବିଗ୍ଭର ପାଇଁ ଗୋଟିଏ କାର୍ଯ୍ୟକାରୀ ସମିତି ରହିବ । ଏହି ସମିତି ଗ୍ରାମର ଉନ୍ନତି ଦିଗରେ ଯେତେବେଳେ ଯେଉଁ ନିର୍ଦ୍ଦେଶ ଦେବ—ତାହା ଗ୍ରାମବାସୀମାନେ ପାଳନ କରିବାକୁ ବାଧ୍ୟ ରହିବେ । ଏହି ସମିତିରେ ଜମିଦାର ବାବୁ ନିଜେ ସ୍ଥାୟୀ ସଭାପତି ରୂପେ ନିର୍ବାଚିତ ହେଲେ ।

ରମାନାଥ ଉତ୍ସାହର ସହିତ ସମସ୍ତ କାର୍ଯ୍ୟ ଶେଷ କରି ସାରି ଦିନେ ସାଆନ୍ତଙ୍କୁ କହିଲା—

—"ଏଥର ମତେ ବିଦାୟ ଦିଅନ୍ତୁ ! ଥରେ ଗ୍ରାମ ଆଡ଼େ ବୁଲି ଆସେଁ । ଅନେକ ଦିନ ଏଠି ରହି ଗଲିଣି—ଗ୍ରାମକୁ ଯିବାକୁ ଇଚ୍ଛା ହେଉଛି ।"

ସାଆନ୍ତେ ଆଶ୍ଚର୍ଯ୍ୟରେ କହିଲେ—

—"ସେ କିପରି କଥା ରମାନାଥ ? ଏ ବେଳରେ ତୁମେ ଯଦି ଗ୍ଭଲିଯାଅ—ଉପେନ୍ଦ୍ର ଏକା ଏ ସବୁ ତୁଲାଇ ପାରିବ ନାହିଁ । ମୋର ଅନୁରୋଧ—ଆଉ କିଛିଦିନ ରହି ଆମ୍ଭମାନଙ୍କୁ ସାହାଯ୍ୟ କର ।"

ରମାନାଥ ଆଉ କିଛି କହି ପାରିଲା ନି । ସ୍ନେହ ଆଉ ମମତା ନିକଟରେ ତାର ସମସ୍ତ ବୁଦ୍ଧି ହାର ମାନିଗଲା ।

## —ଷୋହଳ—

ଆକାଶରେ ପୂର୍ଣ୍ଣ ଚନ୍ଦ୍ର ହସି ଉଠିଲା । ଗ୍ରାମର ଉନ୍ନତି ଦେଖି ପ୍ରତ୍ୟେକେ ଆଜି ଆନନ୍ଦରେ ହସି ଉଠୁଛନ୍ତି । ସମସ୍ତେ ନିଜ ନିଜର କାର୍ଯ୍ୟରେ ବ୍ୟସ୍ତ । ଜମିଦାର ହରସାଅନ୍ତରାଏ ପ୍ରତ୍ୟେକଙ୍କ ଘରକୁ ଯାଇ ସେମାନଙ୍କର ଭଲ ମନ୍ଦ ଖବର ବୁଝି ନିଜେ ବ୍ୟବସ୍ଥା କରି ଦେଉଛନ୍ତି । ଆଖପାଖ ଅଞ୍ଚଳ ମାନଙ୍କରେ ତାଙ୍କର ଧନ୍ୟ ଧନ୍ୟ ପ୍ରଶଂସା ରଟିବାକୁ ଲାଗିଲା ।

ସାଅନ୍ତରାଏ ଦିନେ କରୁଣି ପଧାନଙ୍କୁ ପାଖକୁ ଡାକି କହିଲେ—

—"ଗୋଟିଏ କଥା କହିବି କହିବି ଭାବି କହି ପାରୁ ନାହିଁ—ଯଦି ଅନୁମତି ଦେବେ କହିବି ?"

କରୁଣି ପଧାନେ ନାଶ ଡାମୀରୁ ଟିପେ ନାଶ ବାହାର କରି ନାକ ପୁଡ଼ାରେ ଭର୍ତ୍ତି କରୁ କରୁ କହିଲେ—

—"କଅଣ କହିବେ କହୁ ନାହାନ୍ତି ? ମୁଁ କଣ ଆପଣଙ୍କ କଥାରେ କେବେ ଅମତ ହୋଇଛୁ ?"

—"ମୁଁ କଣ କହୁଥିଲି କି—ଉପେନ୍ଦ୍ର ତ ଦୁଲେଇଙ୍କୁ ପିଲଟି ଦିନୁ ଭଲ ପାଏ । ଏ ଦୁଇ ଜଣଙ୍କୁ ଯଦି ବିବାହ ବନ୍ଧନରେ ବାନ୍ଧି ଦିଆଯାଏ—କେମିତି ହୁଅନ୍ତା ?"

ପଧାନେ କିଛି ନ କହି ମନକୁ ମନ କଣ ଚିନ୍ତା କରିବାକୁ ଲାଗିଲେ ।

ସାଆନ୍ତରାଏ ପଧାନଙ୍କର ନୀରବତା ଭାଙ୍ଗି କହିଲେ—

—"ବୁଝିଲ ପଧାନେ ! ଭାବିବାର ଆଉ କଣ ଅଛି ? ସ୍ୱାଧୀନ ଯୁଗରେ ଜାତିଭେଦ ପ୍ରଥା ରହିବା ଠିକ୍ ନୁହେଁ ।"......

—ଆପଣଙ୍କ ମନକୁ ଯେପରି ଆସୁଛି କରନ୍ତୁ—ମୋର କିଛି ଆପତ୍ତି ନାହିଁ " —

ସାଆନ୍ତରାଙ୍କର ଆନନ୍ଦର ସୀମା ରହିଲାନି । କହୁଣି ପଧାନଙ୍କୁ ଧରି ତାଙ୍କ ଛାତି ସାଙ୍ଗରେ ନିଜ ଛାତିକୁ ମିଳାଇ ଦେଲେ । ଆନନ୍ଦରେ ଆତ୍ମ ବିଭୋର ହୋଇ ଉଭୟଙ୍କ ଆଖିରୁ ଲୋତକ ବିନ୍ଦୁ ଝରି ପଡୁଥିଲା । ଦୁହେଁ ଦୁହିଁଙ୍କୁ ଅନାଇ ରହିଲେ । ରାଧା କୃଷ୍ଣଙ୍କ ମନ୍ଦିରରୁ ସନ୍ଧ୍ୟା ଆରତି ଘଣ୍ଟା ବାଜି ଉଠିଲା । ଦୁଇ ଜଣଯାକ ହାତ ଯୋଡ଼ି ଠାକୁରଙ୍କ ଉଦ୍ଦେଶ୍ୟରେ ନମସ୍କାର ଜଣାଇଲେ ।

ପରଦିନ ସକାଳୁ ଦୁଲେଇକୁ ସାଙ୍ଗରେ ଧରି ଗୁମାସ୍ତା ବିଧୁ ପାତ୍ରେ ଆସି ପହୁଞ୍ଚିଗଲେ ।

ସାଆନ୍ତରାଏ ଦୁଲେଇକୁ ଦେଖିବା ମାତ୍ରେ କହିଲେ—

—"ଆ...ମା'...ଏଇଠି ବସି ଯା'—ତୋ ସାଙ୍ଗରେ କଥା ଅଛି"—

ଦୁଲେଇ ବସି ପଡ଼ିଲା । ସାଆନ୍ତରାଏ କହିବାକୁ ଲାଗିଲେ—

—"ତୁ ଜାଣୁ ମା'—ମୋର କେହି ନାହିଁ—ଏତେ ଗୁଡ଼ାଏ ସମ୍ପତ୍ତି ଭୋଗ କରିବ କିଏ ? ଆସି ବୁଢ଼ା ହେଲି, କେତେ କାଳ ଅଉ ବା ମୁଁ ବଞ୍ଚିବି ? ଆଜି ଠାରୁ ତୁ ମୋର ଝିଅ ହେଲୁ—ତୋର ସମସ୍ତ ଦାୟିତ୍ୱ ମୁଁ ବହନ କଲି । —

ହୁଲେଇ କିଛି କହି ପାରିଲାନି—ଆନନ୍ଦରେ ଅନ୍ତର ତାର କୁହୁଳି ଉଠିଲା । ଉଠି ପଡ଼ି ସାଆନ୍ତାଣୀଙ୍କ ଗୋଡ଼ରୁ ଧୂଳି ନେଇ ମୁଣ୍ଡରେ ମାଇଲା ସେ ।

ସାଆନ୍ତାଣୀଏ ସ୍ନେହରେ ହୁଲେଇକୁ ନିଜ କୋଳକୁ ଟାଣି ଆଣି କହିଲେ—

—"ହଁ, ଉପେନ୍ଦ୍ର ସାଙ୍ଗରେ ତୋର ବିବାହ ମୁଁ ସ୍ଥିର କରି ସାରିଛି......"

—"ଯେପରି ଇଚ୍ଛା କରିବ.....ମୁଁ କଅଣ ଜାଣେ ?"

ହୁଲେଇ କଥା ଶେଷ ନ କରି ଘର ଭିତରକୁ ପଳାଇ ଗଲା । ସାଆନ୍ତାଣୀଏ ତାର ଯିବା ବାଟକୁ ଅନାଇ ହସି ହସି କହିଲେ—

—"ପାଗିଳୀ ମା'କୁ ମୋର ଲଜ୍ଜା ହେଲା.....ସେଇଥି ପାଇଁ ଘର ଭିତରକୁ ପଳେଇ ଯାଉଛି......"

ସାଆନ୍ତାଣୀଏ ଗୁମାସ୍ତା ବିଦୁ ପାଢ଼ୀକୁ ପାଖରେ ବସେଇ ବିବାହ ନିମିତ୍ତ ଜିନିଷପତ୍ର ଆୟୋଜନର ଗୋଟିଏ ଚିଠା ପ୍ରସ୍ତୁତ କରିବାରେ ବ୍ୟସ୍ତ ରହିଲେ ।

—ସତର—

ଆଜି ବିବାହ। ଜମିଦାରଙ୍କ ଝିଅର—ଲୋକ ଗହଳରେ ପୂର୍ଣ୍ଣ ରହିଛି। ଗ୍ରାମର ପ୍ରତ୍ୟେକ ସ୍ତ୍ରୀ-ପୁରୁଷ ବିବାହ ଆୟୋଜନରେ ବ୍ୟସ୍ତ। ରାତିକି ବର ଆସିବ। ଠାକୁରାଣୀ ପଡ଼ିଆ ପାଖରୁ ରୋଷଣି ଆରମ୍ଭ ହେବ। କଟକରୁ ଗୋଟା ପଲଟଣ ବାଜା ବଜେଇବା ପାଇଁ ଭଡ଼ାରେ ଅଣା ଯାଇଛି—କେତେ କିସମର ବାଣ ଫୁଟିବ। ଚିନା ଫୁଲ ମାଳରେ ସାଆନ୍ତଙ୍କ ଝିଅର ହସି ଉଠୁଛି। ଦୁଲେଇ ହଳଦିଆ ଲୁଗାଟିଏ ପିନ୍ଧି କନ୍ୟା ବେଶରେ ବସିଛି।

ରାତି ଦଶଟା ବେଳକୁ ଠାକୁରାଣୀ ପଡ଼ିଆରେ ବାଜା କମ୍ପି ଉଠିଲା। ଶବଦ ପାଇ ଗ୍ରାମର ଲୋକମାନେ ବର ଦେଖିବା ପାଇଁ ଦୌଡ଼ିଲେ। ସାଆନ୍ତେ ମଧ୍ୟ ଲୋକ ଗହଳି ଆଡ଼େ ପାଦ ପକାଇ ଆଗକୁ ଚାଲୁଥାଆନ୍ତି।

ଆଗରେ କଦମ୍ବ ଗଛ ବାଣ ଫୁଟୁଥାଏ—ତା' ପଛକୁ ଗୋଟା ପଲଟଣ ବାଜା ବଜେଇ ଧାଡ଼ି ଧାଡ଼ି ହୋଇ ଚାଲିଛନ୍ତି। ନାଲି ନେଳୀ ଆଲୁଅରେ ଶୋଭାଯାତ୍ରାଟି ଖୁବ୍ ସୁନ୍ଦର ଦେଖା ଯାଉଛି। ଫୁଲ ରଥଟିକୁ ଦୁଇଟି ସୁନ୍ଦର ଘୋଡ଼ା ଟାଣୁଥିଲେ। ରଥ ଉପରେ

ପାଟ ଯୋଡ଼ ପିନ୍ଧି କରି ବସିଥାଏ । ଶଙ୍ଖ ହୁଳହୁଳିରେ ଗାଁ ଦାଣ୍ଡ କମ୍ପିଉଠିଲା ।—

ଫୁଲ ରଥ ଉପରେ ବର ବସିଛି । ସାଆନ୍ତରାଏ ଅପଲକ ଦୃଷ୍ଟିରେ ଅନାଇ ରହିଲେ—

—"ଏଏ କଣ ? ଉପେନ୍ଦ୍ର ତ ରଥ କଡ଼େ କଡ଼େ ବୁଲୁଛି । ଫୁଲ ରଥ ଉପରେ ବର ବେଶରେ ବସିଲା କିଏ ?

ସାଆନ୍ତରାଏ ଦୌଡ଼ି ଆସି କରୁଣି ପଧାନଙ୍କୁ ପଚାରିଲେ—

—"ଏଏ ପୁଣି କିପରି କଥା ପଧାନେ ? ଫୁଲ ରଥରେ କିଏ ବସିଛି ?"

ପଧାନେ ହସି ହସି କହିଲେ—

—"ମୁଁ ଅଉ କଣ କରନ୍ତି ଆଜ୍ଞା ! ଉପେନ୍ଦ୍ରର ଇଚ୍ଛାରେ ଯାହା ହେବାର କଥା ସେଇୟା ହେବ—ରମାନାଥ ବର ବେଶରେ ଆସିଛି......"

—"ନା—ନା—ଏହା ମୁଁ କରେଇ ଦେବି ନାହିଁ । ଦୁଲେଇ ଉପେନ୍ଦ୍ରକୁ ପ୍ରାଣଠୁ ବଳି ଭଲ ପାଏ । ରମାନାଥ ସାଙ୍ଗରେ ଦୁଲେଇର ବିବାହ ହେଲେ—ଉପେନ୍ଦ୍ର କଣ ସୁଖୀ ହୋଇ ପାରିବ ?"

ବ୍ୟଥିତ ଗଳାରେ ସାଆନ୍ତରାଏ କହିଲେ ।

ପଧାନେ କିଛି କହି ପାରିଲେନି । ଶୁଷ୍କ ହାସ୍ୟ ଅଧର କୋଣରେ ଫୁଟାଇ ଉପେନ୍ଦ୍ର ଆସି ସାଆନ୍ତଙ୍କ ଆଗରେ ଠିଆ ହୋଇଗଲା ।

ସାଆନ୍ତରାଏ ଉପେନ୍ଦ୍ରକୁ ନିଜ ସମ୍ମୁଖରେ ଦେଖି କହିଲେ—

—"ଏଏ କଣ କଲୁ ଉପେନ୍ଦ୍ର ? ବିବାହଟାକୁ ତମେ କଣ ଖେଳ ଘର ବୋଲି ମନେ କରିଛ ?

—"ଖେଳ ଘର ନୁହେଁ ଅଞ୍ଜୁ ! ରମାନାଥହିଁ ଦୁଲେଇର ଉପଯୁକ୍ତ ସ୍ୱାମୀ !" ......

—"ଆଉ ତମେ ? ତମେ କଣ ସାରା ଜୀବନ ବାଉଁଅ ରହିବ ?"

ସାଆନ୍ତଙ୍କ ସ୍ୱରରେ ତୀବ୍ରତା ଥିଲା ପରି ମନେ ହେଲା ।

—"ରହିଲେ ବା କ୍ଷତି କ'ଣ ? —ରମାନାଥ ଆଉ ଦୁଲେଇର ବିବାହ ଆଗ ଶେଷ ହୋଇଯାଉ......ଦି' ଜଣଙ୍କର ଯୋଡି ଏକା ଠିକ୍ ମିଳି ଯାଇଛି......"

କହୁଁ କହୁଁ ଉପେନ୍ଦ୍ରର ଗଳା ଥରି ଆସିଲା ।

—"ଏ ବିବାହରେ ଦୁଲେଇ ରାଜି ହେବ ତ ?"

ସାଆନ୍ତେ ଉପେନ୍ଦ୍ରକୁ ଲକ୍ଷ୍ୟ କରି କହିଲେ ।

ଉପେନ୍ଦ୍ର ସାଆନ୍ତଙ୍କ କଥାରେ ଉତ୍ତର ଦେଇ କହିଲା—

—"ଦୁଲିକୁ ମୁଁ ଯେପରି ଭିତର ଜାଣିଛି—ତମଠୁ ଅଧିକା କେହି ତାକୁ ସେପରି ଜାଣି ନ ଥିବେ । ତାର ଅଙ୍ଗ ପ୍ରତ୍ୟଙ୍ଗରେ କଣ ଅଛି ନ ଅଛି ମୋତେ ସବୁ ଜଣା......ମୁଁ ଯାହା କରିବି ସେଥିରେ ତାର ମଙ୍ଗଳ ହେବ । ପିଲାଟି ଦିନୁ ସେ ମୋତେ ଭାଇ ବୋଲି ଡାକି ଆସିଛି—ଭଉଣୀ ପ୍ରାଣରେ ଅଶାନ୍ତି ଦେଲେ ମୁଁ କ'ଣ ଶାନ୍ତି ପାଇ ପାରିବି ?"

ଉପେନ୍ଦ୍ରର କଥା ଶୁଣି ସାଆନ୍ତେ କହିଲେ—

—"ମୁଁ ଏ କଥାକୁ ଭଲ ଭାବେ ଜାଣି ପାରୁଛି ଉପେନ୍ଦ୍ର ! ରମାନାଥ ସହିତ ଦୁଲେଇର ବିବାହ ହେଲେ—ଏଥିରେ ତମର ମହତ୍ ହୃଦୟର ପରିଚୟ ମିଳିବ । କିନ୍ତୁ ଅନ୍ତର ଭିତରେ ଯେଉଁ ବିଚ୍ଛେଦ-ବେଦନା କୁହୁଳି ଉଠିବ ତାକୁ ନିଭେଇବ କିଏ ?"

ଉପେନ୍ଦ୍ର ଗମ୍ଭୀର ହୋଇ କହିଲା—

—"ଜଣେ ଦେଶ ସେବକ ଯୁବକ ପକ୍ଷରେ ଏ ସାମାନ୍ୟ ତ୍ୟାଗ କିଛି ନୁହେଁ ଜମିଦାର ବାବୁ ! ......ଆପଣ ବର ସାଙ୍ଗରେ ଶୋଭାଯାତ୍ରାରେ ଆସନ୍ତୁ, ମୁଁ ଯାଉଛି ଦୁଲେଇକୁ ଦେଖା କରିବି......"

ଉପେନ୍ଦ୍ର ଦୁଲେଇକୁ ଦେଖିବା ପାଇଁ ଜମିଦାରଙ୍କ ଉଆସ ଭିତରକୁ ପଶିଗଲା ।

କନ୍ୟା ବେଶରେ ଦୁଲେଇ ଆଜି ଗୋଟିଏ ଗୋଲାପ ଫୁଲ ପରି ହସି ଉଠୁଛି । ସୁନା ଅଳଙ୍କାରରେ ମଣ୍ଡି ହୋଇ ଗୋଟିଏ ହଳଦିଆ ଲୁଗା ପିନ୍ଧିଛି ସେ—କିନ୍ତୁ ମୁହଁଟି ଝାଉଁଳି ପଡ଼ିଛି ତାର—ପିପାସିତ ଆଖି ଦୁଇଟି, ଥରେ ରମାନାଥକୁ ଦେଖିବା ପାଇଁ ଇଚ୍ଛା କରୁଛି ।—

ଦୁଲେଇ ରମାନାଥକୁ ଚାହେଁ, କାରଣ ସେ ତାକୁ ଭଲ ପାଏ । ......

ଉପେନ୍ଦ୍ର ସାଙ୍ଗରେ ତାର ଆଜି ବିବାହ ହେବ—ସେଇଥି ପାଇଁ ସେ ରମାନାଥ ଠାରୁ ନେବ ଶେଷ ବିଦାୟ । ହଠାତ୍ ବାହାର ପଟୁ ଡାକ ଶୁଭିଲା—

—"ଦୁଲି !"

ଦୁଲେଇ ମୁହଁ ବୁଲେଇ ଅନାଇ ଦେଖେ ତ—ଉପେନ୍ଦ୍ର ଆସି ଠିଆ ହୋଇଛି । ଲଜ୍ଜାରେ ଦୁଲେଇ ତଳକୁ ମୁହଁ ପୋତି ଦେଲା—ଓଢଣାଟି ତାଲୁ ଉପରକୁ ଖସେଇ ଆଣି ଚଞ୍ଚଳରେ । ଏଥର ଉପ ଭାଇକୁ କ'ଣ ବୋଲି ଡାକିବ—ସେଇ କଥାକୁ ବସି ଚିନ୍ତା କରିବାକୁ ଲାଗିଲା ଦୁଲେଇ ।

—"ଅରେ······ଲୁଚ ଗୋଟାଏ କଣି ? ମୋ ଅଭ୍‌କୁ ଅରେ ଅନେଇଲୁ ।" ······

ଉପେନ୍ଦ୍ର ନିଜ ହାତରେ ଦୁଲେଇର ମୁହଁରୁ ଓଢ଼ଣୀଟି କାଢି ଦେଇ କହିଲା ।

ଦୁଲେଇ କଜ୍ଜ୍ୱଳ ମଖା ଆଖି ଦୁଇଟିରେ ଉପେନ୍ଦ୍ରକୁ ଅନାଇ ଆଶ୍ଚର୍ଯ୍ୟରେ ଭାବିଲା—

—"ଉପଭାଇଙ୍କର ଆଜି ଏ ବେଶ କାହିଁକି ? ······ମୁହଁଟି ତାଙ୍କର ଶୁଖି ଯାଇଚି । ଆଠ ହାତ ସେଇ ଖଦଡ଼ ଧୋତି ଆଉ ଦେହରେ ସେଇ ତାଉଆ ରଙ୍ଗର ପାଞ୍ଜାବୀଟା—ବର ବେଶ କାଇଁ ତାଙ୍କର ?" ······

ଦୁଲେଇ ଅପଲକ ନୟନରେ ଉପେନ୍ଦ୍ର ଆଡ଼େ ଅନାଇ ରହିଲା ।

—"ରମାନାଥକୁ ତୁ ପସି ଭଲ ପାଉ ଦୁଲି ?"

ଉପେନ୍ଦ୍ର ମୁହଁରୁ ଏପରି କଥା ଶୁଣି ଲଜ୍ଜାରେ ଦୁଲେଇର ମୁହଁଟି ନାଲି ପଡ଼ିଗଲା ।

—"ସେଇ ଆଜି ବର ବେଶରେ ଅସିଛି ଦୁଲି !"

ଉପେନ୍ଦ୍ର ଥରିଲା ଗଳାରେ ଏତକ କହିଲା ।

—"ଉପ ଭାଇ ! ······ଉପେନ୍ଦ୍ରର ଛାତି ଉପରେ ମୁହଁଟି ଥୋଇ କାନ୍ଦି ଉଠିଲା ଦୁଲେଇ ।

ଉପେନ୍ଦ୍ର ଗଭୀର ସ୍ନେହ ଆଉ ମମତାରେ ଦୁଲେଇ ମୁଣ୍ଡରେ ହାତ ବୁଲେଇବାକୁ ଲାଗିଲା । ଅଜଣାରେ ଦୁଇ ଆଖିରୁ ତାର

ଦୁ’ ଫୋଟା ଲହୁ ଗଡ଼ି ପଡ଼ିଲା । ପକେଟରୁ ରୁମାଲ୍ ବାହାର କରି ଲହୁ ପୋଛୁ ପୋଛୁ ଉପେନ୍ଦ୍ର କହିଲା—

—“ଏଥର ତୋ ଖାଇବା ହାତର ଅଙ୍ଗୁଳି ମତେ ଦେଖେଇଲୁ ? ଜମିଦାର ବାବୁ ତ ତୋତେ ଅନେକ ଗହଣା ଦେଇଛନ୍ତି । ରମାନାଥ ମଧ୍ୟ କେତେ କିସମର ଗହଣା ତୋ ପାଇଁ ଆଣିଛି । ଏ ଗରିବ ଭାଇଟି ତୋତେ ଯାହା ଦେଉଛି—ସେତକ ନେଇ ଖୁସି ହେଲେ ମୁଁ ଶାନ୍ତି ପାଇବି । କହୁଁ କହୁଁ ଦୁଲେଇର ଅଙ୍ଗୁଳିରେ ସୁନା ମୁଦିଟିଏ ଉପେନ୍ଦ୍ର ପିନ୍ଧାଇ ଦେଲା । ମୁଦିରେ ଲେଖା ଥିଲା—ତୋର—“ଉପଭାଇ”

ମୁଦିଟି ପିନ୍ଧାଇ ଦେଉଥିବା ସମୟରେ ଉପେନ୍ଦ୍ର ଆଖିରୁ ଲହୁ ଦୁ’ ଫୋଟା ଦୁଲେଇ ହାତରେ ଖସି ପଡ଼ିଲା ।

ଦୁଲେଇ ଚମକି ପଡ଼ି ଉପେନ୍ଦ୍ର ମୁହଁକୁ ଅନାଇଲା । ଉପେନ୍ଦ୍ରର ଦୁଇ ଆଖିରୁ ଲହୁ ଧାର ଛୁଟୁଛି ।

ଦୁଲେଇ କମ୍ପିତ ଗଳାରେ ଡାକିଲା—

—“ଉପ ଭାଇ !” ......

—“କଣ କହ ?”

—“ତମେ କାନ୍ଦୁଛ ?”

—“ଏ ଲହୁତକ ମୋ ଆଖିରୁ ପୋଛି ନେବାକୁ କ’ଣ ଇଚ୍ଛା କରୁଛୁ ଦୁଲି ?”

ଉପେନ୍ଦ୍ର କାନ୍ଦି ଉଠିଲା ।

ଦୁଲେଇ ଲତାଟି ପରି ଉପେନ୍ଦ୍ରର କାନ୍ଧରେ ଛନ୍ଦି ହୋଇ କାନ୍ଦ କାନ୍ଦ ହୋଇ କହିଲା—

—"ତମ ଆଖିରେ ଲୁହ ଦେଖିଲେ ମୋ ମନରେ ଯେ କଷ୍ଟ ହେବ ଉପ ଭାଇ !"

ଉପେନ୍ଦ୍ର ଫିକା ହସ ଟିକିଏ ଅଧରେ କୋଣରେ ଟାଣି କହିଲା—

—"ପାଗଳୀ……ପିଲାଟି ଦିନରୁ ହସି ଖେଳି ମୋ'ର ପାଖରେ ବଢି ଆସିଛୁ—ତୁ ଆଜି ମୋତେ ଏକା ଛାଡି ଚାଲି ଯାଉଛୁ ……ମୁଁ କାନ୍ଦିବିନି ?"

ଉପେନ୍ଦ୍ର ଆଉ କିଛି କହି ପାରିଲାନି । କୋହ ଆଉ ବେଦନାରେ ଅନ୍ତର ତାର ଫାଟି ପଡ଼ିବାକୁ ଲାଗିଲା । ବେଶୀ ସମୟ ସେଠାରେ ଅପେକ୍ଷା ନ କରି ଚାଲି ଆସିଲା ସେ । ଦୁଲେଇ ଉପେନ୍ଦ୍ରର ଯିବା ବାଟକୁ ଅନାଇ ରହିଲା—ଆଖି ତାର ଲୁହରେ ଭରି ଯାଇଥିଲା ।

ଯଥା ରୀତିରେ ବିବାହ କାର୍ଯ୍ୟ ଶେଷ ହେଲା । ଗୋଟିଏ ବଳଦ ଗାଡିରେ ବର-କନ୍ୟା ବିଦା ହେଲେ । ସାଆନ୍ତାଣୀ ବର କନ୍ୟାଙ୍କୁ ବିଦାୟ ଦେଇ ଛଳ ଛଳ ଆଖିରେ ନିଜ ଘରକୁ ଫେରି ଆସିଲେ ।

ରମାନାଥ ଓ ଦୁଲେଇ ଉପେନ୍ଦ୍ର ଠାରୁ ଶେଷ ବିଦାୟ ନେଇ ବଳଦ ଗାଡ଼ିରେ ବସିଲେ ।

ଗାଆଁ ସେ ମୁଣ୍ଡର ତୋଟା ଆର ପାଖ ପାର ହୋଇ ବଳଦ ଗାଡିଟି ଆଗେଇ ଚାଲିଲା । —ଅଙ୍କା ବଙ୍କା ନାଲି ସଡ଼କ ଉପରକୁ ଏକ ଦୃଷ୍ଟିରେ ଅନାଇ ରହିଛି ଉପେନ୍ଦ୍ର ।………

କିଛି ବାଟ ଅଗକୁ ଯାଇ ବଳଦ ଗାଡ଼ିଟି ଲୁଚିଗଲା—ଉପେନ୍ଦ୍ର ଅଉ ଦେଖି ପାରିଲାନି—ସଡ଼କର ଗୋଟିଏ କଡ଼କୁ ମୁଣ୍ଡରେ ହାତ ଦେଇ ବସି ପଡ଼ିଲା। ପିପାସିତ ଆଖି ଦୁଇଟି ତାର ଅଉ ଥରେ ତାହାକୁ ଦେଖିବା ପାଇଁ ଖୋଜି ବୁଲିଲା—ମାତ୍ର ତାହାରିକୁ ଦେଖିବାକୁ ପାଇଲାନି ସେ। ଦୁଇ ଆଖିରୁ ଲୁହ ଟପ୍ ଟପ୍ ହୋଇ ଗଡ଼ି ପଡ଼ିଲା—ଅନ୍ତର ତାର କାନ୍ଦି ଉଠିଲା——

—ଶେଷ—

ନଂ 275
ତା 17 JUL 1959